
# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ମେ' ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, May 15/2023 | Page 16 ₹ 7.00 | DHENKANAL

୪୯ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 49 ISSUE 169 | ମୂଲ୍ୟ ₹୭/-





# କ୍ଷମା ମାଗିଲେ ନଭାଦ ଲାପିଡ୍

## ‘ଦି କଶ୍ମୀର ଫାଇଲ୍ସ’କୁ ଅଶ୍ଳୀଳ କହିଥିଲେ




**ନୂଆଦିଲ୍ଲୀ:** ବିବେକ ଅଗ୍ନିହୋତ୍ରୀଙ୍କ ବହୁଚର୍ଚ୍ଚିତ ଫିଲ୍ମ ‘ଦି କଶ୍ମୀର ଫାଇଲ୍ସ’କୁ ଗତବର୍ଷ ଏକ ପ୍ରୋପାଗଣ୍ଡା, ଅଶ୍ଳୀଳ ସିନେମା ଭାବେ ଅଭିହିତ କରି ବିବାଦୀୟ ହୋଇଥିବା ଇସ୍ରାଏଲୀ ପ୍ରଯୋଜକ ନଭାଦ ଲାପିଡ୍ ନିଜ ମନ୍ତବ୍ୟ ପାଇଁ ରବିବାର କ୍ଷମା ମାଗିଛନ୍ତି। ନଭାଦ କହିଛନ୍ତି, ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଥିଲା। କାହାକୁ ଅପମାନିତ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା। ତେବେ ତାକୁ ଯେପରି ଭାବେ ଉପସ୍ଥାପନ କରାଗଲା, ସେଥିପାଇଁ ସେ କ୍ଷମାପ୍ରାର୍ଥୀ ବୋଲି କହିଛନ୍ତି। ପ୍ରକାଶ ଯେ, ୧୯୯୦ ଦଶକରେ ଉପତ୍ୟକାରେ ଆତଙ୍କବାଦ ମୁଣ୍ଡ ଟେକିଥିବାବେଳେ କଶ୍ମୀର ପଣ୍ଡିତଙ୍କ ଗଣପଳାୟନ ଉପରେ ଆଧାରିତ ଏହି ଫିଲ୍ମ ୨୦୨୨ ମାର୍ଚ୍ଚ ୧୧ରେ ରିଲିଜ ହୋଇଥିଲା। ଗତବର୍ଷ ନଭେମ୍ବର ୨୦ରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ମୁଖ୍ୟ ଜୁରି ନଭାଦ ଲାପିଡ୍ ବିବାଦୀୟ ଫିଲ୍ମ ‘ଦି କଶ୍ମୀର ଫାଇଲ୍ସ’କୁ ଏକ ପ୍ରୋପାଗଣ୍ଡା, ଅଶ୍ଳୀଳ ସିନେମା ବୋଲି କହିଥିଲେ। ଏହି ସିନେମା ଏକ ପ୍ରତିଷ୍ଠିତ ଫିଲ୍ମ ମହୋତ୍ସବର କଳାତ୍ମକ ବର୍ଗରେ ସାମିଲ ହେବା ପାଇଁ ଉପଯୁକ୍ତ ନୁହେଁ ବୋଲି କହିଥିଲେ। ଲାପିଡ୍ଙ୍କ ଏହି ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଥିଲା।



# ୧୦୦ କୋଟି କ୍ଲବରେ ‘ଦି କେରଳା ଷ୍ଟୋରି’

**ମୁମ୍ବାଇ:** ବିବାଦୀୟ ଫିଲ୍ମ ‘ଦି କେରଳା ଷ୍ଟୋରି’ ରିଲିଜ ହେବାର ୯ ଦିନ ମଧ୍ୟରେ ବକ୍ସ ଅଫିସରେ ୧୧୨.୯୯ କୋଟି ଟଙ୍କା ଆୟ କରିସାରିଲାଣି। ପ୍ରଯୋଜନା ସଂସ୍ଥା ସନ୍‌ଶାଇନ୍ ପିକ୍ଚର୍ସ ପକ୍ଷରୁ ରବିବାର ଏନେଇ ସୂଚନା ଦିଆଯାଇଛି। କେବଳ ଶନିବାର ଏହି ଫିଲ୍ମ ୧୯.୫ କୋଟି ଟଙ୍କା ଆୟ କରିଛି। କେରଳରେ ହିନ୍ଦୁ ଓ ଖ୍ରୀଷ୍ଟିଆନ ମହିଳାମାନଙ୍କୁ ଧର୍ମାନ୍ତରଣ ପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦରେ ନିୟୋଜିତ କରାଯିବା କାହାଣୀ ଉପରେ ପର୍ଯ୍ୟବସିତ ‘ଦି କେରଳା ଷ୍ଟୋରି’କୁ ନେଇ ରାଜନୈତିକ ମହଲରେ ମଧ୍ୟ ବିବାଦ ଉଠିଛି। ଏହାର ପ୍ରଦର୍ଶନ ଉପରେ ପଶ୍ଚିମବଙ୍ଗ ସରକାର କଟକଣା ଜାରି କରିଥିବାବେଳେ ଭାଜପା ଶାସିତ ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି କେତେକ ରାଜ୍ୟ ଫିଲ୍ମକୁ ଟିକସମୁକ୍ତ କରିଛନ୍ତି। ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ତଥା ଭିପୁଲ ଶାହାଙ୍କ ପ୍ରଯୋଜିତ ଏହି ଫିଲ୍ମରେ ଆଦା ଶର୍ମା ଲିଡ୍ ରୋଲ୍‌ରେ ନଜର ଆସିଛନ୍ତି। ହିନ୍ଦୀ ଫିଲ୍ମ ‘ଦି କେରଳା ଷ୍ଟୋରି’ ଭାରତରେ ମେ’ ୫ରେ ମୁକ୍ତିଲାଭ କରିଥିବାବେଳେ ଗତ ୧୨ ତାରିଖରେ ୩୭ ଦେଶରେ ରିଲିଜ ହୋଇଥିଲା।




# ମୁଖ୍ୟମନ୍ତ୍ରୀ ବଛା ଚାଲିଛି, ୧୮ରେ ଶପଥ

## ଖାର୍ଗେଙ୍କ ଉପରେ ନିଷ୍ପତ୍ତି ଛାଡ଼ିଲା କର୍ନାଟକ ସିଏଲ୍‌ପି

**କର୍ନାଟକର ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିଷ୍ପତ୍ତି ନେବେ। ନୂଆ ନେତା ଚୟନ ପାଇଁ ବେଙ୍ଗାଲୁରୁର ଏକ ପଞ୍ଚତାରକା ହୋଟେଲରେ ବସିଥିବା କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ବୈଠକ ଏଥିପାଇଁ ସର୍ବସମ୍ମତିକ୍ରମେ ଖାର୍ଗେଙ୍କୁ କ୍ଷମତା ପ୍ରଦାନ କରିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଚୟନ ଚୂଡ଼ାନ୍ତ ହେବା ପୂର୍ବରୁ ଶପଥ ଗ୍ରହଣ ତାରିଖ ଘୋଷଣା କରାଯାଇଛି।**


ଡି.କେ. ଶିବକୁମାର


ସିଦ୍ଧାରାମାୟା

**ବେଙ୍ଗାଲୁରୁ, ୧୪।୫**

୨୨୪ ଆସନ ବିଶିଷ୍ଟ କର୍ନାଟକ ବିଧାନସଭାର ୧୩୫ ଆସନ ଦଖଲ କରିବା ପରେ କଂଗ୍ରେସ ନିର୍ବାଚନରେ ଭାଜପାକୁ ପରାଜିତ କରିଛି। କିନ୍ତୁ ଦଳ ଭିତରେ ଆଉ ଏକ ଲଢ଼େଇ ଚାଲିଛି। ତାହା ହେଲା ମୁଖ୍ୟମନ୍ତ୍ରୀ ପଦକୁ ନେଇ। କର୍ନାଟକ ପ୍ରଦେଶ କଂଗ୍ରେସ କମିଟି (କେପିସିସି) ସଭାପତି ଡି.କେ. ଶିବକୁମାର ଏବଂ ବିରୋଧୀ ଦଳ ନେତା ସିଦ୍ଧାରାମାୟାଙ୍କ ମଧ୍ୟରୁ ଜଣେ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବା ଏକପ୍ରକାର ନିଶ୍ଚିତ। ନାମ ଚୂଡ଼ାନ୍ତ କରିବା ପାଇଁ ବେଙ୍ଗାଲୁରୁର ଏକ ପଞ୍ଚତାରକା ହେଟେଲରେ ଆଲୋଚନା ହୋଇଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଯାହାଙ୍କ ନାମରେ ମୋହର ଦେବେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ବୈଠକରେ ସଂକଳ୍ପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀମାନେ ଗୁରୁବାର ଶପଥ ନେବେ ବୋଲି କଂଗ୍ରେସ ସୂତ୍ରରୁ ପ୍ରକାଶ। ଗାନ୍ଧୀ ପରିବାର ଓ ଖାର୍ଗେ ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବେ। କଂଗ୍ରେସ ସମସ୍ତ ସମଭାବାପନ୍ନ ଦଳକୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛି। କ୍ୟାବିନେଟର ଚୂଡ଼ାନ୍ତ ରୂପରେଖ ଦିନେଦୁଇଦିନ ମଧ୍ୟରେ ସାମ୍ନାକୁ ଆସିବ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ହେଉଛି।

ମିଳିଥିବା ସୂଚନାନୁସାରେ ସିଏଲ୍‌ପି ବୈଠକରେ ଏଆଇସିସି ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳଙ୍କ ସହ କଂଗ୍ରେସର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଶିନ୍ଦେ(ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ), ଜିତେନ୍ଦ୍ର ସିଂ (ଏଆଇସିସି ସାଧାରଣ ସମ୍ପାଦକ) ଏବଂ ଦୀପକ ବାବରିଆ (ପୂର୍ବତନ ସାଧାରଣ ସମ୍ପାଦକ) ଉପସ୍ଥିତ ଥିଲେ। ସେମାନେ ସିଦ୍ଧାରାମାୟା ଓ ଶିବକୁମାରଙ୍କ ସମେତ ଅନ୍ୟ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ମତାମତ ନେଇ ଏକ ସଙ୍କଳ୍ପନାମା ଗୃହୀତ ହୋଇଛି, ଯାହାକୁ ଏଆଇସିସି ଅଧ୍ୟକ୍ଷ ଖାର୍ଗେଙ୍କ ନିକଟରେ ଉପସ୍ଥାପନ କରାଯିବ। ଅନ୍ୟପକ୍ଷେ ଏହି ଆଲୋଚନା ବେଳେ ହୋଟେଲ ବାହାରେ ଉଭୟ ଶିବକୁମାର ଓ ସିଦ୍ଧାରାମାୟା ଗୋଷ୍ଠୀର ବିଧାୟକମାନେ ନିଜ ନିଜ ନେତାଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଇତିମଧ୍ୟରେ ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଗ୍ରହୀ ଥିବା ସଙ୍କେତ ଦେଇଛନ୍ତି। ସେ ଦଳ ପାଇଁ ଅନେକ ଥର ତ୍ୟାଗ କରି ସିଦ୍ଧାରାମାୟାଙ୍କ ସହ ରହିଆସିଥିବା କହିଛନ୍ତି। ସିଦ୍ଧାରାମାୟାଙ୍କ ସମର୍ଥକ ତାଙ୍କ ବେଙ୍ଗାଲୁରୁ ବାସଭବନରେ ପୋଷ୍ଟର ଲଗାଇଛନ୍ତି, ଯହିଁରେ ଏହି ଷ୍ଟଲୱାର୍ଟଙ୍କୁ କର୍ନାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ପ୍ରଦର୍ଶିତ କରାଯାଇଛି। ସୋମବାର ୬୧ ବର୍ଷରେ ପଦାର୍ପଣ କରିବାକୁ ଥିବା ଶିବକୁମାରଙ୍କ ବାସଭବନ ବାହାରେ ମଧ୍ୟ ଜନ୍ମଦିନର ଶୁଭେଚ୍ଛା ବାର୍ତ୍ତା ସହ କର୍ନାଟକର ନୂଆ ମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ କରାଯାଇଛି। ବିଦାୟୀ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କଂଗ୍ରେସର ଦୁଇ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଇତିମଧ୍ୟରେ ହରପାନହାଲ୍ଲିର ନବନିର୍ବାଚିତ ସ୍ୱାଧୀନ ବିଧାୟିକା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଏମ୍.ପି. ପ୍ରକାଶଙ୍କ ଝିଅ ଲତା ମଲ୍ଲିକାର୍ଜୁନ କଂଗ୍ରେସକୁ ନିଃସର୍ତ୍ତ ସମର୍ଥନ ଘୋଷଣା କରିଛନ୍ତି।

# ବିଷାକ୍ତ ମଦ ପିଇ ୫ ମୃତ

**ଭିଲୁପୁରମ୍, ୧୪।୫**

ତାମିଲନାଡୁ ମାରାକାନମସ୍ଥିତ ଇକିୟାର୍କୁପ୍ପାମରେ ବିଷାକ୍ତ ମଦ ପିଇ ଜଣେ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୬ ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାରେ ୪ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ବିଷାକ୍ତ ମଦ ପିଇ ଅସୁସ୍ଥ ହେବା ପରେ ୫ ମୃତକଙ୍କୁ ପ୍ରଥମେ ଶନିବାର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ଅନ୍ୟ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତି ନେଇ ଜଣଙ୍କୁ ପୋଲିସ ଗିରଫ କରିଛି। ଶନିବାର ପ୍ରାଣ ହରାଇଥିବା ୩ ଜଣଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।






ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ବର୍ଲିନରେ ସେନା ପକ୍ଷରୁ ଅଭିବାଦନ ଜଣାଯାଉଛି। ଏହି ଗସ୍ତ ବେଳେ ଜେଲେନ୍‌ସ୍କି ଜର୍ମାନୀକୁ ପ୍ରକୃତ ବନ୍ଧୁ ଭାବେ ଅଭିହିତ କରି କହିଛନ୍ତି, ଯୁଦ୍ଧରେ ରୁଷିଆର ପରାଜୟକୁ ଆମେ ସୁନିଶ୍ଚିତ କରିପାରିବା।

# ଦେଶରେ ଶୀଘ୍ର ଲାଗୁ ହେବ ୟୁସିସି: ବିଶ୍ୱଶର୍ମା

**ହାଇଦ୍ରାବାଦ, ୧୪।୫**

ଭାରତରେ ଶୀଘ୍ର ସମାନ ଦେୱାନୀ ସଂହିତା (ୟୁସିସି) ଲାଗୁ ହେବ। ଏଥିସହ ବହୁ ବିବାହ ପ୍ରଥା ମଧ୍ୟ ଉଚ୍ଛେଦ କରାଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ସୂଚନା ଦେଇଛନ୍ତି। ତେଲଙ୍ଗାନା ଭାଜପା ସଭାପତି ତଥା ଲୋକ ସଭା ସଦସ୍ୟ ବନ୍ଦି ସଞ୍ଜୟ କୁମାରଙ୍କ ଦ୍ୱାରା କରିମନଗରରେ ଆୟୋଜିତ ‘ହିନ୍ଦୁ ଏକତା ଯାତ୍ରା’କୁ ସମ୍ବୋଧିତ କରି ବିଶ୍ୱଶର୍ମା କହିଛନ୍ତି, ଦେଶରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ୪ ଜଣ ମହିଳାଙ୍କୁ ବିବାହ କରିପାରିବେ ବୋଲି ମନେକରନ୍ତି। କିନ୍ତୁ ସେମାନେ ଆଗକୁ ସେପରି କରିପାରିବେ ନାହିଁ। ସେଦିନ ବେଶି ଦୂର ନୁହେଁ, ଯେତେବେଳେ ସାରା ଦେଶରେ ୟୁସିସି ଲାଗୁ ହେବ। ସେତେବେଳେ ଭାରତ ମଧ୍ୟ ଏକ ବାସ୍ତବ ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ ହେବ।




# ଯୁଦ୍ଧଜାହାଜରୁ ବ୍ରହ୍ମୋସ୍ ମିଶାଇଲ ପରୀକ୍ଷା

**ନୂଆଦିଲ୍ଲୀ, ୧୪।୫:** ନୌସେନାର ଫ୍ରଣ୍ଟଲାଇନ୍ ଗାଇଡେଡ୍ ମିଶାଇଲ ଡେଷ୍ଟ୍ରୋୟର ଆଇଏନ୍ଏସ୍ ମୋର୍ମୁଗାଓରୁ ବ୍ରହ୍ମୋସ୍ ସୁପରସୋନିକ ମିଶାଇଲର ସଫଳ ପରୀକ୍ଷଣ କରାଯାଇଛି। ଜାହାଜ ଏବଂ ଅସ୍ତ୍ର ଦୁଇଟିଯାକ ଭାରତରେ ନିର୍ମାଣ କରାଯାଇଥିବାବେଳେ ଆତ୍ମନିର୍ଭର ଭାରତ ଅଭିଯାନ ପାଇଁ ଏହା ଆଉ ଏକ ସଫଳତା। ସମୁଦ୍ରରେ ଭାରତୀୟ ନୌସେନା ଶକ୍ତି ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



# ବାଂଲାଦେଶ-ମ୍ୟାନ୍‌ମାରରେ ମୋଚା ତାଣ୍ଡବ



ବାଂଲାଦେଶର ଟେକ୍‌ନାଫରେ ରବିବାର ଝଡ଼ରେ ଭାଙ୍ଗି ପଡ଼ିଥିବା ଗଛକୁ ଉଦ୍ଧାରକାରୀ ଦଳ ରାସ୍ତାରୁ ହଟାଉଛନ୍ତି।

**ଢାକା, ୧୪।୫**

ମ୍ୟାନ୍‌ମାର- ବାଂଲାଦେଶ ତଟରେ ରବିବାର ଅପରାହ୍ନରେ ବାତ୍ୟା ମୋଚା ଲ୍ୟାଣ୍ଡଫଲ୍ କରିଛି। ସ୍ଥାନୀୟ ଅଞ୍ଚଳରେ ୧୮୦ରୁ ୨୧୦ କି.ମି. ପ୍ରତି ଘଣ୍ଟାରେ ପବନ ବହୁଥିବାବେଳେ ଲଗାଣ ବର୍ଷା ଜାରି ରହିଛି। ବଙ୍ଗୋପସାଗର ଆଖପାଖ ଅଞ୍ଚଳରେ ବନ୍ୟାସ୍ଥିତି ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବାଂଲାଦେଶରେ ଗତ ୨୦ ବର୍ଷ ମଧ୍ୟରେ ଏହା ସବୁଠାରୁ ଶକ୍ତିଶାଳୀ ବାତ୍ୟା ବୋଲି ଆକଳନ କରାଯାଇଛି। ବାଂଲାଦେଶରେ ୫ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କୋକ୍ସ ବଜାରରେ ଥିବା ବିଶ୍ୱର ସବୁଠୁ ବିଶାଳ ଶରଣାର୍ଥୀ ଶିବିର ନଷ୍ଟ ହେବାର ଭୟ ରହିଛି। ମୋଚାଜନିତ କ୍ଷୟକ୍ଷତି ନେଇ ସ୍ଥାନୀୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ଅନ୍ୟପକ୍ଷେ ମୋଚା ପ୍ରଭାବରେ ମ୍ୟାନ୍‌ମାରର ସିଟୱେ ସହର ସମେତ ଅନେକ ଅଞ୍ଚଳରେ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି। ମ୍ୟାନ୍‌ମାର୍‌ରେ ଗଛ ପଡ଼ିବା ଯୋଗୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଉଦ୍ଧାରକାରୀ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ରାସ୍ତା ଜଳାର୍ଣ୍ଣବ ପାଲଟିଥିବାବେଳେ ବିଦ୍ୟୁତ୍ ସରବରାହ, ୱାଇ-ଫାଇ କନେକ୍ସନ୍ ବାଧାପ୍ରାପ୍ତ ହୋଇଛି। ବାତ୍ୟା ଯୋଗୁ ଅନେକ ଘର, ମୋବାଇଲ ଟାୱାର, ବିଦ୍ୟୁତ୍ ଟାୱାର ନଷ୍ଟ ହୋଇପଡ଼ିଥିବା ମ୍ୟାନ୍‌ମାର ମିଲିଟାରି ପକ୍ଷରୁ କୁହାଯାଇଛି। ବିଶେଷ କରି ସିଟୱେ, କ୍ୟାଉକ୍‌ଫ୍ୟୁ ଏବଂ ଗୱାରେ ସହରରେ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସିଟୱେ ସହରର ୪ ହଜାର ଲୋକଙ୍କ ସମେତ ମୋଟ ୩ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମୋଚା ପ୍ରଭାବରେ ମ୍ୟାନ୍‌ମାରରେ ଭୂସ୍ଖଳନ ଯୋଗୁ ୨ ମିଲିୟନ୍ ଲୋକଙ୍କ ଜୀବନ ବିପଦରେ ଥିବା ମିଲିଟାରି ପକ୍ଷରୁ ସୂଚନା ଦିଆଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ' ୧୫/୨୦୨୩ | Bhubaneswar, Monday, May 15/2023 | ପୃଷ୍ଠା-୧




**ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ**

ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୧

୦୬

**ସଲମାନ୍‌ଙ୍କୁ ଜରିନ୍‌ଙ୍କ ପ୍ରଶଂସା**

ବଲିଉଡ୍ ଅଭିନେତା ସଲମାନ୍ ଖାନ୍ ଅଭିନେତ୍ରୀ ଜରିନ୍ ଖାନ୍‌ଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାକୁ ସୁଯୋଗ ଦେଇଥିବାରୁ ଏକ ସାକ୍ଷାତ୍‌କାରରେ ଜରିନ୍ ସଲମାନ୍‌ଙ୍କୁ ପ୍ରଶଂସା କରିଛନ୍ତି।





କଟକ ଆର୍ଟିଷ୍ଟ ସଙ୍ଗଠନ ପକ୍ଷରୁ ରବିବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ନିକଟରେ 'ନୋ ମୋବାଇଲ ଡେ' ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀକୁ ଦର୍ଶକ ବୁଲି ଦେଖୁଛନ୍ତି। **(ଫଟୋ-ରାଜକିଶୋର)**

# ଦଶମରେ ୯୮.୯୪, ଦ୍ୱାଦଶରେ ୯୬.୯୩% ପାସ୍



ପ୍ରିୟଙ୍କା ପରାଶର



ବିଷ୍ଣୁ ଶତପଥୀ



ଦିଶା ଗୋଏଲ

## ପ୍ରକାଶ ପାଇଲା ଆଇସିଏସ୍‌ଇ ଓ ଆଇଏସ୍‌ସି ପରୀକ୍ଷାଫଳ

- **ରାଜ୍ୟରେ ପ୍ରିୟଙ୍କା ଓ ବିଷ୍ଣୁ ଦଶମ ଯୁଗ୍ମ ଟପ୍ପର (୯୯.୪୦%)**
- **ଦିଶା ଗୋଏଲ ଦ୍ୱାଦଶ ଟପ୍ପର (୯୮.୨୬%)**

ଭୁବନେଶ୍ୱର,୧୪।୫(ବ୍ୟୁରୋ)

କାଉନ୍‌ସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ବୋର୍ଡ ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଦଶମ ପାସ୍ ହାର ୯୮.୯୪ ପ୍ରତିଶତ ରହିଥିଲାବେଳେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପାସ୍ ହାର ୯୬.୯୩ ପ୍ରତିଶତ ରହିଛି। ଦେଶରୁ ଆଇସିଏସ୍‌ଇରେ ୯ଜଣ ର୍‍ୟାଙ୍କ-୧ ଓ ଆଇଏସ୍‌ସିରେ ୫ଜଣ ର୍‍ୟାଙ୍କ-୧ରେ ରହିଛନ୍ତି। ଅନ୍ୟପଟେ ଓଡ଼ିଶାରେ ଉଭୟ ପରୀକ୍ଷାଫଳ ବେଶ୍ ଉତ୍ସାହଜନକ ଥିବା ଜଣାପଡ଼ିଛି। ଆଇସିଏସ୍‌ସି ଦଶମରେ ଭୁବନେଶ୍ୱରର ପ୍ରିୟଙ୍କା ପରାଶର ଓ ଛତ୍ରପୁରର ବିଷ୍ଣୁ ଶତପଥୀ ୯୯.୪୦% ମାର୍କ ରଖି ଯୁଗ୍ମ ଭାବେ ଓଡ଼ିଶା ଟପ୍ପର ହୋଇଛନ୍ତି। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଉରକେଲାର ଦିଶା ଗୋଏଲ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ୯୮.୨୬% ମାର୍କ ରଖିଛନ୍ତି। ଉଭୟ ପରୀକ୍ଷାରେ ଛାତ୍ରୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଦଶମରେ ଝିଅଙ୍କ ପାସ୍ ହାର ୯୯.୨୧ ପ୍ରତିଶତ ଓ ପୁଅଙ୍କ ପାସ୍ ହାର ୯୮.୭୧ ପ୍ରତିଶତ ରହିଛି। ସେହିପରି ଦ୍ୱାଦଶରେ ଝିଅଙ୍କ ପାସ୍ ହାର ୯୮.୦୧ ପ୍ରତିଶତ ଥିବାବେଳେ ପୁଅଙ୍କ ପାସ୍ ହାର ୯୫.୯୬ ପ୍ରତିଶତ ରହିଛି।

ଆଇସିଏସ୍‌ଇ ଦଶମରେ ୱେଷ୍ଟର୍ନ ରିଜିଅନରେ ପାସ୍ ହାର ସର୍ବାଧିକ ୯୯.୮୧ ପ୍ରତିଶତ ରହିଥିବାବେଳେ ଏହା ପଛକୁ ସାଉଥ୍ ରିଜିଅନରେ ପାସ୍ ହାର ୯୯.୬୯ ପ୍ରତିଶତ, ନର୍ଥ ରିଜିଅନରେ ୯୮.୬୫ ପ୍ରତିଶତ, ଇଷ୍ଟ ରିଜିଅନ୍‌ରେ ୯୮.୪୭ ପ୍ରତିଶତ ଓ ଫରେନ ରିଜିଅନ୍‌ରେ ୯୨.୮୬ ପ୍ରତିଶତ ପାସ୍ ହାର ରହିଛି। ତେବେ ସାଉଥ୍ ରିଜିଅନରେ ସର୍ବାଧିକ ୪୯.୬୧ ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ।

ସେହିଭଳି ଆଇଏସ୍‌ସି ଦ୍ୱାଦଶରେ ସାଉଥ୍ ରିଜିଅନରେ ପାସ୍ ହାର ସର୍ବାଧିକ ୯୯.୨୦ ପ୍ରତିଶତ ରହିଛି। ଏହାପଛକୁ ଫରେନ ରିଜିଅନରେ ପାସ୍ ହାର ୯୯.୦୪ ପ୍ରତିଶତ, ୱେଷ୍ଟ ରିଜିଅନ୍‌ରେ ୯୮.୩୪ ପ୍ରତିଶତ, ଇଷ୍ଟ ରିଜିଅନ୍‌ରେ ୯୬.୬୩ ପ୍ରତିଶତ ରହିଥିବାବେଳେ ନର୍ଥ ରିଜିଅନରେ ସର୍ବନିମ୍ନ ପାସ୍ ହାର ୯୬.୫୧ ପ୍ରତିଶତ ରହିଛି। ତେବେ ସାଉଥ୍ ରିଜିଅନରେ ସର୍ବାଧିକ ୫୧ ପ୍ରତିଶତ ଝିଅ ପରୀକ୍ଷା ଦେଇଥିଲେ।

ଆଇସିଏସ୍‌ଇ ଦଶମରେ ର୍‍ୟାଙ୍କ-୧ରେ ଥିବା ୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାମଶେଦପୁରର ରୁସିଲ କୁମାର, ବେଙ୍ଗାଲୁରୁର ଅନନ୍ୟା କାର୍ତ୍ତିକ, ମୁମ୍ବାଇର ଶ୍ରେୟା ଉପାଧ୍ୟାୟ, ଅଭୟ ସରଦେଶାଇ, ତନୟ ସୁଶୀଲ ଶାହ, ଥାଣେର ୟଶ ମନିଷ୍ ଭାଷେଁ, ପୂର୍ବ ମାଳଦର ହିୟା ସାଂଘଭୀ, ଆଗ୍ରାର ଅଭିଶୀ ସିଂହ ଓ ପୂର୍ବ ବର୍ଦ୍ଧମାନର ସମ୍ପିତ ମୁଖୋପାଧ୍ୟାୟ ୪୯୯ (୯୯.୮%) ମାର୍କ ରଖିଛନ୍ତି। ଆଇଏସ୍‌ସି ଦ୍ୱାଦଶରେ ର୍‍ୟାଙ୍କ-୧ରେ ଥିବା ୫ଜଣଙ୍କ ମଧ୍ୟରେ ଗୁଆହାଟୀର ରିଆ ଅଗ୍ରୱାଲ, ଥାଣେର ଇପ୍‌ସିତା ଭଟ୍ଟାଚାର୍ଯ୍ୟ, ☞ପୃଷ୍ଠା-୨

# ପ୍ରବୀଣ ସୁଦ୍ ସିବିଆଇ ନିର୍ଦ୍ଦେଶକ



ନୂଆଦିଲ୍ଲୀ,୧୪।୫

କର୍ନାଟକ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପ୍ରବୀଣ ସୁଦ୍‌ଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଥିବା ନେଇ ରବିବାର ଏକ ସରକାରୀ ବିବୃତିରେ କୁହାଯାଇଛି। ବର୍ତ୍ତମାନର ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲ ମେ' ୨୫ରେ ଅବସର ନେବେ। ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ୫୯ ବର୍ଷୀୟ ପ୍ରବୀଣଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ। ୧୯୮୬ ବ୍ୟାଚ କର୍ନାଟକ କ୍ୟାଡରର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ପ୍ରବୀଣ ଜୟସ୍ୱାଲଙ୍କ ପରେ ଦେଶର ବରିଷ୍ଠତମ ଆଇପିଏସ୍ ଅଫିସର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ବସିବା ପରେ ସିବିଆଇ ପ୍ରବୀଣଙ୍କୁ ମୁଖ୍ୟ ପଦରେ ଅବସ୍ଥାପିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରବୀଣଙ୍କ ନାମକୁ ନେଇ ଅଧୀର ଉକ୍ତ ବୈଠକରେ ବାରମ୍ବାର ଆପତ୍ତି ଉଠାଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଅପ୍ରତ୍ୟାଶିତ ଫଳାଫଳ

# ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ

## ଆଇଟିଆଇ ଶିକ୍ଷକଙ୍କ ସମେତ ୩ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ନୟାଗଡ଼ ଅଫିସ/ବରୀ (ଡି.ଏନ୍.ଏ.), ୧୪।୫

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ କରିବା ଅଭିଯୋଗରେ ଓଡ଼ିଶାର ଜଣେ ଆଇଟିଆଇ ଶିକ୍ଷକଙ୍କ ସମେତ ୩ଜଣଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ଅଭିଯୁକ୍ତମାନେ କାଗଜପତ୍ର ଜାଲିଆତି କରି ଓଡ଼ିଶା ଲୋକଙ୍କ ନାଁରେ ସିମ୍ ଆଣିଥିଲେ। ତାହାକୁ ବ୍ୟବହାର କରି ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାରିଂ କରୁଥିଲେ। ଏଥିରୁ ସେମାନେ ବିପୁଳ ଟଙ୍କା ପାଉଥିଲେ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ବଡ଼ପଣ୍ଡୁସର ଗ୍ରାମର ଆଇଟିଆଇ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଦଶପଲ୍ଲା ଥାନା ଅନ୍ତର୍ଗତ ପୋଇବାଡ଼ି ଗ୍ରାମର ସରୋଜ କୁମାର ନାୟକ ଓରଫ ଅମିତ (୨୬) ଓ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ସୌମ୍ୟ ପଟ୍ଟନାୟକ (୧୯)। ଏସ୍‌ଟିଏଫ୍ ଅଭିଯୁକ୍ତଠାରୁ ୧୯ ଦାମୀ ମୋବାଇଲ, ୪୭ ସିମ୍ କାର୍ଡ, ୬୧ ଏଟିଏମ୍ କାର୍ଡ ଓ ୨୩ ସିମ୍ କଭରକୁ ଜବତ କରିଛି। ଏସ୍‌ଟିଏଫ୍ ଟିମ୍ ଶନିବାର ନୟାଗଡ଼ ଓ ଯାଜପୁରରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ନଂ.୧୦/୨୦୨୩ ନମ୍ବର ମାମଲାରେ ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍‌ର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଅନ୍ୟ ନାଁରେ ମୋବାଇଲ ସିମ୍ ଆଣି ଓଟିପି ଶେୟାର କରିବାରେ ଦେଶବ୍ୟାପୀ ଏକ ବଡ଼ ☞ପୃଷ୍ଠା-୨

### ଓଟିପି ନେଇ କ'ଣ କରନ୍ତି

ଭାରତୀୟଙ୍କ ନାଁରେ ଥିବା ସିମ୍‌ଗୁଡ଼ିକୁ ୩ ଗିରଫ ଅଭିଯୁକ୍ତଙ୍କ ଭଳି ଦେଶର ବିଭିନ୍ନ ସ୍ଥାନରେ ସାଇବର ଅପରାଧୀମାନେ ବ୍ୟବହାର କରୁଛନ୍ତି। ସେମାନଙ୍କଠାରୁ ଆଇଏସ୍‌ଆଇ ଏଜେଣ୍ଟମାନେ ଓଟିପି ନେଇ ଦେଶ ବିରୋଧୀ କାର୍ଯ୍ୟ କରୁଛନ୍ତି। ସେମାନେ ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍‌ରେ ଆକାଉଣ୍ଟ ଖୋଲି ତା'ମାଧ୍ୟମରେ ଆତଙ୍କବାଦୀଙ୍କ ସହ ବାର୍ତ୍ତାଳାପ କରିପାରୁଛନ୍ତି। ସେହିପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର୍ ଆଦି ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ଭାରତ ବିରୋଧୀ ପ୍ରଚାର, ଗୁପ୍ତଚରଗିରି, ହନିଟ୍ରାପ୍, ଠକେଇ ଭଳି କାର୍ଯ୍ୟ କରିପାରୁଛନ୍ତି। ଶଫିଂ ଆପ୍ ଜରିଆରେ ସେମାନେ ଆତଙ୍କବାଦୀଙ୍କ ପାଖକୁ ସାମଗ୍ରୀ ପଠାଇବାରେ ସକ୍ଷମ ହେଉଛନ୍ତି ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# ଓଡ଼ିଶାରେ ପହଞ୍ଚିଲେ ୨୦ ଦେଶର ପ୍ରତିନିଧି

## ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ

ଭୁବନେଶ୍ୱର, ୧୪।୫ (ବ୍ୟୁରୋ)

ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକରେ ଅଂଶ ଗ୍ରହଣ କରିବା ଲାଗି ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ବୈଠକରେ ୪ଟି ପ୍ରାଥମିକତା କ୍ଷେତ୍ର ଯଥା- ସାଂସ୍କୃତିକ ସମ୍ପତ୍ତିର ସଂରକ୍ଷଣ ଓ ପୁନଃ ପ୍ରତିଷ୍ଠା, ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ, ସଂସ୍କୃତି ଓ ସୃଜନଶୀଳ ଉଦ୍ୟୋଗ ଓ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଉପରେ ଆଲୋଚନା କରାଯିବ। ବୈଠକ ଅବସରରେ ରବିବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀ ଯୋଗଦେଇ, ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ ☞ପୃଷ୍ଠା-୨

# ନୀଳରକ୍ତରୁ ଦାମୀ ଔଷଧ, କଙ୍କଡ଼ା ବିଲୁପ୍ତପ୍ରାୟ

**ସାମୁଦ୍ରିକ ଜୀବ ନୀଳରକ୍ତ କଙ୍କଡ଼ା ପୃଥିବୀର ବିରଳ ଓ ପୁରାତନ। ୪୫୦୦ ବର୍ଷ ପୂର୍ବରୁ ଆଜିଯାଏଁ ପ୍ରକୃତିର ସମସ୍ତ ପ୍ରତିକୂଳ ସ୍ଥିତିରେ ବଞ୍ଚି ରହିବା ସହ 'ଲିଭିଙ୍ଗ ଫସିଲ' (ଜୀବନ୍ତ ଜୀବାଶ୍ମ) ଭାବରେ ପରିଚିତ। ସାମୁଦ୍ରିକ ଜୀବମାନଙ୍କ ଉତ୍ତମ ସ୍ଥିତି ଓ ଖାଦ୍ୟ ଶୃଙ୍ଖଳା ରକ୍ଷା କରିବାରେ ଏମାନଙ୍କ ଅବଦାନ ଅତୁଳନୀୟ। ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି। ପୃଥିବୀର ଆମେରିକା ଓ ଏସିଆ ମହାଦେଶରେ ଏହା କେବଳ ଦେଖିବାକୁ ମିଳିଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନର ଅଗ୍ରଗତିରେ ଏହି କଙ୍କଡ଼ା ବିଶେଷଭାବେ ସହାୟକ ହୋଇ ଆସିଛି। ଏହାର ରକ୍ତକୁ ଏଣ୍ଡୋଟକ୍ସିନରେ ବ୍ୟବହାର କରାଯାଉଛି। ହେଲେ ରକ୍ତର ବ୍ୟବହାର ଏବଂ ସୁରକ୍ଷା ଅଭାବରୁ ଏହା କ୍ରମେ ବିରଳ ହେବାରେ ଲାଗିଛି।**

ମାନସ ବିଶ୍ୱାଳ

ବାଲେଶ୍ୱର ଅଫିସ,୧୪।୫



ଜଳଜୀବ ଉପକାରୀ କଙ୍କଡ଼ା (ନୀଳରକ୍ତ କଙ୍କଡ଼ା) କେବଳ ଆମେରିକା ଓ ଏସିଆ ମହାଦେଶରେ ହିଁ ଦେଖିବାକୁ ମିଳିଥାନ୍ତି। ଏହା ୪ପ୍ରଜାତିର ହୋଇଥିବାବେଳେ ଭାରତରେ ଦୁଇ ପ୍ରଜାତିର ଦେଖାଯାଇଥାନ୍ତି। ବିଶେଷକରି ନୀଳରକ୍ତ କଙ୍କଡ଼ା ବଙ୍ଗୋପସାଗର ଉପକୂଳରେ ବିଶେଷଭାବେ ଦେଖିବାକୁ ମିଳିଥାଏ। ନଦୀ ଓ ସମୁଦ୍ରର ମିଶ୍ରଣ ସ୍ଥାନ ଯଥା ପଶ୍ଚିମବଙ୍ଗର ସୁନ୍ଦରବନ, ଦୀଘା ଏବଂ ଓଡ଼ିଶାର ଉଦୟପୁର, ତାଳସାରୀ, ବିଚିତ୍ରପୁର, ଦୁବୁଲାଗଡ଼ି, ବଳରାମଗଡ଼ି, ଖଣ୍ଡିଆ ମୁହାଣ, ଖପରା ମୁହାଣ ସମେତ ଭିତରକନିକାରେ ମଧ୍ୟ ନୀଳରକ୍ତ କଙ୍କଡ଼ା ଦେଖା ଯାଇଥାନ୍ତି। ସ୍ତ୍ରୀ ଓ ପୁରୁଷ ଯୋଡ଼ି ହୋଇ ନଦୀ ମୁହାଣଗୁଡ଼ିକରେ ନରମ ବାଲୁକା ଶଯ୍ୟାରେ ଅଣ୍ଡା ଦେବାକୁ ଆସିଥାନ୍ତି। ସ୍ଥାନୀୟ ଲୋକେ ଏଗୁଡ଼ିକୁ ଲକ୍ଷ୍ମଣ ପାତିଆ, କାଙ୍କ, କକୁଆ, ଟେଳୀ, ରାମଲିଖନ ମଧ୍ୟ କୁହନ୍ତି। ଏହାର ରକ୍ତ ନୀଳବର୍ଣ୍ଣର ହୋଇଥିବାରୁ ଏହାକୁ ନୀଳରକ୍ତ କଙ୍କଡ଼ା କୁହାଯାଏ। ଦେଖିବାକୁ ଅଶ୍ୱଖୁରା କୃତି ଭଳି ହୋଇଥିବାରୁ ଏହାର ବୈଜ୍ଞାନିକ ନାମ 'ହର୍ସ ସୁ କ୍ରାବ'। ଆମେରିକାରୁ ମିଳିଥିବା ତଥ୍ୟରୁ ନୀଳରକ୍ତ କଙ୍କଡ଼ାର ରକ୍ତକୁ ପରୀକ୍ଷା କରି ବହୁ ମୂଲ୍ୟବାନ ଔଷଧୀୟ ଗୁଣ ମିଳିଛି, ଯାହା ମାନବଜାତିର ମଙ୍ଗଳ ପାଇଁ କାର୍ଯ୍ୟରେ ଲାଗୁଛି। ବିଶ୍ୱରେ ଏହା ଉପରେ ଗବେଷଣା ଜାରି ରହିଛି। ବହୁ ପୂର୍ବରୁ ଆମେରିକା, ଚାଇନା, ଜାପାନ, ଇଣ୍ଡୋନେସିଆ ଆଦି ଦେଶରେ ଏହି ନୀଳରକ୍ତ କଙ୍କଡ଼ା ଉପରେ ଗବେଷଣା ଆରମ୍ଭ ହୋଇଥିବା ବେଳେ ଭାରତରେ ପ୍ରାୟ ୮୦ଦଶକରୁ ଗବେଷଣା ଚାଲିଛି। ଏହାର ପ୍ରମୁଖ ଭୂମିକା ଡ. ଅନିଲ ଚାଟାର୍ଜୀ ନେଇଥିବାବେଳେ ଓଡ଼ିଶାରେ ପ୍ରଫେସର ଡ. ଜୟନ୍ତ କୁମାର ମିଶ୍ର ଗବେଷଣା ଆରମ୍ଭ କରିଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନର ଅଗ୍ରଗତିରେ ଏହି କଙ୍କଡ଼ା ବିଶେଷ ସହାୟକ ହୋଇଛି। ଏଣ୍ଡୋଟକ୍ସିନ୍ ☞ପୃଷ୍ଠା-୨




ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୫ ମେ', ୨୦୨୩

**ଆଜିର ମନ୍ତବ୍ୟ**

ଜି-୨୦ ବୈଠକ ଜରିଆରେ ଭାଜପା ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ଚଳାଇଛି। ଦେଶରେ ସାର୍କ ସମିଟ୍ ଆୟୋଜନ କରି ବୈଶ୍ୱିକ ସମସ୍ୟା ସମ୍ପର୍କରେ ଆଲୋଚନା ଦ୍ୱାରା ଭାରତ ବିଶ୍ୱଗୁରୁ ହୋଇପାରିବ। – **ମେହବୁବା ମୁଫ୍ତି, ପିଡିପି ମୁଖ୍ୟ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୋଜିଲା ବାଟ ହଜାରେ,**
**ହଜିବା ବାଟ ଗୋଟାଏ।**

ସାଧାରଣତଃ କୌଣସି ଜିନିଷଟିଏ ହଜିଗଲେ ମନରେ ବ୍ୟସ୍ତତା ଭାବ ଆସିଯାଇଥାଏ। ଏଭଳି ସ୍ଥିତିରେ ଏହାକୁ ପାଇବା ପାଇଁ ବ୍ୟକ୍ତିଟି ବିଭିନ୍ନ ସ୍ଥାନରେ ଅନୁସନ୍ଧାନ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖରାକୁ ମରେ, ବର୍ଷାକୁ ଡରେ**
**ଶୀତକୁ ନୁହେଁ ମୁଁ ବାହାର;**
**ଏମନ୍ତ ଜନ ମୁଁ କେମିତି ବଞ୍ଚିବି,**
**କିଏ ଆଣି ଦବ ଆହାର ?**

ଖରା, ବର୍ଷା ଓ ଶୀତ କୁ ଡରି ବା ଆଳ ଦେଖାଇ କୌଣସି କାମଧନ୍ଦା କରୁ ନ ଥିବା ବ୍ୟକ୍ତି ସାଧାରଣତଃ ଅଳସୁଆ ପ୍ରକୃତିର ହୋଇଥାନ୍ତି। ଏପରି ବ୍ୟକ୍ତିଙ୍କୁ ଆହାର ମିଳିବା କଷ୍ଟକର ହୋଇପଡିଥିବା ବେଳେ ଅଳସୁଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅଳିଆଗଦାରୁ ଅଗ୍ନିକାଣ୍ଡ: ୧୦ ଲକ୍ଷର ପାଇପ୍ ଜଳିଗଲା

**ବ୍ରହ୍ମପୁର ଅଫିସ, ୧୪।୫**

ଅଳିଆଗଦାରୁ ଅଗ୍ନିକାଣ୍ଡ ଘଟି ରବିବାର ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍ଏନ୍ଏଲ) ଗୋଦାମରେ ମହଜୁଦ ଥିବା ଲକ୍ଷାଧିକ ଟଙ୍କାର ପାଇପ୍ ଜଳି ଯାଇଛି। ପ୍ରକାଶ ଯେ, ବୈକୁଣ୍ଠନଗର ନିକଟରେ ବିଏସ୍ଏନ୍ଏଲ୍‌ର କେବଲ ଓ ପାଇପ୍ ଗୋଦାମ ରହିଛି। ରବିବାର ପୂର୍ବାହ୍ନରେ ଉକ୍ତ ଗୋଦାମରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଲୋକମାନେ ଏନେଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଗୋଦାମ ନିକଟରେ ଥିବା ଅଳିଆ ଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଫଳରେ ଗୋଦାମ ଭିତରେ ମହଜୁଦ ଥିବା ପାଇପ ଓ କେବଲରେ ନିଆଁ ଲାଗି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରାୟ ୧୦ଲକ୍ଷ ଟଙ୍କାର ପାଇପ୍ ପୋଡ଼ି ନଷ୍ଟ ହୋଇଯାଇଛି।



# ୪୩.୮ ଡିଗ୍ରୀରେ ଝାରସୁଗୁଡ଼ା, ଆଜିଠୁ ହିଟ୍ ୱେଭ୍

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟରେ ପୁଣି ତାପମାତ୍ରା ବଢ଼ି ଚାଲିଛି। ରବିବାର ୧୪ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଥିଲା। ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଶେଷଜ୍ଞ ସଞ୍ଜୀବ ଦ୍ୱିବେଦୀଙ୍କ ସୂଚନାରେ, ଝାରସୁଗୁଡ଼ାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ କରାଯାଇଛି। ବଲାଙ୍ଗୀରରେ ତାପମାତ୍ରା ୪୨.୨ ଡିଗ୍ରୀ ରହିଥିବାବେଳେ ଟିଟିଲାଗଡ଼ ୪୨ ଡିଗ୍ରୀ, ସୁନ୍ଦରଗଡ଼ ୪୧.୮ ଡିଗ୍ରୀ, ତାଳଚେର ୪୧.୬ ଡିଗ୍ରୀ, ସୋନପୁର ୪୧.୪ ଡିଗ୍ରୀ, ସମ୍ବଲପୁର ୪୧.୩ ଡିଗ୍ରୀ, ଅନୁଗୋଳ ଓ ହୀରାକୁଦ ୪୧.୧ ଡିଗ୍ରୀ, ଭବାନିପାଟଣା, ରାଉରକେଲା ଓ ମାଲକାନଗିରିରେ ୪୧ଡିଗ୍ରୀ, ବୌଦ୍ଧ ୪୦.୮ ଡିଗ୍ରୀ ଓ ବରଗଡ଼ରେ ୪୦.୨ ଡିଗ୍ରୀ ରହିଥିଲା। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ରାଜ୍ୟରେ ହିଟ୍ ୱେଭ୍ ଅନୁଭୂତ ହେବ। ତେଣୁ ସୋମବାର ହିଟ୍‌ୱେଭ ନେଇ ଝାରସୁଗୁଡ଼ା, ସୋନପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲା, ଅନୁଗୋଳ, ବୌଦ୍ଧ, ଟିଟିଲାଗଡ଼, ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ଦିନ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ ବୋଲି ସତର୍କ ସୂଚନା ଦିଆଯାଇଛି। ବିଶେଷ କରି ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେବ। ଦିନର ତାପମାତାରେ ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇ ସର୍ବାଧିକ ୪୫ ଡିଗ୍ରୀ ଛୁଇଁପାରେ। ଦିନ ୧୧ରୁ ୩ଟା ଯାଏ ଘରେ ରହିବାକୁ କୁହାଯାଇଛି।

# ସିବିଏସ୍ଇ ୧୦ମ ଶ୍ରେଣୀ: ୯୫% ନମ୍ବର ରଖି କୃତକାର୍ଯ୍ୟ ହେଲେ ଏସିଡ୍ ପୀଡ଼ିତା

**ଚଣ୍ଡିଗଡ଼, ୧୪।୫**

ଚଣ୍ଡିଗଡର ଦୃଷ୍ଟିବାଧିତା କାଫି ସିବିଏସ୍ଇ ୧୦ମ ଶ୍ରେଣୀ ପରୀକ୍ଷାରେ ୯୫.୨% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କାଫି ଏବେ ପାଲଟିଛନ୍ତି ଅନେକ ପିଲାଙ୍କ ପାଇଁ ପ୍ରେରଣା। ରେଜଲ୍ଟକୁ ନେଇ କାଫିଙ୍କ ସମେତ ତାଙ୍କ ପରିବାର ବେଶ୍ ଖୁସି ଅଛନ୍ତି।



କାଫି

ଏହାର ଶ୍ରେୟ କାଫି ତାଙ୍କ ସ୍କୁଲ ଶିକ୍ଷକ ଏବଂ ଅଭିଭାବକଙ୍କୁ ଦେଇଛନ୍ତି। କାଫି(୧୬) ଙ୍କୁ ଯେତେବେଳ ୩ ବର୍ଷ ହୋଇଥିଲା, ସେ ସମୟରେ ଜଣେ ପଡ଼ୋଶୀ ତାଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଫଳରେ ତାଙ୍କ ମୁହଁଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଆକ୍ରମଣ ପରେ ୬ ବର୍ଷ ତାଙ୍କୁ ହସ୍ପିଟାଲରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ପିଲାବେଳୁ ପାଠପଢ଼ାରେ ତାଙ୍କ ଖୁବ୍ ଆଗ୍ରହ ଥିଲା। ଦୃଷ୍ଟିଶକ୍ତି ହରାଇବା ପରେ ବର୍ଲି ସ୍କ୍ରିପ୍ଟ ଜରିଆରେ ସେ ପାଠପଢ଼ା ଆରମ୍ଭ କଲେ। ଭବିଷ୍ୟତରେ କାଫି ଜଣେ ଆଇପିଏସ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ପାଠ ପଢ଼ା କ୍ଷେତ୍ରରେ ସେ ଯାହା କରିବାକୁ ଚାହିଁବେ ସେ ନେଇ କାଫିଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବାପା ପଓ୍ୱନ କହିଛନ୍ତି। ପଓ୍ୱନ ହରିୟାଣା ସଚିବାଳୟରେ ପିଅନ ଭାବେ କାର୍ଯ୍ୟ କରନ୍ତି।

# ମଣ୍ଡଳ କାରାଗାରରେ କଏଦୀଙ୍କ ଆତ୍ମହତ୍ୟା

## ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଲେ

**ସମ୍ବଲପୁର, ୧୪।୫(ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାରର ଜଣେ କଏଦୀ ରବିବାର ଭୋର ସମୟରେ ପାଇଖାନାକୁ ଶୌଚ ହେବାକୁ ଯାଇ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସଦର ଥାନା ତକବା ଗ୍ରାମର ଧରଣୀଧର ମହାନନ୍ଦ (୪୫)। ଏ ନେଇ ଧନୁପାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ପରେ ମଣ୍ଡଳ କାରାଗାର କଏଦୀମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡିଛି। କାର୍ଯ୍ୟରତ କର୍ମଚାରୀ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁ ଜଣେ କଏଦୀ ଆତ୍ମହତ୍ୟା କରିବାରେ ସକ୍ଷମ ହେଲେ ବୋଲି ଏଠାରେ ଆଲୋଚନା ହେଉଛି।

ମିଳିଥିବା ସୂଚନା ଅନୁସାରେ, ତକବା ଗ୍ରାମର ଧରଣୀଧରଙ୍କ ପାରିବାରିକ ସମ୍ପର୍କ ଭଲ ନ ଥିଲା। ଧରଣୀଧର ଛୋଟ ଛୋଟ କଥାକୁ ନେଇ ସ୍ତ୍ରୀଙ୍କ ସହିତ ବାରମ୍ବାର ଝଗଡ଼ା କରୁଥିଲେ। କିଛିଦିନ ପୂର୍ବରୁ ସେ ଡାକ୍ତରଖାନା ଯିବାକୁ କହି ସ୍ତ୍ରୀଙ୍କ ପାଖରୁ ୫ ଶହ ଟଙ୍କା ନେଇଥିଲେ। ହେଲେ ଡାକ୍ତରଙ୍କ ପାଖକୁ ନ ଯାଇ ଉକ୍ତ ଟଙ୍କା ନିଶାଦ୍ରବ୍ୟ ସେବନରେ ଖର୍ଚ୍ଚ କରିଥିଲେ। ପରେ ପୁଣିଥରେ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଧରଣୀଧର ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ମେଡିକାଲରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଶନିବାର ଧରଣୀଧରଙ୍କୁ କୋର୍ଟ ଚାଲାଣ କରିଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ଓ ସମସ୍ତ କାଗଜପତ୍ର ପ୍ରକ୍ରିୟା ସରିବା ପରେ ରାତି ୧୦ଟାରେ ତାଙ୍କୁ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା। କାରା ଗାରର ଗୋଟିଏ ହଲରେ ପ୍ରାୟ ୩୦ଜଣ କଏଦୀ ଏକାଠି ରାତିରେ ରହିଥିଲେ। ସକାଳେ ଧରଣୀଧର ଶୌଚ ପାଇଁ ପାଇଖାନାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଅନ୍ୟ ଜଣେ କଏଦୀ ପାଇଖାନା ପାଖକୁ ଯିବା ପରେ ସେ ବେକରେ ଗାମୁଛା ଲଗାଇ ସ୍କାଏଲାଇଟରେ ଝୁଲିପଡିଥିବା ଦେଖିବାକୁ ପାଇଥିଲେ। ପରେ ଜେଲ କର୍ମଚାରୀ ତାଙ୍କୁ ଜିଲ୍ଲା ସଦର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଜେଲ ଅଧୀକ୍ଷକ ସନ୍ତୋଷ କୁମାର ବାରିକ କହିଛନ୍ତି, ଶନିବାର ରାତିରେ ଧରଣୀଧର ଜେଲକୁ ଆସିଥିଲେ। ସକାଳେ ଶୌଚଯିବା ସମୟରେ ଏଭଳି ଘଟଣା ଘଟିଛି। ମେଡିକାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । କେଉଁ କାରଣରୁ ଆତ୍ମହତ୍ୟା କଲେ ଜଣାପଡି ନାହିଁ ବୋଲି ସେ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଦ୍ୱାଦଶଚନ୍ଦ୍ର ପ୍ରଭାବରୁ କାମ ସମ୍ପନ୍ନ କରିବାରେ ଅସୁବିଧା ଭୋଗିବେ। ରହି ଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ। ବନ୍ଧୁମାନଙ୍କ ପରାମର୍ଶାନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** – ଏକାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିବେ। ସାଂଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସଫଳତା ହାସଲ କରିବେ। ମହିଳାମାନେ ଅସଜଡ଼ା ଘରକୁ ସଜାଡ଼ି ନେବାରେ ତତ୍ପରତା ପ୍ରକାଶ କରିପାରନ୍ତି।

**ମିଥୁନ** – ପାରିବାରିକ ସମସ୍ୟାର ସମାଧାନ ଘଟିବ,କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। ବନ୍ଧୁ ପରିଜନଙ୍କ ସହିତ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ପାଇବେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଲାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** – ଶନିଙ୍କ ସ୍ଥିତି ଆପଣଙ୍କୁ ଶାନ୍ତିରେ ନିଃଶ୍ୱାସ ତ୍ୟାଗ କରିବାରେ ଅବସର ଦେଇ ନ ପାରେ। କିନ୍ତୁ ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ୍ କାମରେ ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ପୁରାତନ ରୋଗର ପୀଡ଼ା ବୃଦ୍ଧିପାଇବ।

**ସିଂହ** – କେତୁଙ୍କ କୁପ୍ରଭାବରେ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ନ ପାରେ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ସକାଶେ ନିଜକୁ ଖାପ ଖୁଆଇ ଚଳିବା ଭଲ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

**କନ୍ୟା** – ଧନ ସ୍ଥାନରେ କେତୁ ଅର୍ଥହାନି କିମ୍ବା ତତ୍‌ସମ୍ପର୍କିତ ବିବାଦ ଘଟିପାରେ। ଅବଶ୍ୟ ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନବାହନରେ ଲାଭ, ଦୋକାନ ବାଡ଼ିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। ପ୍ରଶାସନ, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** – ଶୁଭଚନ୍ଦ୍ର ପ୍ରଭାବରେ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର,ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ ହେବ।

**ବିଛା** – ରାଶ୍ୟାଧିପ କର୍ମସ୍ଥ ହେତୁ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। ଅପ୍ରିୟ ସତ୍ୟ କଥାରେ ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** – ଶନିଙ୍କ ଶୁଭ ସଂସ୍ଥାନଜନିତ ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ତଥାପି ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। ପରିବାରର ଗୁମର କଥାକୁ ସାଙ୍ଗ ନିକଟରେ ପ୍ରକାଶ କରି ସମାଲୋଚିତ ହେବେ।

**ମକର** – ସ୍ୱଗୃହୀ ଧନାଧରପ ହେତୁ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଗୃହରେ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** – ଚନ୍ଦ୍ରଙ୍କ ପ୍ରଭାବରେ ଅନ୍ୟମାନଙ୍କ ପ୍ରିୟପାତ୍ର ହେବେ। ଧନିଷ୍ଠା ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ଲାଗି ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ମୀନ** – ବନ୍ଧୁଙ୍କ ପ୍ରାୟୋଜିତ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ସମସ୍ୟା ଥିବା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଷଷ୍ଠାଧିପ ରାଶିସ୍ଥ ହେତୁ ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ବୃଷ ସଂକ୍ରାନ୍ତି, ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ, ମେ ୧୫ତାରିଖ, ବିଶ୍ୱ ପରିବାର ଦିବସ, ରାଶିନକ୍ଷତ୍ର–ଦିବା ଘ.୦୯।୦୮ ମି. ପରେ ଉତ୍ତରଭାଦ୍ରବ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୮।୪୧ ଗତେ, ୧୦।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୧ ଗତେ, ଘ.୦୮।୨୫ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ପ୍ରବୀଣ ସୁଦ୍ ସିବିଆଇ...

ତେବେ ନିଜ ଡିସେଣ୍ଟ ନୋଟ୍‌ରେ ସେ ଆନୁଷ୍ଠାନିକ ଭାବେ କିଛି ଉଲ୍ଲେଖ କରି ନ ଥିବା କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ କୁହାଯାଇଛି। ଆଇଆଇଟି-ଦିଲ୍ଲୀ, ଆଇଆଇଏମ୍ ବାଙ୍ଗାଲୋର ଏବଂ ନ୍ୟୁୟର୍କସ୍ଥିତ ସିରାକ୍ୟୁସ୍ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ପ୍ରବୀଣ ୨୦୨୪ରେ କର୍ନାଟକ ଡିଜିପି ପଦରୁ ଅବସର ନେଇଥାଆନ୍ତେ। କିନ୍ତୁ ଏହି ନୂଆ ନିଯୁକ୍ତି ଫଳରେ ତାଙ୍କ କାର୍ଯ୍ୟକାଳ ବର୍ତ୍ତମାନଠାରୁ ଆଉ ୨ ବର୍ଷ ବୃଦ୍ଧି ହୋଇଛି। ଏହା ପୂର୍ବରୁ ସେ ବେଲ୍ଲାରି ଓ ରାଇଚୂର ଜିଲା ପୋଲିସ ଅଧୀକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପ୍ରବୀଣ ମରିସସ୍ ସରକାରଙ୍କ ପୋଲିସ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଇସାରିଛନ୍ତି।

## ଦଶମରେ ୯୮.୯୪, ...

ଲକ୍ଷ୍ନୌର ମହମ୍ମଦ ଆର୍‌ୟାନ ତାରିକ୍, ଭକ୍ତି ନଗରର ଶୁଭମ୍ କୁମାର ଅଗ୍ରୱାଲ ଓ କୋଲକାତାର ମାନ୍ୟା ଗୁପ୍ତା ୩୯୯(୯୯.୭୫%) ମାର୍କ ରଖିଛନ୍ତି।

ସୂଚନାଯୋଗ୍ୟ, ଆଇସିଏସ୍ଇ ଦଶମ ପରୀକ୍ଷା ଫେବୃୟାରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ରେ ସରିଥିଲା। ସେହିପରି ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫେବୃୟାରୀ ୧୩ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିଥିଲା। ସାରା ଦେଶରୁ ଆଇସିଏସ୍ଇର ୨୭୧୭ଟି ବିଦ୍ୟାଳୟ ୨ଲକ୍ଷ ୩୭ ହଜାର ୬୩୧ଜଣ ଓ ଆଇଏସ୍‌ସିର ୧୨୯୧ ବିଦ୍ୟାଳୟରୁ ୯୮ ହଜାର ୫୦୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

## ମେଡିକାଲ ପଢ଼ିବାକୁ ଇଚ୍ଛା

ସ୍କୁଲ, ଟ୍ୟୁଶନ ବ୍ୟତୀତ ନିଜେ ଘରେ ପଢ଼ାପଢ଼ି କରିବା ଗୁରୁତ୍ୱପୂର୍ଣ୍ଣ। ମୁଁ ତାହା ହିଁ କରୁଥିଲି। ଯେଉଁଦିନର ପାଠ ସେହିଦିନ ହିଁ ସାରିବାକୁ ଚେଷ୍ଟା କରୁଥିଲି। ବଡ଼ ଭଉଣୀ ପାଠପଢ଼ାରେ ସାହାଯ୍ୟ କରୁଥିଲେ। ବାପା ଅଜିତ ତ୍ରିପାଠୀ ଓ ମା' ସୁସ୍ମିତା ପରିଡ଼ାଙ୍କର ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଯୋଗୁ ମୋ ଉପରେ କୌଣସି ଚାପ ନ ଥିଲା। ମୁଁ ନିଜ ହିସାବରେ ପଢ଼ିପାରୁଥିଲି। ବିଦ୍ୟାଳୟର ସବୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ମୋ ସଫଳତା ପଛରେ ହାତ ରହିଛି। କେବଳ ପାଠ ପଢ଼ା ନୁହେଁ, ଶାସ୍ତ୍ରୀୟ ସଙ୍ଗୀତ, ଖେଳକୁଦ, ଚିତ୍ରାଙ୍କନ ମଧ୍ୟ ମୁଁ କରେ। ଏବେଠାରୁ ମୁଁ ମେଡିକାଲ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି।

**– ପ୍ରିୟଙ୍କା ପରାଶର, ଆଇସିଏସ୍ଇ ଦଶମ ରାଜ୍ୟ ଟପ୍ପର, ଭୁବନେଶ୍ୱର**

## ବମ୍ବେ ଆଇଆଇଟିରେ ପଢ଼ିବା ଲକ୍ଷ୍ୟ

ଆଇସିଏସ୍ଇ ଦଶମରେ ରାଜ୍ୟ ଟପ୍ପର ହେବା ନିହାତି ଭାବେ ମୋ ପାଇଁ ଗୌରବର ବିଷୟ। ମୁଁ ଛତ୍ରପୁରସ୍ଥିତ କାର୍ମେଲ ସିନିୟର ସେକେଣ୍ଡରୀ ସ୍କୁଲର ଛାତ୍ର। ୬୯୬ ମାର୍କ (୯୯.୪%) ରଖିଛି। ଆଗାମୀ ଦିନରେ ଆଇଆଇଟି ବମ୍ବେରେ ଅଧ୍ୟୟନ କରିବା ପାଇଁ ଲକ୍ଷ୍ୟ ରହିଛି। ଛତ୍ରପୁର ପାତ୍ରସାହି ନିବାସୀ ତଥା ଛତ୍ରପୁର ବିଇଓ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଦୁର୍ଗାପ୍ରସାଦ ଶତପଥୀଙ୍କ ପୁଅ। ଏହି ସଫଳତା ପଛରେ ବାପା ଦୁର୍ଗା ପ୍ରସାଦ ଓ ମା' ରଶ୍ମିତା ରଜନୀ, ସହଯୋଗ ଓ ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକଙ୍କ ମାର୍ଗଦର୍ଶନ ରହିଛି। କଠିନ ପରିଶ୍ରମ ଏହି ସଫଳତା ପାଇବାରେ ସହାୟକ ହୋଇଛି । ଦିନକୁ ୧୦ରୁ ୧୨ଘଣ୍ଟା ପରିଶ୍ରମ କରୁଥିଲି।

**– ବିଷ୍ଣୁ ପ୍ରସାଦ ଶତପଥୀ, ଆଇସିଏସ୍ଇ ଦଶମ ରାଜ୍ୟ ଟପ୍ପର, ଛତ୍ରପୁର**

## ଆଇଏଏସ୍ ଅଫିସର ହେବି

ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାରେ ରାଜ୍ୟ ଟପ୍ପର ହେବା ମୋ ପାଇଁ ବହୁତ ବଡ଼ କଥା। ମୋଟ ୪୦୦ରୁ ମୋର ୩୯୩ ମାର୍କ (୯୮.୨୬ ପ୍ରତିଶତ) ରହିଛି। ଇଂଲିଶରେ ୯୫, ଇତିହାସରେ ୯୭, ରାଜିନୀତି ବିଜ୍ଞାନରେ ୧୦୦, ଅର୍ଥନୀତିରେ ୯୯, ଗଣିତରେ ୯୯ ମାର୍କ ରଖି 'ଏ' ଗ୍ରେଡ୍ ପାଇଛି। ଏହି ସଫଳତା ପାଇଁ ମୁଁ ପ୍ରଥମେ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇବି। ବାପା ହନୁମାନ ଗୋୟଲ, ମା' ସୀମା ଗୋୟଲ ଓ ରାଉରକେଲା ହମିରପୁରସ୍ଥିତ କାର୍ମେଲ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ମୁଁ ଏହି ସଫଳତା ପାଇପାରିଛି। ଆଗାମୀ ଦିନରେ ଜଣେ ଆଇଏଏସ୍ ଅଫିସର ହେବା ପାଇଁ ମୁଁ ଲକ୍ଷ୍ୟ ରଖିଛି।

**–ଦିଶା ଗୋୟଲ, ଆଇଏସ୍‌ସି ଦ୍ୱାଦଶ ରାଜ୍ୟ ଟପ୍ପର, ରାଉରକେଲା**

## ଓଡ଼ିଶାରୁ ଆଇଏସ୍ଆଇକୁ ...



ପଠାଣିସାମନ୍ତ ଲେଙ୍କା



ସରୋଜ କୁମାର ନାୟକ



ସୌମ୍ୟ ପଟ୍ଟନାୟକ

ରାକେଟ ଚାଲିଛି। ଏଥିପାଇଁ ଟେଲିଗ୍ରାମ, ହ୍ୱାଟ୍‌ସଆପ୍ ଆଦି ଗ୍ରୁପ୍‌ରେ ବହୁ ସଦସ୍ୟ ଯୋଡ଼ି ହୋଇଛନ୍ତି। କିଛିଦିନ ତଳେ ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପର ସନ୍ଧାନ ପାଇଥିଲା ଏସ୍‌ଟିଏଫ୍। ସେଥିରେ ବହୁ ସଦସ୍ୟ ଥିବାବେଳେ ଏସ୍‌ଟିଏଫ୍ ଉପରୋକ୍ତ ୩ ଅଭିଯୁକ୍ତଙ୍କ ପରିଚୟ ପାଇଥିଲା। ଅଭିଯୁକ୍ତମାନେ ଅନ୍ୟ ନାମରେ ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କିଣୁଥିଲେ। ତାହାକୁ ବ୍ୟବହାର କରି ଟେଲିଗ୍ରାମ, ହ୍ୱାଟ୍‌ସଆପ୍ ଆଦି ଗ୍ରୁପ ଦ୍ୱାରା ସେମାନେ ଆଇଏସ୍ଆଇ ଏଜେଣ୍ଟଙ୍କୁ ଓଟିପି ପଠାଉଥିଲେ। ଆଇଏସ୍ଆଇ ଏଜେଣ୍ଟମାନେ ଉକ୍ତ ଓଟିପି ଆଧାର କରି ହ୍ୱାଟ୍‌ସଆପ୍, ଟେଲିଗ୍ରାମ, ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର୍ ଆଦି ସୋସିଆଲ ମିଡିଆ ଏବଂ ଆମାଜନ, ଫ୍ଲିପକାର୍ଟ ଭଳି ଶପିଂ ଆପ୍‌ରେ ଆକାଉଣ୍ଟ ଅପରେଟ୍ କରିପାରୁଛନ୍ତି। ଏପରି କି ଜିମେଲ୍ ଆକାଉଣ୍ଟ ମଧ୍ୟ ଖୋଲିପାରୁଛନ୍ତି। ଏହି ଆଇଏସ୍ଆଇ ଏଜେଣ୍ଟମାନେ ପାକିସ୍ତାନ ଓ ଭାରତରେ ରହି ଦେଶ ବିରୋଧୀ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତମାନେ ବହୁ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲି ସୋସିଆଲ ମିଡିଆ ଗ୍ରୁପ ଦ୍ୱାରା ବିକ୍ରି କରିଛନ୍ତି। କେବଳ ସେତିକି ନୁହେଁ, ଅଭିଯୁକ୍ତଙ୍କ ସହ ଜଣେ ମହିଳା ଆଇଏସ୍ଆଇ ଏଜେଣ୍ଟଙ୍କ ଲିଙ୍କ୍ ରହିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଛି। ଉକ୍ତ ମହିଳା ଆଇଏସ୍ଆଇ ଏଜେଣ୍ଟ ହନିଟ୍ରାପ କରି ଦେଶର ଗୁପ୍ତ ତଥ୍ୟ ନେବା ମାମଲାରେ ଗତବର୍ଷ ରାଜସ୍ଥାନରେ ଗିରଫ ହୋଇଥିଲେ। ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି, ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ମୁହାଁମୁହିଁ ଜେରା କରାଯିବ। ସେମାନଙ୍କଠାରୁ ଅନ୍ୟ ଅପରାଧ ବିଷୟରେ ତଥ୍ୟ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

## ନୀଳରକ୍ତରୁ ଦାମୀ ଔଷଧ, ...

ଚିହ୍ନରେ ଏହାର ରକ୍ତକୁ ବ୍ୟବହାର କରାଯାଇଥାଏ। ଏଣ୍ଡୋଟକ୍ସିନ ହେଉଛି ବ୍ୟାକ୍ଟେରିଆରେ ଥିବା ବିଷାକ୍ତ ପଦାର୍ଥ, ତେଣୁ ଇଞ୍ଜେକ୍ସନ ନେଇଥିବା କିମ୍ବା ଅସ୍ତ୍ରୋପଚାର କରିଥିବା ବ୍ୟକ୍ତିଙ୍କ ଶରୀରରେ ନୀଳ କଙ୍କଡ଼ାର ରକ୍ତର ପ୍ରୟୋଗ ତାଙ୍କୁ ବିପଦମୁକ୍ତ କରିଥାଏ। ହେଲେ ଏହି କଙ୍କଡ଼ାର ରକ୍ତକୁ ଔଷଧୀୟ ବ୍ୟବହାର ପାଇଁ ଅଧିକରୁ ଅଧିକ କଢ଼ା ଯିବା ଯୋଗୁ ଏହା ବିଲୁପ୍ତପ୍ରାୟ ଅବସ୍ଥାକୁ ଚାଲିଆସିବାର ପ୍ରମୁଖ କାରଣ ସାଜିଛି।

ବର୍ତ୍ତମାନ ସମୟରେ ଓଡ଼ିଶାର ଉଦୟପୁର ପାଖରୁ ଧାମରା ନଦୀ ମୁହାଣରେ ଆଗଭଳି ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳୁ ନାହିଁ। ଆଗରୁ ମୁହାଣଗୁଡ଼ିକରେ ମାଛ ଧରିବା ପାଇଁ ଲଞ୍ଚ, ଟ୍ରଲର, ନୌକା ନ ଥିଲା। ସେତେବେଳେ ସେମାନେ ସୁବିଧାରେ ନଦୀ ମୁହାଣକୁ ଆସି ଅଣ୍ଡା ଦେଇ ବଂଶ ବିସ୍ତାର କରିପାରୁଥିଲେ। ଏବେ ସଚେତନତା ଅଭାବରୁ ମତ୍ସ୍ୟଜୀବୀମାନଙ୍କ ବିଭିନ୍ନ ପ୍ରକାରର ମାଛ ଧରା ଜାଲରେ ପଡ଼ି ମରୁଛନ୍ତି। ଅଧିକ ନୀଳରକ୍ତ କଙ୍କଡ଼ା ମତ୍ସ୍ୟଜୀବୀଙ୍କ ଜାଲରେ ମରୁଥିବା ବେଳେ କୁକୁର, କାଉ, ଗୋରୁ ଓ ମଇଁଷିଙ୍କ ଖୁରା ଇତ୍ୟାଦି ଦ୍ୱାରା ମୃତ୍ୟୁମୁଖରେ ପଡ଼ିବା ସହ ସେମାନଙ୍କ ଅଣ୍ଡା ମଧ୍ୟ ନଷ୍ଟ ହୋଇଯାଉଛି। ଏମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ସହ ଅଧିକ ଗବେଷଣା ଆବଶ୍ୟକ।

'ଆସୋସିଏଶନ୍ ଫର୍ ବାୟୋଡାଇଭର୍‌ସିଟି କଞ୍ଜର୍ଭେସନ୍' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଷ୍ଠାତା ଗବେଷକ ଡ. ସିଦ୍ଧାର୍ଥ ପତି କହନ୍ତି, ନୀଳରକ୍ତ କଙ୍କଡ଼ା ଦେଉଥିବା ଅଣ୍ଡାରେ ଥିବା ଲିକ୍ୟୁଇଡ୍ (ଫ୍ଲୁଇଡ୍) କୁ ପେରିଭିଟିଲାଇନ୍ କୁହାଯାଏ। ଏହି ପେରିଭିଟିଲାଇନ୍ କ୍ୟାନ୍‌ସର ଭଳି ମାରାତ୍ମକ ରୋଗର ଜୀବାଣୁକୁ ରୋକିବାରେ ସମର୍ଥ ହୋଇଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ମାଛଙ୍କ ପ୍ରଜନନର ଦକ୍ଷତା ବଢ଼ାଇବା ପାଇଁ ଏହି ପେରିଭିଟିଲାଇନ୍ ବେଶ୍ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ଗବେଷକ ଡ. ବିଷ୍ଣୁପ୍ରସାଦ ଦାସଙ୍କ ମତରେ ନୀଳରକ୍ତ କଙ୍କଡ଼ା ନିଜର ବଂଶ ବୃଦ୍ଧି ପାଇଁ ନଦୀମୁହାଣକୁ ଆସନ୍ତି। ନୀଳରକ୍ତ କଙ୍କଡ଼ାର ଅବସ୍ଥିତି ଉକ୍ତ ଅଞ୍ଚଳର ସୁସ୍ଥ ଜଳଭାଗର ନିଦର୍ଶନ ଭାବରେ ଗ୍ରହଣ କରାଯାଏ। ସାମୁଦ୍ରିକ ଜୀବଗୁଡ଼ିକର ଉତ୍ତମ ସ୍ଥିତି ଓ ଖାଦ୍ୟ ଶୃଙ୍ଖଳା ରକ୍ଷା କରିବାରେ ନୀଳରକ୍ତ କଙ୍କଡ଼ାଙ୍କର ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଶିଳ୍ପୀ କେଶୁଦାସଙ୍କ ମତରେ, ଛୋଟ ବେଳେ ନଦୀ ମୁହାଣ ଓ ଆଖପାଖ ସମୁଦ୍ରକୂଳରେ ଅସଂଖ୍ୟ ନୀଳରକ୍ତ କଙ୍କଡ଼ା ଦେଖିବାକୁ ମିଳୁଥିଲା। ଏବେ ପ୍ରାୟ ବିଲୁପ୍ତ। ବିଭିନ୍ନ ସାମାଜିକ ଅନୁଷ୍ଠାନ, ସରକାରୀ ତଥା ବେସରକାରୀ କ୍ଷେତ୍ରରେ ନୀଳରକ୍ତ କଙ୍କଡ଼ାକୁ ବଞ୍ଚାଇ ରଖିବା ପାଇଁ ସଚେତନତା ସହ ସ୍ଥାନୀୟ ଲୋକ ଓ ମତ୍ସ୍ୟଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ପ୍ରକାଶ କରିଛନ୍ତି।

## ଓଡ଼ିଶାରେ ପହଞ୍ଚିଲେ ...

'ବସୁଧୈବ କୁଟୁମ୍ବକମ୍' ଏବଂ 'ଲାଇଫ୍-ଲାଇଫ୍‌ଷ୍ଟାଇଲ ଫର୍ ଏନ୍‌ଭାଇରନ୍‌ମେଣ୍ଟ' ବା 'ପରିବେଶ ପାଇଁ ଜୀବନଶୈଳୀ' ଉପରେ ଆଲୋକପାତ କରିଥିଲେ। ଏଥିସହ କେନ୍ଦ୍ରମନ୍ତ୍ରୀ କହିଲେ, ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ, ଯୁଗ୍ମ ଐତିହ୍ୟ ସଂରକ୍ଷଣ ପ୍ରକଳ୍ପ ଏବଂ ପାରସ୍ପରିକ ସାଂସ୍କୃତିକ ବିଚାର ବିମର୍ଶ ଭଳି ସହଭାଗୀ କାର୍ଯ୍ୟକ୍ରମକୁ ନେଇ ବିଚାରବିମର୍ଶ କରାଯିବ। ଏହାଦ୍ୱାରା ଆପୋସ ସମ୍ପର୍କ ବଢିବ। କେନ୍ଦ୍ର ସଂସ୍କୃତି ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଯୋଗଦେଇ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରେ ଭାରତର ସଂସ୍କୃତି ସମ୍ପତ୍ତିର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ବୈଠକରେ ଦୀର୍ଘସ୍ଥାୟୀ ଭବିଷ୍ୟତ ଏବଂ ପରବର୍ତ୍ତୀ ପିଢିର ଉତ୍ତରାଧିକାରକୁ ନେଇ ଆଲୋଚନା ହେବ। ସଂସ୍କୃତିକ ସ୍ଥଳୀଗୁଡିକୁ ଆର୍ଥିକ କାର୍ଯ୍ୟକଳାପ ଓ ପର୍ଯ୍ୟଟନ ସହିତ ଯୋଡାଯିବା ଉଚିତ୍ ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ରାଷ୍ଟ୍ରମନ୍ତ୍ରୀ କହିଥିଲେ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଡିଜି କିଶୋର ବାସା କହିଲେ, ବିଭିନ୍ନ କୀର୍ତ୍ତିରାଜିର ବାଇ-ଲ ପ୍ରସ୍ତୁତି ଏକ ମନ୍ଥର ପ୍ରକ୍ରିୟା। ଗତ ୧୦ ବର୍ଷରେ ଦେଶରେ ବହୁତ କମ୍ ବାଇ-ଲ ପାସ ହୋଇଛି। ମୋର କାର୍ଯ୍ୟକାଳରେ ଓଡିଶାର ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବି। ସେହିପରି କପିଳେଶ୍ୱର ମନ୍ଦିରର ସଂରକ୍ଷଣକୁ ନେଇ ଉତ୍ତମ ଯୋଜନା କରାଯିବ ବୋଲି ଡିଜି କହିଥିଲେ। ସଂସ୍କୃତି ମନ୍ତ୍ରଣାଳୟ ଯୁଗ୍ମ ସଚିବ ତଥା ସଂସ୍କୃତି କାର୍ଯ୍ୟଗୋଷ୍ଠୀର ସହ-ଅଧ୍ୟକ୍ଷ ଲିଲୀ ପାଣ୍ଡେୟ ପ୍ରମୁଖ ଉପସ୍ଥିତ ଥିଲେ। ଜି-୨୦ ପରିପ୍ରେକ୍ଷୀରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ବେଳାଭୂମିରେ ଏକ ସୁନ୍ଦର ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ଦୁଇ କେନ୍ଦ୍ରମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦେଶାଗତ ଅତିଥିଙ୍କ ପାଇଁ ଆଦିବାସୀ ଲୋକନୃତ୍ୟ, ସିଙ୍ଗାରୀ ଓ ସମ୍ବଲପୁରୀ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଦ୍ୱିତୀୟ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକର ଆଲୋଚନା ଅଧିବେଶନ ସୋମବାର ଆରମ୍ଭ ହେବ। ବ୍ୟାପକ ବିଚାରବିମର୍ଶ ଏବଂ ସହଭାଗିତା ଜରିଆରେ ବିଶ୍ୱସ୍ତରରେ ଦେଖାଦେଇଥିବା ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତି ପ୍ରସଙ୍ଗଗୁଡିକର ସମାଧାନ ଉପରେ ଗୁରୁତ୍ୱାରୋପ କରାଯିବ। ବୈଠକର ଅଂଶବିଶେଷ ସ୍ୱରୂପ ସୋମବାର 'ସଷ୍ଟେନ : ଦ କ୍ରାଫ୍ଟ ଇଡିୟମ' ଶୀର୍ଷକ ପ୍ରଦର୍ଶନୀ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ (କଳାଭୂମି) ପରିସରରେ ଆୟୋଜନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ଏହା ମାନବ ଜାତି ଓ ପ୍ରକୃତି ମାଧରେ ସହାବସ୍ଥାନ ସମ୍ପର୍କରେ ପରିଦର୍ଶକ, ପେସାଦାର, ନୀତି ନିର୍ମାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ପ୍ରଦର୍ଶନୀ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ। ହସ୍ତଶିଳ୍ପୀଙ୍କ ଦ୍ୱାରା ପାରମ୍ପରିକ କଳା ସମ୍ପର୍କରେ ଏକ ମାଷ୍ଟର କ୍ଲାସ ଦେଖିବା ଲାଗି ଅତିଥିଙ୍କୁ ସୁଯୋଗ ମିଳିବ।

# ଜନଜାତି କଳା, ଐତିହ୍ୟର ସୁରକ୍ଷାକୁ ଗୁରୁତ୍ୱ

- ୧୪ ଜିଲାର ୫୫ ବ୍ଲକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଶୁଭାରମ୍ଭ
- ଚଳିତ ଆର୍ଥିକ ବର୍ଷରେ ଖର୍ଚ୍ଚ ହେବ ୨୨୩ କୋଟି

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଜଗନ୍ନାଥ ସଂସ୍କୃତି ସହ ଜନଜାତି ସଂସ୍କୃତିର ଗଭୀର ସମ୍ପର୍କ ଅଛି। ଏଥିରେ ପ୍ରକୃତି ଓ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରକୃତିର ପୂଜା ଓ ଭାଇଚାରା ଆଦିବାସୀ ସଂସ୍କୃତିର ମୁଖ୍ୟ ଆଧାର ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସ୍ଥାନୀୟ ୟୁନିଟ-୧ସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଗଠନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମତବ୍ୟକ୍ତ କରିଛନ୍ତି। ଜନଜାତି ସଂସ୍କୃତିର ସଂରକ୍ଷଣ ଓ ପ୍ରସାର ପାଇଁ, ଛୋଟ ବଡ଼ ସବୁ ଜନଜାତି ଗୋଷ୍ଠୀର ଅନନ୍ୟ ପରିଚୟର ସୁରକ୍ଷା ଲାଗି ଆଉ ୧୪ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସୃଷ୍ଟି କରାଯାଇଛି। ଏଗୁଡିକ ହେଉଛି ଅନୁଗୋଳ, ବଲାଙ୍ଗୀର, ବାଲେଶର, ବରଗଡ଼, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼ ଓ ସମ୍ବଲପୁର। ଫଳରେ ଜନଜାତି କଳା, ସଂସ୍କୃତି ଓ ସାହିତ୍ୟର ସଂରକ୍ଷଣ ପାଇଁ ୨୦୧୭-୧୮ରୁ ଗଠିତ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଂଖ୍ୟା ୯ରୁ ୨୩କୁ ବୃଦ୍ଧି ପାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପୂର୍ବରୁ ୯ ଜିଲାର ୧୧୭ ବ୍ଲକରେ କାର୍ଯ୍ୟକାରୀ ହେଉଥିଲା। ଏଥିରେ ୬୪ ଲକ୍ଷ ଲୋକ ସାମିଲ ହୋଇଛନ୍ତି। ଏବେ ଏହା ୨୩ଟି ଜିଲାର ୧୭୨ଟି ବ୍ଲକରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୨୩ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି କାର୍ଯ୍ୟକ୍ରମରେ ୮୦ଲକ୍ଷରୁ ଅଧିକ ଜନଜାତି ଲୋକ ସାମିଲ ହୋଇ ନିଜ କଳା ଓ ସଂସ୍କୃତିର ବିକାଶ ପାଇଁ କାମ କରିବେ। ଏପରି କି ସେମାନଙ୍କ କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି।




ରାଜନୀତିଠାରୁ ଆରମ୍ଭ କରି ସାହିତ୍ୟ, ସଂସ୍କୃତି, ଭାଷା ସବୁ କ୍ଷେତ୍ରରେ ଜନଜାତି ବର୍ଗର ଲୋକଙ୍କ ଅବଦାନ ରହିଛି। ନୂଆ ପରିଷଦ ଗଠନ ଦ୍ୱାରା ସବୁ ଛୋଟ ଛୋଟ ବର୍ଗର ଜନଜାତି ଗୋଷ୍ଠୀ ସେମାନଙ୍କ କଳା ଓ ଐତିହ୍ୟର ସୁରକ୍ଷା ପାଇଁ ମଧ୍ୟ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ। ଜନଜାତି ସଂସ୍କୃତି, ଜୀବନ ପ୍ରତି ସେମାନଙ୍କ ଦୃଷ୍ଟିଭଙ୍ଗୀ, ପ୍ରକୃତିର ସଂରକ୍ଷଣ ଓ ସେମାନଙ୍କ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଅଧିକ ଗବେଷଣା କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଥିଲେ, ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବିକାଶର ଏକ ନୂଆ ଧାରା ସୃଷ୍ଟି କରିବ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ କହିଥିଲେ, ଜନଜାତି ବିକାଶ ପାଇଁ ଏହି ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ସ୍ମରଣୀୟ ହୋଇ ରହିବ। ଏହି ପରିଷଦ ସବୁ ଆଦିବାସୀ ଗୋଷ୍ଠୀ ମଧ୍ୟରେ ସମ୍ପର୍କର ସେତୁ ହୋଇରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସମ୍ପର୍କରେ ଏକ କଫି ଟେବୁଲ ବୁକ୍ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି କେ ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ କମିଶନର ତଥା ଶାସନ ସଚିବ ରୂପା ରୋସନ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


# ଆଜିଠାରୁ ଦୁବାଇକୁ ସିଧାସଳଖ ବିମାନ ଯାତ୍ରା

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

## ପ୍ରଥମ ଦିନରେ ଯାତ୍ରା କରିବେ ୧୭୦ ଯାତ୍ରୀ

ସୋମବାରଠାରୁ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏଥିପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ସନ୍ଧ୍ୟା ୬ଟା ୪୫ରେ ଭୁବନେଶ୍ୱରରୁ ପ୍ରଥମ ବିମାନ ଦୁବାଇ ଅଭିମୁଖେ ଉଡ଼ାଣ ଭରିବ। ୧୮୦ ସିଟ୍ ବିଶିଷ୍ଟ ଇଣ୍ଡିଗୋର ଏହି ବିମାନରେ ଓଡ଼ିଶାରୁ ୧୭୦ଜଣ ଯାତ୍ରୀ ବିଦେଶ ଗସ୍ତ କରିବେ। ଏମାନଙ୍କ ମଧ୍ୟରୁ ରାଜ୍ୟ ସରକାରଙ୍କ ୭୦ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ, ୧୫ଜଣ ବିଧାୟକଙ୍କ ସମେତ ମିଶନ୍ ଶକ୍ତି ମହିଳା, ଖେଳାଳି, ଜନଜାତି ନେତା, କଳାକାର ରହିଛନ୍ତି। ବିମାନ ଯାତ୍ରାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଉଦ୍‌ଘାଟନ କରିବେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ବିମାନବନ୍ଦରରେ ସମସ୍ତ ଯାତ୍ରୀଙ୍କୁ ଫୁଲରେ ସ୍ୱାଗତ କରାଯିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ସପ୍ତାହରେ ୩ଦିନ ସୋମବାର, ବୁଧବାର ଏବଂ ଶୁକ୍ରବାର ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ଅପରପକ୍ଷେ ଦୁବାଇ କନ୍‌ସୁଲେଟ୍ ପକ୍ଷରୁ ପ୍ରଥମ ବିମାନଯାତ୍ରୀଙ୍କ ପାଇଁ ଲଞ୍ଚ ହୋଷ୍ଟ କରିବାର ଯୋଜନା ରହିଛି।

ସୂଚନାଯୋଗ୍ୟ, ଏପ୍ରିଲ ୧ ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଦୁବାଇକୁ ଅନ୍‌ଲାଇନ୍ ବିମାନ ଟିକେଟ ବୁକିଂର ଶୁଭାରମ୍ଭ କରିଥିଲେ। ଏଥିସହ ସେ ପ୍ରଥମ ୮ଟି ଟିକେଟ ମିଶନ୍ ଶକ୍ତି ମହିଳା, ଖେଳାଳି, ଜନଜାତି ନେତା, କଳାକାରଙ୍କୁ ପ୍ରଦାନ କରିଥିଲେ। ପୂର୍ବରୁ ଭୁବନେଶ୍ୱରରୁ ଦୁବାଇକୁ ଯିବା ପାଇଁ ସିଧାସଳଖ ବିମାନ ନ ଥିବାବେଳେ ଏହା ଅଧିକ ସମୟ ସାପେକ୍ଷ ହେଉଥିଲା। ମାତ୍ର ଏବେ ଖୁବ୍ କମ୍ ସମୟ ମଧ୍ୟରେ ଦୁବାଇରେ ପହଞ୍ଚି ହେବ। ରାଜ୍ୟ ସରକାର ଭୁବନେଶ୍ୱରରୁ ବିଦେଶକୁ ଅଧିକ ବିମାନ ଉଡ଼ାଣ ପାଇଁ ଦୀର୍ଘ ବର୍ଷ ହେଲା ଉଦ୍ୟମ କରୁଥିଲେ ହେଁ ଏବେ ବିଦେଶ ଯାତ୍ରାକୁ ଗ୍ରୀନ୍ ସିଗ୍‌ନାଲ ମିଳିଛି।




"ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆମେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। –ଶ୍ରୀମା

# ଅପ୍ରତ୍ୟାଶିତ ଫଳାଫଳ

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ ଏହି ପୁରାତନ ଜାତୀୟ ଦଳ ଭିତରେ ଜୀବନୀଶକ୍ତି ଭରିଦେଲା ଭଳି ମନେହେଉଛି। କାରଣ କିଛିବର୍ଷ ହେବ ଭାରତୀୟ ଜନତା ପାର୍ଟି (ଭାଜପା) କଳେ ବଳେ କୌଶଳେ ରାଜନୈତିକ ରଣନୀତିରେ ଆଗରେ ରହି ଜାତୀୟ ରାଜନୀତିକୁ ଅକ୍ତିଆର କରିଅସୁଥିଲା। ଏଥିସହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଗାନ୍ଧୀ ପରିବାରକୁ ସାଧାରଣରେ ନିନ୍ଦିତ କରିବା ଲାଗି ଫନ୍ଦିଫିକର କରାଯାଉଥିଲା। ସବୁଠାରୁ ଗର୍ହିତ କାର୍ଯ୍ୟ ରାହୁଲ ଗାନ୍ଧୀଙ୍କ ବିରୋଧରେ ନିକଟରେ ନିଆଯାଇ ତାଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ କରାଯିବା ସହ ସରକାରୀ ବାସଭବନରୁ ଯେଉଁଭଳି ଭାବେ ତାଙ୍କୁ ବିଦା କରାଗଲା, ତାହା ହୁଏତ ସାଧାରଣ ଭାରତୀୟଙ୍କଠାରେ ଗ୍ରହଣୀୟ ହେଲା ନାହିଁ। ଉଲ୍ଲେଖଯୋଗ୍ୟ ଯେ, ରହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା କର୍ଣ୍ଣାଟକର ଯେଉଁସବୁ ବିଧାନସଭା ନିର୍ବାଚନମଣ୍ଡଳୀ ଦେଇ ଯାଇଥିଲା, ସେହିସବୁ ସ୍ଥାନରେ କଂଗ୍ରେସ ଜିତିଛି। ଅନ୍ୟପଟେ ଦୀର୍ଘ ୧୦ ଦିନରୁ ଊର୍ଦ୍ଧ୍ୱ ସମୟ ନିର୍ବାଚନ ପ୍ରଚାରରେ ଲିପ୍ତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁସବୁ ବିଧାନସଭା ଆସନରେ ପ୍ରଚାର କଲେ ସେହିସବୁ ଆସନରେ ପ୍ରାୟତଃ ଭାଜପା ହାରିଲା। ଏପରି କି ବେଙ୍ଗାଲୁରୁ ସହରର ଜୟାନଗର ନିର୍ବାଚନମଣ୍ଡଳୀରୁ ମୋଦି ତାଙ୍କର 'ରୋଡ୍ ଶୋ' ଆରମ୍ଭ କରିଥିବା ସତ୍ତ୍ୱେ ସେଠାରେ ଭାଜପା ପ୍ରାର୍ଥୀ ମାତ୍ର ୧୬ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ କର୍ଣ୍ଣାଟକରେ ନୂଆ ରଣକୌଶଳ ପ୍ରୟୋଗ କଲା। ଆଞ୍ଚଳିକ ନେତା ଓ ସ୍ଥାନୀୟ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇ ଦଳକୁ ଲଢ଼ିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ପରେ କଂଗ୍ରେସ ସେଠାରେ ସଫଳ ହେଲା ବୋଲି କୁହାଯାଉଛି।

୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ଦେଖିଲେ କଂଗ୍ରେସ ୧୩୫ ଆସନ ଜିତିଥିବା ବେଳେ ଭାଜପା ୬୬ ସିଟ୍ ପାଇଛି। ସେଠାରେ ଜେଡିଏସ୍ ହାତକୁ ମାତ୍ର ୧୯ଟି ଆସନ ଯାଇଥିବା ବେଳେ ସ୍ୱାଧୀନ ୨, କେଆର୍‌ପିପି ଓ ଏସ୍‌କେପି ଗୋଟିଏ ଲେଖାଏ ଆସନ ଜିତିଛନ୍ତି। ଏକ୍‌ଜିଟ ପୋଲଗୁଡ଼ିକ ଅନୁମାନ ଲଗାଇଥିଲେ ଯେ, ଏହି ନିର୍ବାଚନରେ କଂଗ୍ରେସ ସବୁଠାରୁ ଅଧିକ ଆସନ ପାଇଲେ ମଧ୍ୟ ରାଜ୍ୟରେ ଝୁଲା ସରକାର ହୋଇପାରେ। ସେହିପରି ଜେଡିଏସ୍ ୨୦୧୮ ବିଧାନସଭା ନିର୍ବାଚନ ପରେ ସରକାର ଗଠନ ବେଳେ ଯେଉଁ କିଙ୍ଗ୍ ମେକର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା, ତାହାର ରିପିଟ୍ ହୋଇପାରେ ବୋଲି ଆଲୋଚନା ହେଉଥିଲା। ହେଲେ କର୍ଣ୍ଣାଟକ ଭୋଟର ଚଳିତ ଥର ଖୁବ୍ ନିର୍ଣ୍ଣାୟକ ରାୟ ଦେଇ କଂଗ୍ରେସକୁ ସମର୍ଥନ କରିଛନ୍ତି। ଏଥିରୁ ବୁଝିହେଉଛି ଯେ ପ୍ରତି ପାଞ୍ଚ ବର୍ଷରେ ଥରେ ଭିନ୍ନ ଦଳକୁ ଭୋଟ ଦେଉଥିବା କର୍ଣ୍ଣାଟକବାସୀ ଚଳିତ ଥର ବାଇପୋଲାର ବା ଦୁଇ ଦଳ ଯଥା କଂଗ୍ରେସ ଓ ଭାଜପାକୁ ବିଶେଷ ଲକ୍ଷ୍ୟରେ ରଖି ମତଦାନ କରିଛନ୍ତି। ତେବେ ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଭଳି ଡେରା ପକାଇ ନିର୍ବାଚନ ପ୍ରଚାର କରିଥିଲେ ତାହା ଅତୀତରେ କୌଣସି ପ୍ରଧାନମନ୍ତ୍ରୀ ଗୋଟେ ରାଜ୍ୟ ନିର୍ବାଚନରେ ଏତେ ସମୟ ଦେଇଥିବା ଦେଖାଯାଇ ନ ଥିଲା। ତଥାପି କଂଗ୍ରେସ ସଂଖ୍ୟାର ଅଧା ଭାଜପା ଛୁଇଁପାରିଲା ନାହିଁ। ଏଥିରୁ ଦୁଇଟି କଥା ବୁଝି ହୋଇଯାଉଛି। ପ୍ରଥମଟି ହେଲା ଯେ, ନିଜ ସମର୍ଥକଙ୍କ ବାହାବା ଶୁଣି ହୁଏତ ପ୍ରଧାନମନ୍ତ୍ରୀ ମୋଦି ନିଜର ଶକ୍ତିକୁ ମାପିବାରେ ଅସମର୍ଥ ହେଲେ। ଭାଜପାର ପରାଜୟ ପରେ କୁହାଗଲା ଯେ ଏହା ସ୍ଥାନୀୟ ନେତୃତ୍ୱର ବିଫଳତା। କିନ୍ତୁ ସାଧାରଣରେ ପ୍ରଶ୍ନ ଉଠିବ ଯେ ଯଦି ସ୍ଥାନୀୟ ନେତୃତ୍ୱ ଉପରେ ସବୁ କିଛି ନିର୍ଭର କରୁଥିଲା, ତେବେ ପ୍ରଧାନମନ୍ତ୍ରୀ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଛାଡ଼ି ଦୀର୍ଘ ସମୟ କର୍ଣ୍ଣାଟକ ପ୍ରଚାରରେ ମାତିବା ତାଙ୍କ ଦୁର୍ବଳତା ପ୍ରଦର୍ଶନ କଲା। ଅର୍ଥାତ୍ ସମ୍ଭବତଃ ମୋଦି ବାସ୍ତବ ଭୋଟରଙ୍କ ମନରେ କେଉଁ ପ୍ରକାରର ଘୃଣା ସୃଷ୍ଟି ହୋଇଛି, ତାହାର ଆଭାସ ପାଇଲେ ନାହିଁ। ସେଥିରୁ ବୁଝିବାକୁ ହେବ ଯେ, ପ୍ରଧାନମନ୍ତ୍ରୀଙ୍କ ପାଖରେ ପ୍ରକୃତ ଖବର ପହଞ୍ଚିପାରୁ ନାହିଁ। ଯଦି ଖବର ପହଞ୍ଚିବା ସତ୍ତ୍ୱେ ମୋଦି ଭାବିଲେ ଯେ, ତାଙ୍କ ମୁହଁ ଦେଖି ଲୋକଙ୍କ ହୃଦୟରେ ପରିବର୍ତ୍ତନ ଆସିବ, ତେବେ ତାହା ମଧ୍ୟ ଏକ ଚେଙ୍କ ଦେଇ ଶିକ୍ଷା ମିଳିଲା ଯେ, ସେହି ମୁହଁଦେଖା ସମୟ ଅତିକ୍ରମ ହୋଇଗଲାଣି। ଦୀର୍ଘ ଦଶନ୍ଧି ଧରି ଯେଉଁ ପ୍ରକାରର ଆକ୍ରୋଶମୂଳକ ଏବଂ ଧର୍ମ ଉପରେ ନିର୍ଭର କରି ଭାଜପା ରାଜନୀତି କରିଆସୁଛି, ହୁଏତ ସେଥିରୁ ସାଧାରଣ ଭାରତୀୟ ଭୋଟର ମୁହଁ ମୋଡ଼ିବାକୁ ଆରମ୍ଭ କଲେଣି।

ଦ୍ୱିତୀୟରେ ଅମିତ ଶାହାଙ୍କ କଥା ଦେଖାଯାଉ। ତାଙ୍କ ସମର୍ଥକମାନେ ତାଙ୍କୁ ସବୁଠାରୁ ବୁଦ୍ଧିଆ ଭାଜପାର ଚାଣକ୍ୟ ଭାବେ ମନୋନୀତ କରୁଛନ୍ତି। କର୍ଣ୍ଣାଟକ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦୁଇ ଦିନ ପୂର୍ବରୁ ଏକ ଇଂଲିଶ୍ ଦୈନିକକୁ ସାକ୍ଷାତ୍‌କାର ଦେଇ ଅମିତ ଶାହା କହିଥିଲେ ଯେ, ଗତାନୁଗତିକ ଢାଞ୍ଚାରେ କର୍ଣ୍ଣାଟକ ଫଳାଫଳ ହେବ ନାହିଁ। ଏଭଳି ମନ୍ତବ୍ୟରୁ ବୁଝାପଡୁଥିଲା ଯେ, ଭାଜପାର ବହୁସଂଖ୍ୟାରେ ଏକାକୀ ସରକାର ଗଢ଼ିଲା ଭଳି ଆସନ ମିଳିବ। ତେବେ ବାସ୍ତବରେ ଗତାନୁଗତିକ ଢାଞ୍ଚାରେ ନିର୍ବାଚନ ଫଳାଫଳ ଦେଖିବାକୁ ମିଳିଲା ନାହିଁ। ମଣିପୁର ଭଳି ସମସ୍ୟାକୁ ଅଣଦେଖା କରି ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରଚାର ପାଇଁ କର୍ଣ୍ଣାଟକ ଛାଡ଼ି ନ ଥିଲେ। ଯଦି ଅମିତ ଶାହା ବାସ୍ତବ କଥା ଜାଣିପାରି ଥାଆନ୍ତେ, ତେବେ ନିଶ୍ଚିତ ଭାବେ ମୋଦିଙ୍କୁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରଚାର ସମୟ ହ୍ରାସ କରାଇ ଥାଆନ୍ତେ। କିନ୍ତୁ ଫଳାଫଳରୁ ସ୍ପଷ୍ଟ ବୁଝାପଡୁଛି ଯେ, ଭାଜପାର ତଥାକଥିତ ଚାଣକ୍ୟଙ୍କୁ ସାଧାରଣ କର୍ଣ୍ଣାଟକ ଭୋଟର ବାଉଳା କରାଇଦେଲା। ଏଠାରେ ମନେପଡ଼େ ଓଡ଼ିଶାର ଏକ ସମାନ୍ତରାଳ ରାଜନୈତିକ ଘଟଣା। ସେହି ସମୟରେ କଂଗ୍ରେସ ନେତା ସାଜିଥିବା ଜାନକୀ ବଲ୍ଲଭ ପଟ୍ଟନାୟକ ଆଠଗଡ଼ରୁ ନିର୍ବାଚନ ଲଢ଼ିବାକୁ ମନସ୍ଥ କଲେ। କଂଗ୍ରେସ ହାଇକମାଣ୍ଡ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ପ୍ରଚାର କରାଇଲା। ଜାନକୀ ବଲ୍ଲଭଙ୍କୁ ଅତି ଚତୁର ଏବଂ ଦକ୍ଷ ବୋଲି ଓଡ଼ିଶାସାରା ଏକ ପ୍ରଚାର କରାଯାଉଥିଲା। ତଥାପି ଆଠଗଡ଼ ନିର୍ବାଚନରେ ଜାନକୀ ବଲ୍ଲଭ ପଟ୍ଟନାୟକ ୪୨ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହୋଇଥିଲେ। ଜାନକୀଙ୍କର ଯଦି ଲୋକଙ୍କ ସହିତ କୌଣସି ସମ୍ପର୍କ ଥାଆନ୍ତା, ତେବେ ନାମାଙ୍କନପତ୍ର ଦାଖଲ କରିବା ଆଗରୁ ତାଙ୍କ ପରାଜୟ ସମ୍ପର୍କରେ ତାଙ୍କୁ ଆଭାସ ମିଳିଥାନ୍ତା। ବାସ୍ତବ ନେତା ହେଉଛନ୍ତି ସିଏ, ଯିଏ ଲୋକଙ୍କ ମନର କଥା ଜାଣିପାରନ୍ତି। ସେଥିପାଇଁ ଜାନକୀ ବଲ୍ଲଭ ଯେଉଁଭଳି ଭାବେ ଦୀର୍ଘ ସମୟ ଓଡ଼ିଶାର ଶାସନ କରିବା ସତ୍ତ୍ୱେ ଲୋକଙ୍କ ନିକଟତର ହୋଇପାରିଲେ ନାହିଁ, ମୋଦି ଏବଂ ଶାହା ଏକ କଂଗ୍ରେସ ବିରୋଧୀ ହାୱାରେ ଜିତିଆସି ନିଜର ବାସ୍ତବ ଭୋଟର ସହିତ ସମ୍ପର୍କକୁ ସୁଦୃଢ଼ କଲେନାହିଁ। ଆସନ୍ତା ୨୦୨୪ ପାର୍ଲାମେଣ୍ଟ ନିର୍ବାଚନରେ ମଧ୍ୟ କର୍ଣ୍ଣାଟକ ଭଳି ଏକ ଅପ୍ରତ୍ୟାଶିତ ଫଳାଫଳ ଦେଖିବାକୁ ମିଳିପାରେ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 8 | | | |
| 7 | | | 3 | | | | 4 | |
| | | 2 | | 6 | | | 1 | |
| | 9 | 6 | | | | | 2 | 4 |
| | | | | | | | | |
| | | | | 5 | | 1 | 3 | 9 |
| 1 | | | | | 3 | 8 | 9 | |
| | | | | 1 | | | | |
| | | | | 2 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 4 | 9 | 8 | 6 | 2 | 7 |
| 7 | 8 | 9 | 6 | 2 | 5 | 4 | 1 | 3 |
| 4 | 6 | 2 | 3 | 1 | 7 | 5 | 9 | 8 |
| 2 | 1 | 4 | 7 | 5 | 9 | 3 | 8 | 6 |
| 5 | 9 | 3 | 2 | 8 | 6 | 1 | 7 | 4 |
| 8 | 7 | 6 | 1 | 4 | 3 | 2 | 5 | 9 |
| 3 | 4 | 8 | 5 | 7 | 2 | 9 | 6 | 1 |
| 9 | 5 | 1 | 8 | 6 | 4 | 7 | 3 | 2 |
| 6 | 2 | 7 | 9 | 3 | 1 | 8 | 4 | 5 |

ଗତକାଲିର ଉତ୍ତର



# ପ୍ରଗତିବାଦୀ ଚେତନା ଓ କାଳିନ୍ଦୀଚରଣ

ପ୍ରଫୁଲ୍ଲ କୁମାର ସାହୁ

"ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ''। କବିତାରେ ସର୍ବହରା ମଣିଷର ଏହି ଇସ୍ତାହାର ଯିଏ ବାଢ଼ିଛନ୍ତି, ସେ ହେଉଛନ୍ତି ପ୍ରଗତିବାଦୀ ଚେତନାରେ ଅବଗାହୀ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ। ଓଡ଼ିଆ ସାହିତ୍ୟର ପ୍ରାୟତଃ ପ୍ରତ୍ୟେକ ବିଭାଗରେ ତାଙ୍କର ସଶ୍ରଦ୍ଧ ପ୍ରବେଶ ଏବଂ ସବୁଠି ମଧ୍ୟ ସିନ୍ଦିର ସ୍ୱାକ୍ଷର।


ପୁରୀ ସ୍କୁଲରେ ପଢୁଥିବା ବେଳେ ସେ ଲେଖିଥିଲେ ତାଙ୍କର ପ୍ରଥମ କବିତା 'ବନ୍ଦନା', ଯାହା ପ୍ରକାଶ ପାଇଥିଲା 'ଛାତ୍ର ଦର୍ପଣ' ପତ୍ରିକାରେ। ପତ୍ରିକାଟି ଯେଉଁଦିନ ପୁରୀ ହେରାଗୋହିରୀ ସାହିର ସାମନ୍ତ ଚନ୍ଦ୍ରଶେଖର ହଲ୍‌ରେ ଅନୁଷ୍ଠିତ ଛାତ୍ରସଭାରେ ଉନ୍ମୋଚିତ ହେଲା, ସେହିଦିନ କବିଙ୍କୁ ମିଳିଥିଲା ପରିଚୟ। କାରଣ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସେହି ସଭାରେ ଅନ୍ୟତମ ଅତିଥି ଭାବେ ପଣ୍ଡିତ ନୀଳକଣ୍ଠ ଉପସ୍ଥିତ ଥିଲେ ଏବଂ ପତ୍ରିକାଟି ପଢୁ ପଢୁ ତାଙ୍କ ଆଖି ଅଟକି ଯାଇଥିଲା କାଳିନ୍ଦୀ ଚରଣଙ୍କ କବିତା ପାଖରେ। ଭରା ସଭାରେ ସେ ରଚୟିତାଙ୍କୁ ଖୋଜିଥିଲେ। ସେହି ପ୍ରେରଣାଦାୟୀ ଘଟଣା ଛାତ୍ର କାଳିନ୍ଦୀଚରଣଙ୍କ ଭିତରେ ଭରିଦେଇଥିଲା ଗଭୀର ଆତ୍ମବିଶ୍ୱାସ।

ପିଲାଦିନେ ମାଆଙ୍କଠାରୁ ଗୀତ ଶୁଣିଶୁଣି ସେ ପାଇଥିଲେ କବିତା ଲେଖିବାର ପ୍ରେରଣା। ପୁରୀରେ ପଢୁଥିବା ବେଳେ ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କୁ ବୁଝେଇ ଦେଇଥିଲେ କବିତା ଲେଖିବାର ଅର୍ଥ ଓ ଉଦ୍ଦେଶ୍ୟ। ସେତେବେଳେ ଗୋପବନ୍ଧୁଙ୍କୁ ସେ ଆଦର୍ଶ ବୋଲି ମାନୁଥିଲେ ଏବଂ ତାଙ୍କ ପାଖରୁ ଶିଖିଥିଲେ ସେବା, ତ୍ୟାଗ, ଦେଶପ୍ରେମ ତଥା ଗାନ୍ଧିବାଦର ମନ୍ତ୍ର।

ତାଙ୍କ ପଥୁରିଆ ସାହି ବସାଘରକୁ ନିୟମିତ ଯିବା ଅବସରରେ ପ୍ରସଙ୍ଗ କ୍ରମେ ଗୋପବନ୍ଧୁ ଥରେ କହିଥିଲେ, ତାକୁ ହିଁ ସାହିତ୍ୟ କୁହାଯାଏ, ଯାହା ଛୁଇଁପାରେ ସାକ୍ଷର ନିରକ୍ଷର ସମସ୍ତଙ୍କୁ। ତେଣୁ ପ୍ରକୃତରେ ଯିଏ ସାହିତ୍ୟିକ ହେବାକୁ ଚାହେଁ ସେ ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ିବା ଉଚିତ। ଗୋପବନ୍ଧୁଙ୍କ ପରାମର୍ଶ କ୍ରମେ ଭାଗବତ ପଢୁଥିବା କାଳିନ୍ଦୀଚରଣ ରେଭେନ୍‌ଶା କଲେଜରେ ପଢ଼ିବା ବେଳେ ସେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ କବିତା ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କ କବିପ୍ରାଣକୁ ଆଚ୍ଛନ୍ନ କଲା ବିଶୁଦ୍ଧ ରୋମାଣ୍ଟିକ ପ୍ରବଣତା। ଅନ୍ନଦାଶଙ୍କର ରାୟ ଓ ବୈକୁଣ୍ଠନାଥ ପଟ୍ଟନାୟକ ପ୍ରମୁଖ ସହପାଠୀ ତଥା ସମଭାବାପନ୍ନ କବିଙ୍କୁ ଏକାଠି କରି ଗଠନ କଲେ 'ନନ୍‌ସେନ୍ସ କ୍ଲବ' ଏବଂ ସେମାନଙ୍କ ମିଳିତ ଉଦ୍ୟମରେ ପ୍ରକାଶ ପାଇଲା ହାତଲେଖା ପତ୍ରିକା 'ଅବକାଶ'। ଏହି ଅବସରରେ ସୌନ୍ଦର୍ଯ୍ୟ ଉପାସନା ତଥା ରୋମାଣ୍ଟିକ ଚେତନାକୁ ନେଇ ପ୍ରକାଶ ପାଇଲା ପର୍ଯ୍ୟାପ୍ତ ପରିମାଣର କବିତା। ଏହି ଆଧାରରେ ଆତ୍ମପ୍ରକାଶ କଲା 'ସବୁଜ ସାହିତ୍ୟ' ନାମରେ ଏକ ସ୍ୱତନ୍ତ୍ର ସାରସ୍ୱତ ପରିମଣ୍ଡଳ।

ସବୁଜ ସାହିତ୍ୟର ଅଗ୍ରଗଣ୍ୟ ସ୍ରଷ୍ଟା କାଳିନ୍ଦୀଚରଣଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ସବୁଜ ସାହିତ୍ୟ ସମିତିର ମୁଖପତ୍ର 'ଯୁଗବୀଣା'। କେବଳ କବିତା ନୁହେଁ, ସବୁଜ ସ୍ରଷ୍ଟାମାନଙ୍କ ଦ୍ୱାରା 'ବାସନ୍ତି' ନାମରେ ଏକ ଉପନ୍ୟାସ ଲେଖା ଆରମ୍ଭ ହେଲା ଏବଂ ତାହା ଧାରାବାହିକ ଭାବରେ ପ୍ରକାଶ ପାଇଲା 'ଉତ୍କଳ ସାହିତ୍ୟ'ରେ। 'ବାସନ୍ତି' ଥିଲା ଓଡ଼ିଆ ସାହିତ୍ୟର ପ୍ରଥମ ଓ ଏକମାତ୍ର ଉପନ୍ୟାସ, ଯାହାକୁ ମିଳିତ ଭାବେ ଲେଖୁଥିଲେ କାଳିନ୍ଦୀଚରଣ ଓ ଅନ୍ୟ ଆଠ ଜଣ ଲେଖକ ଓ ଲେଖିକା।

### ତିରୋଧାନ ଦିବସ ଉପଲକ୍ଷେ



ମାତ୍ର ଦୀର୍ଘକାଳ ନୁହେଁ, କେବଳ ଗୋଟାଏ ଦଶନ୍ଧି ମଧ୍ୟରେ ନିଜର ତେଜ ହରେଇ ବସିଲା ସବୁଜ ସାହିତ୍ୟ। ତା'ର ଅତୀନ୍ଦ୍ରିୟ କାର୍ଯ୍ୟ ଚେତନା ଓ ରହସ୍ୟମୟ ଅସ୍ପଷ୍ଟତାକୁ ନେଇ ପାଠକ ପ୍ରାଣରେ ଅବସାଦ ବଢୁଥିବା ବେଳେ ଗଣଚେତନାକୁ ଉଦ୍‌ବେଳିତ କରି ଉଭାହେଲା ପ୍ରଗତିଶୀଳ ସାହିତ୍ୟ ଚେତନା। କାଳିନ୍ଦୀଚରଣଙ୍କ ସାନ ଭାଇ ଭଗବତୀଚରଣଙ୍କ ନେତୃତ୍ୱରେ ଗଢ଼ାହେଲା(୧୯୩୫) 'ନବଯୁଗ ସାହିତ୍ୟ ସଂସଦ'। ପ୍ରକାଶ ପାଇଲା ତା'ର ମୁଖପତ୍ର 'ଆଧୁନିକ'। ପ୍ରଗତିଶୀଳ ସାହିତ୍ୟର ପାଠକୀୟତା ଧକ୍କାରେ ଭାଙ୍ଗିପଡ଼ିଲା ସବୁଜ ଗୋଷ୍ଠୀର ସ୍ୱପ୍ନର ମିନାର। ପ୍ରେମ ଓ ସୌନ୍ଦର୍ଯ୍ୟର ନିରାଜନା କରୁଥିବା କବି କାଳିନ୍ଦୀଚରଣଙ୍କୁ ପ୍ରଲୁବ୍ଧ କଲା ପ୍ରଗତିଶୀଳ ସାହିତ୍ୟର ସାମାଜିକ ବାସ୍ତବତା। ତେଣୁ ସବୁଜ ପରୀର ଅଞ୍ଚଳ ତଳୁ ମୁହଁ କାଢ଼ି ସେ ଆଗ୍ରହରେ ନିମଜ୍ଜିଗଲେ ବାସ୍ତବବାଦୀ କାବ୍ୟସ୍ୱର ଭିତରେ। ଧାର୍ମିକ ଯୁକ୍ତିହୀନତା, ନିଷ୍କ୍ରିୟତା ତଥା ଧନତାନ୍ତ୍ରିକ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଯାଇ ଲେଖିଲେ–''କବିତା ଗଢ଼େ ଏକ ବିରାଟ ସମାଜର, ସବୁରି ପାଇଁ ଯହିଁ ବଖୁରେ ହେଲେ ଘର''(ଆଗାମୀ)।

କାଳିନ୍ଦୀଚରଣ ସବୁଜରୁ ସମାଜବାଦୀ ଚେତନା ଆଡ଼କୁ ଢଳିବା ବେଳକୁ ଭାରତୀୟ ରାଜନୀତି ତଥା ସାହିତ୍ୟକୁ ସମ୍ପୂର୍ଣ୍ଣ କବଳିତ କରିସାରିଥିଲେ ବିଶ୍ୱର ଦୁଇ ମହାନାୟକ ମାର୍କ୍ସ ଓ ଗାନ୍ଧୀ। ଗୋଟିଏ ପଟରେ ମାର୍କ୍ସଙ୍କର ବୈପ୍ଲବିକ ଚେତନା ଓ ଅନ୍ୟପଟରେ ଗାନ୍ଧିଜୀଙ୍କର ଅହିଂସା ନୀତି। କବି କାଳିନ୍ଦୀଚରଣ ମାର୍କ୍ସବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଯାଦୁଘର, ଛୁରିଟିଏ ଲୋଡ଼ା, କିଏ ଶଳା ସଇତାନ ଆଦି କବିତା ଗ୍ରନ୍ଥ ଲେଖିଥିବା ବେଳେ ଜଣେ ଗାନ୍ଧିବାଦୀ ଭାବରେ ସତ୍ୟ ଓ ଅହିଂସାର ଜୟଗାନ କରି ଗାନ୍ଧାରୀର ଆଶୀର୍ବାଦ କବିତାରେ ଲେଖିଛନ୍ତି– 'ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ'। ଅର୍ଥାତ୍ ତାଙ୍କ କାବ୍ୟସ୍ୱର ପରିପୁଷ୍ଟ ହୋଇନି ନିର୍ଦ୍ଦିଷ୍ଟ ଏକ ଚିନ୍ତାର କ୍ରମିକ ଅବଧାବନରେ। ମାତ୍ର ଚିନ୍ତାର ବିବିଧତା ସତ୍ତ୍ୱେ ତାଙ୍କ କାବ୍ୟ ଚେତନା ଦେଇ ଅଙ୍କୁରିତ ହୋଇଛି ଓଡ଼ିଆ କବିତାର ଏକ ନୂଆ ସ୍ୱର।

କେବଳ କାବ୍ୟ ଜଗତ ନୁହେଁ, ତାଙ୍କ ବିପୁଳ କଥା ସୃଷ୍ଟି ମାଟିର ମଣିଷ, ଲୁହାର ମଣିଷ, ଆଜିର ମଣିଷ, ମୁକ୍ତାଗଡ଼ର କ୍ଷୁଧା ଓ ଅମରଚିତା ଆଦି ଉପନ୍ୟାସ ପାଖରୁ ଦ୍ୱାଦଶୀ, ସାଗରିକା, ରାଶିଫଳ ଓ ମୋ କଥାଟି ସରିନାହିଁ ଆଦି ଗଳ୍ପଗ୍ରନ୍ଥ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ମହିମା ମଣ୍ଡିତ।

ଓଡ଼ିଶାର କୃଷି ନିର୍ଭର ଗ୍ରାମ୍ୟ ଜୀବନର ଆଦର୍ଶ ଉପରେ ଲିଖିତ 'ମାଟିର ମଣିଷ' ଉପନ୍ୟାସଟି ଓଡ଼ିଆ ସାହିତ୍ୟର ଏକ କଳା କୋଣାର୍କ। ଓଃ, କେତେ ଆତ୍ମୀୟତାରେଭରା ସତେ ତା'ର କାହାଣୀ ପିଣ୍ଡ ! କୁହାଯାଏ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି ଯୌଥ ପରିବାର। ବିଦେଶୀ ଶାସନ ସମୟରେ ହରି ମିଶ୍ରଙ୍କ ଭଳି ଟାଉଟରଙ୍କ ସହାୟତାରେ ସେହି ପରମ୍ପରାକୁ ଭାଙ୍ଗି ଗ୍ରାମୀଣ ଅର୍ଥନୀତିକୁ ଦୁର୍ବଳ କରିଦେବାର ଯେଉଁ ପ୍ରୟାସ ହୋଇଥିଲା, ଏହି ମହାକାବ୍ୟିକ ଗାନ୍ଧିବାଦୀ ଉପନ୍ୟାସ ଥିଲା ତା'ର ଏକ ସଶକ୍ତ ପ୍ରତିବାଦ। ଆଜି ବି 'ମାଟିର ମଣିଷ' ପଢ଼ିବା ମାତ୍ରେ ବା ବରଜୁ ପ୍ରଧାନକୁ ଅନୁସରଣ କରି ସମ୍ବେଦନଶୀଳ ପାଠକ ପ୍ରାଣରେ କଅଁଳି ଉଠେ ଏକ ଉଦାର ସମର୍ପିତ ଭାବ। ବାପା ଶ୍ୟାମ ପ୍ରଧାନ ମରିବା ଆଗରୁ ବରଜୁକୁ କହିଯାଇଥିଲେ–''ଛକଡି ପିଲାଲୋକ। ଭାରି ଚଗଲା। ତା' କଥା ତୋତେ ଲାଗିଲା। ଗୋଟିଏ କଥା ମନେ ରଖିବୁ,ବିଲ ମଝିରେ ହିଡ଼ ପଡ଼ିବ ନାହିଁ କି ଘର ମଝିରେ ପାଚେରି ଠିଆହେବ ନାହିଁ। ବରଜୁ ପାଇଁ ସେହି କଥା ପଦକ ହୋଇଗଲା ବେଦର ଗାର। ତା'ର ମଣିଷପଣିଆ ପାଖରେ ହାର ମାନିଲା ସାନଭାଇ ଛକଡି ଓ ତା' ଭାରିଯା ନେତ୍ରମଣିର ଭିନ୍ନେ ହୋଇଯିବାର ଜିଦ୍। ଘରର ସମସ୍ତ ଆସବାବପତ୍ର, ଜମିବାଡ଼ି ଆଦି ସବୁକିଛି ସମର୍ପି ଦେଇ ସେ ଗାଆଁ ଛାଡ଼ି ଚାଲିଯାଇଛି ଦୂର ଗାଆଁକୁ। ସେଠାରେ ପର ଜମିକୁ ନିଜର ଭାବି ଯେମିତି ରକ୍ତ ଢାଳିଦେଇଛି, ସେ ସବୁ ଭାବିଲେ ମନେହୁଏ 'ମାଟିର ମଣିଷ' କିଛି ସାଧାରଣ ଉପନ୍ୟାସ ନୁହେଁ, ଏହା ମଣିଷପଣିଆର ଏକ ପ୍ରେରଣାଦାୟକ ଭବିଷ୍ୟ ପୋଥି। ଜାତୀୟ ସ୍ତରର ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସ।

କାଳିନ୍ଦୀଚରଣଙ୍କ ପ୍ରାୟତଃ ସମସ୍ତ ଗଳ୍ପ ମାଟିମନସ୍କ, ମାନବକୈନ୍ଦ୍ରିକ ଓ ସାମାଜିକ ବାସ୍ତବତାକୁ ଭିତ୍ତିକରି ରଚିତ। ବିଶେଷକରି ଜଣେ ଜୀବନଧର୍ମୀ ଓ ସମ୍ବେଦନଶୀଳ କଥାଶିଳ୍ପୀ ଭାବରେ ଗଭୀର ହୃଦୟବତ୍ତା ନେଇ ଓଡ଼ିଆ ସାହିତ୍ୟକୁ ସେ ଯେଉଁ ନୂତନ ଅନ୍ତର୍ଦୃଷ୍ଟି ଦେଇଛନ୍ତି, ତା'ର ଏକ ଚମତ୍କାର ଦୃଷ୍ଟାନ୍ତ ହେଉଛି ତାଙ୍କର ବହୁଚର୍ଚ୍ଚିତ ଗଳ୍ପ 'ମାଂସର ବିଳାପ'।

ପ୍ରିୟଦର୍ଶୀ, ସୌମ୍ୟା, ପଦ୍ମିନୀ, ପ୍ରିୟଦର୍ଶୀ ଓ ସୁଦୂର ସଙ୍କେତ ଆଦି ନାଟକ ରଚନା କରି ଜଣେ ସଫଳ ନାଟ୍ୟକାରର ଗୌରବ ଅର୍ଜନ କରିଥିବା କାଳିନ୍ଦୀଚରଣ ଜଣେ ଚିନ୍ତାଶୀଳ ପ୍ରାବନ୍ଧିକ ଭାବେ ମଧ୍ୟ ପରିଚିତ। ପ୍ରଜ୍ଞା ସମୁଦ୍ର ମନ୍ଥନ କରି ଯେଉଁ ମଣିମୁକ୍ତା ସଂଗ୍ରହ କରିଛନ୍ତି, ତା'ର ଦୀପ୍ତିରେ ଦୀପ୍ତିମାନ ହୋଇଛି ତାଙ୍କର ପ୍ରବନ୍ଧ ପୁସ୍ତକ 'ନେତୃତ୍ୱ ଓ ନେତୃତ୍ୱ','ପ୍ରବନ୍ଧ ସାହିତ୍ୟ' ଓ 'ସାହିତ୍ୟ ବିଚାର'। ଆତ୍ମଜୀବନୀ 'ଅଙ୍ଗେ ଯାହା ନିଭାଇଛି' ତାଙ୍କ କର୍ମମୟ ଜୀବନର ଏକ ସତ୍ୟନିଷ୍ଠ ଉଚ୍ଚାରଣ।

ମୋ: ୬୩୭୧୬୪୨୪୬୪



# ଲାଞ୍ଛିତ ଭାରତୀୟ ମାତୃତ୍ୱ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଜୈନ ସମ୍ପ୍ରଦାୟର ଏକ ଭାରତୀୟ ଦମ୍ପତି, ଭବେଶ ଓ ଧାରା ସାହା। ଜର୍ମାନୀର ବର୍ଲିନ୍‌ଠାରେ ଆଇ.ଟି. ସେକ୍ଟରରେ ନିଯୁକ୍ତ ହୋଇଥିଲେ। ସେମାନଙ୍କ ପାଖରେ ଶିଶୁକନ୍ୟା ଆରିହା ଓ ଭବେଶଙ୍କ ମା' ରହୁଥିଲେ। ସେପ୍ଟେମ୍ବର ୨୦୨୧ରେ ଆରିହାର ସିଚନାଞ୍ଚଳ (ମଳଦ୍ୱାର ଓ ଯୌନାଙ୍ଗ ମଧ୍ୟବର୍ତ୍ତୀ ସ୍ଥାନ ଅର୍ଥାତ୍ ପେରିନିଅମ୍)ରେ ଆଘାତର ଚିକିତ୍ସା ପାଇଁ ସାହା ଦମ୍ପତି ଡାକ୍ତରଖାନାକୁ ଗଲେ। କିନ୍ତୁ ସେମାନେ ଆଶା କରି ନ ଥିଲେ ଯେ, ଏହା ପଛରେ ଲୁଚି ରହିଛି ଏକ ଜଟିଳ ସମସ୍ୟା। ଯୌନ ଅତ୍ୟାଚାର ବୋଲି ଏହାକୁ ବିବେଚନା କରି ସେଠାକାର କର୍ତ୍ତୃପକ୍ଷ ସାହା–ଦମ୍ପତି ଉପରେ ମକଦ୍ଦମା ଆରମ୍ଭ କଲେ। ସନ୍ତାନ ଲାଳନପାଳନ କରିବାରେ ଧାରାଙ୍କ ସାମର୍ଥ୍ୟ ନାହିଁ ବୋଲି ସେମାନେ ଦୋଷାରୋପ କରିବା ସହ ଶିଶୁଟିକୁ ଆଉ ପରିବାରକୁ ନ ସମର୍ପି ସିପିଏସ୍(ଚାଇଲ୍ଡ ପ୍ରୋଟେକ୍‌ଶନ ସର୍ଭିସେସ୍)ର ହେପାଜତରେ ରଖିଲେ। ପୋଲିସ ଏହି ଅପରାଧରେ ସମ୍ପୃକ୍ତି ବିଷୟରେ ଖୋଳତାଡ଼ରେ ଲାଗିପଡ଼ିଲା। ଶିଶୁଟିର ସମ୍ବେଦନଶୀଳ ସ୍ଥାନରେ ଆଘାତ ଏକ ଗମ୍ଭୀର ମାମଲା ବୋଲି ଅଭିହିତ କରିଥିଲା। ଦୀର୍ଘଦିନ ଧରି ସାହା ଦମ୍ପତି ପୋଲିସର ଅନୁସନ୍ଧାନ ଯୋଗୁ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ପରିଶେଷରେ ଫେବୃୟାରୀ ୨୦୨୨ରେ ସେମାନେ ଏହି ଅଭିଯୋଗରୁ ମୁକ୍ତ ହେଲେ। ତଥାପି ଆରିହାକୁ ଶିଶୁ ସୁରକ୍ଷା ସଂସ୍ଥା ଅଧୀନରେ ରଖାଗଲା। ବର୍ତ୍ତମାନ ସୁଦ୍ଧା ରହିଛି।

ସାହା ଦମ୍ପତି କନ୍ୟାକୁ ପାଖରେ ନ ପାଇ ଦୁଃଖ ଓ ଯନ୍ତ୍ରଣାରେ ମ୍ରିୟମାଣ ହୋଇଗଲେ। ଜୈନ ଧର୍ମାବଲମ୍ବୀ ହୋଇଥିବାରୁ ସେମାନେ ନିରାମିଷାଶୀ। କିନ୍ତୁ ସେମାନଙ୍କ ବାରଣ ସତ୍ତ୍ୱେ ସିପିଏସ୍ ଝୁଅଟିକୁ ଆମିଷ ଦେଉଛନ୍ତି। ପୁଣି ଜୈନଧର୍ମର ସଂସ୍କୃତିଠାରୁ କନ୍ୟାଟି ବଞ୍ଚିତ ହୋଇଥିବାରୁ ମାତାପିତା ଉଦ୍‌ବେଗ ପ୍ରକାଶ କରୁଛନ୍ତି। କିନ୍ତୁ ଏହା ଅବାନ୍ତର ବୋଲି କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଉନାହାନ୍ତି। ସର୍ବୋପରି ବାତ୍ସଲ୍ୟରୁ ପିଲାଟି ବଞ୍ଚିତ ହୋଇଥିବାରୁ ପାରିବାରିକ ସମ୍ପର୍କ ଛିନ୍ନବିଚ୍ଛିନ୍ନ ହୋଇଗଲା। ତୀବ୍ର ମାନସିକ ପୀଡ଼ାର ଶିକାର ହୋଇ ସାହା ଦମ୍ପତି ଆରିହାର ନିଜ ସାନ୍ନିଧ୍ୟରେ ଅଭିଭାବକତ୍ୱ ପାଇଁ ଜଟିଳ ମକଦ୍ଦମା ଲଢ଼ି ସର୍ବସ୍ୱାନ୍ତ ଅବସ୍ଥାରେ ଉପନୀତ ହୋଇଗଲେଣି, ହେଲେ ନୈରାଶ୍ୟ ଜର୍ଜରିତ ସାହା ଦମ୍ପତି ହାତଯୋଡ଼ି ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପିଲାଟିକୁ ମୁକୁଳାଇବାକୁ ପ୍ରାର୍ଥନା କରିଛନ୍ତି। 'ବେଟିବଚାଓ' ନୀତିକୁ ପ୍ରାଧାନ୍ୟ ଦେଉଥିବା ପ୍ରଧାନମନ୍ତ୍ରୀ ସେମାନଙ୍କ ଗୁହାରି ଶୁଣିବେ ବୋଲି ସେମାନେ ଆଶାପୋଷଣ କରିଛନ୍ତି।

ଭାରତୀୟମାନେ ପାଶ୍ଚାତ୍ୟ ଦେଶରେ ଏତାଦୃଶ ସମସ୍ୟା ଦ୍ୱାରା ଉତ୍ପୀଡ଼ିତ ହେଉଥିବା ଏକାଧିକ ଘଟଣା ପରିଲକ୍ଷିତ ହେଉଛି। ୨୦୧୧ ମସିହାର ଗୋଟିଏ ଘଟଣା ଅନୁରୂପ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଯୁବକ ନରୱେରେ ଜିଓ–ଫିଜିସିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ତରୁଣୀ ପତ୍ନୀ ହେଉଛନ୍ତି ପଶ୍ଚିମବଙ୍ଗର ବିରାଟ ଜନବସତିରେ ଜନ୍ମିତା ସାଗରିକା ଚକ୍ରବର୍ତ୍ତୀ। ସ୍ୱାମୀଙ୍କ ପାଖରେ ରହିବା ପାଇଁ ୨୦୧୧ରେ ପ୍ରଥମ ଥର ପାଇଁ ସେ ବିଦେଶ ଯାତ୍ରା କଲେ। ସେଠାରେ ତାଙ୍କ ଏକତ୍ରିତ ପରିବାରରେ ରହିଲେ ସେମାନଙ୍କ ଦୁଇଟି ସନ୍ତାନ। ପୁଅ ବଡ଼ ଓ କନ୍ୟାଟି ସାନ। ସାଗରିକା ସ୍ୱଭାବତଃ ବିନୟୀ। ତାଙ୍କ ଚେହେରା ଆକର୍ଷଣୀୟ। ସ୍ୱାମୀ–ସ୍ତ୍ରୀ ପିଲାମାନଙ୍କ ଗହଣରେ ସୁଖ ଓ ସୌହାର୍ଦ୍ଦ୍ୟରେ ଜୀବନ ବିତାଉଥିବା ବେଳେ ହଠାତ୍ ଅକାଳେ ବଜ୍ରପାତ ହେବା ପରି ଏକ ପୀଡ଼ାଦାୟକ ଘଟଣା ସେମାନଙ୍କୁ ବିଷମ ସମସ୍ୟାରେ ଛନ୍ଦିଦେଲା।

ନରୱେର ଷ୍ଟାରାଙ୍ଗରରେ ରହୁଥିବା ଏହି ପରିବାରର ସ୍ତନ୍ୟପାୟିନୀ ଶିଶୁକନ୍ୟାଟିକୁ ସେଠାକାର ବାରନେଭେନେଟ (ସିଡବ୍ଲ୍ୟୁଏସ୍ ଅର୍ଥାତ୍ ଚାଇଲ୍‌ଡ ୱେଲ୍ ଫର ସର୍ଭିସେସ୍) ନିଜ ତତ୍ତ୍ୱାବଧାନରେ ରଖି ପାଳନ ପୋଷଣ କରିବା ସକାଶେ ଉଠାଇ ନେଲା। ସାଗରିକାଙ୍କ ଦୋଷ ହେଉଛି ଯେ, ସେ ପିଲାମାନଙ୍କୁ ଧରି ଗୋଟିଏ ଶେଯରେ ଶୋଉଛନ୍ତି। ଖାଲି ହାତରେ ଝିଅକୁ ସ୍ତନ୍ୟପାନ କରାଉଛନ୍ତି। ପ୍ରାୟ ପ୍ରତ୍ୟେକ ଭାରତୀୟ ପରିବାରରେ ଏହି ଆଚରଣ ଅନୁସୃତ ହେଉଛି। କେହି ଭାବୁନାହାନ୍ତି ଯେ, ଏହା ଦ୍ୱାରା ସନ୍ତାନଟି ଜୀବାଣୁ ଦ୍ୱାରା ସଂକ୍ରମିତ ହେବ। କିନ୍ତୁ ନରୱେରେ ଏମିତି ଆଚାରକୁ ଅସ୍ୱାସ୍ଥ୍ୟକର ବେନିୟମ ବୋଲି ବିବେଚନା କରାଯାଉଛି। ସେଠାକାର କର୍ତ୍ତୃପକ୍ଷ ସାଗରିକାଙ୍କୁ ଶିଶୁ ସନ୍ତାନ ପାଳନ କରିବା ପାଇଁ ମାନସିକ ଭାବେ ଅଯୋଗ୍ୟ ବୋଲି ଘୋଷଣା କରିବା ସହ ଜଣାଇଦେଲେ ଯେ, ଝିଅକୁ ଅଠର ବର୍ଷ ହେବାଯାଏ ତାକୁ ସିଡବ୍ଲ୍ୟୁଏସ୍‌ରେ ହିଁ ରଖାଯିବ।

ଶିଶୁକୁ ମା' କୋଳରୁ ଛଡ଼ାଇ ନେବା ଏକ ଅମାନୁଷିକ ଓ ନିଷ୍ଠୁର କାର୍ଯ୍ୟ। ସାଗରିକା ଯନ୍ତ୍ରଣାଦଗ୍ଧ ହୋଇ ସେଠାକାର ପ୍ରଶାସକଙ୍କ ବିରୋଧରେ ଆଇନଗତ ଲଢ଼ାଇରେ ଲିପ୍ତ ହେଲେ। ତାଙ୍କର ନିବେଦନ କ୍ରମେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ବିରୋଧୀ ଦଳ ନେତ୍ରୀ ସୁଷମା ସ୍ୱରାଜ, ସିପିଏମ୍‌ର ବୃନ୍ଦା କରାତ୍ ଏବଂ ଅନ୍ୟ କେତେକ ସାଂସଦ ନରୱେ ସରକାରଙ୍କ ସହ ଯୋଗାଯୋଗ ସ୍ଥାପନ କଲେ। ତତ୍‌ସହ କେତେକ ମାନବିକ ଅଧିକାର କର୍ମୀ ସହଯୋଗର ହାତ ବଢ଼ାଇଲେ। ଦୁଇବର୍ଷର ଅକ୍ଳାନ୍ତ ପରିଶ୍ରମ ଓ ସଂଘର୍ଷ ପରେ ସାଗରିକା ଝିଅକୁ ନିଜ ଅଧୀନକୁ ଆଣିପାରିଲେ। ଭାରତକୁ ପ୍ରତ୍ୟାବର୍ତ୍ତନ କରି ସେ ଆଶ୍ୱସ୍ତ ହେଲେ ଓ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ପାଇ ସମ୍ପ୍ରତି ନୋଏଡାଠାରେ ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ସେ ନିଜ ଅନୁଭୂତିକୁ ଆଧାର କରି ୨୦୨୨ରେ 'ଦ ଜର୍ନି ଅଫ୍ ଏ ମଦର' ଶୀର୍ଷକ ଗୋଟିଏ ପୁସ୍ତକ ଇତ୍ୟବସରରେ ପୁଣେର ବିଶ୍ୱକର୍ମା ପବ୍ଲିକେଶନ ଦ୍ୱାରା ପ୍ରକାଶ କରିଛନ୍ତି। ପ୍ରଯୋଜକ ନିଖିଳ ଆଡ୍‌ଭାନୀ ୨୦୨୩ରେ ଅସୀମ ଚିବରଙ୍କ ନିର୍ଦ୍ଦେଶନାରେ 'ମିସେସ୍ ଚାଟାର୍ଜୀ ଭର୍ସେସ ନରୱେ' ଶୀର୍ଷକ ଏକ ହିନ୍ଦୀ ଫିଲ୍ମ ପ୍ରସ୍ତୁତ କରିଛନ୍ତି। ଇଷ୍ଟୋନିଆରେ ପ୍ରଥମ ଥର ପାଇଁ ଶୁଟିଂ ହୋଇଥିବା ଏହି ଚଳଚ୍ଚିତ୍ରରେ ନାୟିକା ହେଉଛନ୍ତି ରାଣୀ ମୁଖାର୍ଜୀ। ଫିଲ୍ମଟି ସାଗରିକାଙ୍କ ଅପ୍ରୀତିକର ଅନୁଭୂତି ସହ ଅନେକାଂଶରେ ମେଳ ଖାଉଛି। ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପରେ ନରୱେର ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି ଯେ, ଏହା କେବଳ ଗୋଟିଏ କାହାଣୀ। ତଥାପି ବାଧ୍ୟ ହୋଇ ସେଥିରେ ସ୍ପଷ୍ଟୀକରଣ ଦିଆଯାଇଥିଲା ଯେ, ଭାରତ ସରକାରଙ୍କ ସହ ପରାମର୍ଶ କରି ସାଗରିକା ମାମଲାର ସମାଧାନ କରାଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ସ୍ୱୀକାର କରନ୍ତୁ ଯେ, ବିଭିନ୍ନ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ଫରକକୁ ନଜର ଅନ୍ଦାଜ କରାଯିବା ଠିକ୍ ନୁହେଁ। ସେମାନେ ଗଣତନ୍ତ୍ରର ଧ୍ୱଜାଧାରୀ ବୋଲି ଡିଣ୍ଡିମ ପିଟୁଛନ୍ତି। ବିବିଧତାକୁ ଯଥା ସମ୍ମାନ ଦେବା ଏହି ଦୃଷ୍ଟିରୁ ଅପରିହାର୍ଯ୍ୟ। ଭାରତୀୟ ପରମ୍ପରାରେ ଯୁଗ ଯୁଗ ଧରି ରହିଆସିଥିବା ପବିତ୍ର ମାତୃତ୍ୱକୁ ସେମାନେ ଅପମାନିତ ନ କରନ୍ତୁ।

ମୋ:୯୦୭୮୭୪୩୮୪୩

## ଏଇ ଭାରତରେ

ସମାଜର ବରିଷ୍ଠ ନାଗରିକମାନଙ୍କ ଯତ୍ନ ନେବା ଲାଗି ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ସେମାନଙ୍କ ମାନସିକସ୍ଥିତି ତଥା ଏକାନ୍ତପଣ ଦୂର କରିବା ଏବେ ଏକ ଆହ୍ୱାନ ଭାବେ ଉଭା ହୋଇଛି। ତେବେ ଏଭଳି ସମସ୍ୟା ଦୂର କରିବା ପାଇଁ ହରିୟାଣାର ଏମ୍.ପି. ଦୀପୁ ଓ ରାହୁଲ ଗୁପ୍ତାଙ୍କ ପ୍ରୟାସ ପ୍ରଶଂସନୀୟ। ସେମାନେ ସିନିୟର ୱାର୍ଲ୍ଡ ସଂସ୍ଥା ଗଠନ କରି ବରିଷ୍ଠ ନାଗରିକମାନଙ୍କୁ ସାରା ବିଶ୍ୱ ଭ୍ରମଣ କରାଉଛନ୍ତି। ୨୦୧୫ରେ ସେମାନେ ସିନିୟର ୱାର୍ଲ୍ଡ ଗଠନ କରିଥିଲେ। ଏହା ମାଧ୍ୟମରେ ଏବେ ସୁଦ୍ଧା ୫,୦୦୦ ବରିଷ୍ଠ ନାଗରିକଙ୍କୁ ବିଶ୍ୱ ଭ୍ରମଣ ସୁବିଧା ଯୋଗାଇ ଦେଇସାରିଲେଣି। ଅର୍ଥାତ୍ ପିଲାମାନେ ବାହାରେ ରହୁଥିବାରୁ ସେମାନଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ବରିଷ୍ଠ ନାଗରିକମାନେ ଏହି ଯାତ୍ରାରେ ଯାଉଛନ୍ତି। ଯାତ୍ରା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯିବା ସହ ମନୋରଞ୍ଜନ ଲାଗି ନାଚ, ଗୀତ ଆଦିର ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ପ୍ରାୟତଃ ଚିକିତ୍ସାଳୟର ପାଖାପାଖି ହୋଟେଲରେ ରଖାଇବାର ବ୍ୟବସ୍ଥା କରାଯାଉଛି। ଆମେରିକା, ଇଂଲଣ୍ଡ, ଶ୍ରୀଲଙ୍କା, ଭୁଟାନ, ଭିଏତ୍‌ନାମ, ଥାଇଲାଣ୍ଡ, ସିଙ୍ଗାପୁର, କେନିଆ, ଦୁବାଇ, ଅଷ୍ଟ୍ରେଲିଆ ଆଦି ଦେଶକୁ ବରିଷ୍ଠ ନାଗରିକମାନଙ୍କୁ ଭ୍ରମଣରେ ନିଆଯିବା ସହ ଭାରତର ବିଭିନ୍ନ ରାଜ୍ୟର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ବୁଲାଇ ନିଆଯାଉଛି। ବରିଷ୍ଠ ନାଗରିକମାନଙ୍କର ବୟସ ୫୫–୯୫ ମଧ୍ୟରେ ରହୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୯୮

- ଜଙ୍ଗଲ ଦସ୍ୟୁ ତଥା ଚନ୍ଦନକାଠର ଚୋରା ବେପାରୀ ବୀରାପ୍ପାନ ପୁଣିଥରେ ଆତ୍ମସମର୍ପଣ ପାଇଁ ଇଚ୍ଛାବ୍ୟକ୍ତ କରିଛନ୍ତି।
- ଗାଳ୍ପିକା, ଔପନ୍ୟାସିକା, ଶିଶୁ ସାହିତ୍ୟିକା ତଥା ଅନୁବାଦିକା ବସନ୍ତ କୁମାରୀ ଦେବୀଙ୍କ ୭୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସବୁ ଧର୍ମ ପରେ ଯେଉଁ ଜୀବ–ଧର୍ମ
ଚିର ପ୍ରତିଷ୍ଠିତ
ତାହାର ସନ୍ଧାନେ ଧାଏଁ ଅବିରାମ
ନବୀନର ଚିତ୍ତ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ ସଙ୍କେତ ଲାଇଟ ଲୁଚିଗଲାଣି

ମହାଶୟ,

ବାଲେଶ୍ୱର ସହର ବହୁ ପୁରାତନ। ଏ ଜିଲାର ଐତିହ୍ୟ ପରମ୍ପରା, ନୀତିନିୟମ, ଆଇନକାନୁନ, ସଚ୍ଚୋଟପଣିଆର ଦୃଷ୍ଟାନ୍ତ ଓ ଦିଗ୍‌ଦର୍ଶନ ଜନସାଧାରଣଙ୍କ ପ୍ରାରମ୍ଭରୁ ଅବଗତ। ଚିର ଚଳଚଞ୍ଚଳ ଐତିହାସିକ ବହନ କରୁଥିବା ସହରଟି ଆଜି ଭାବ ଆବେଗ, ସ୍ଥିରତା ଦେଖିବା ସ୍ୱପ୍ନ। ଦୁଃଖର ବିଷୟ ସ୍ୱତନ୍ତ୍ର ପୋଲିସ ମୁଖ୍ୟ ତଥା ଦାୟିତ୍ୱସମ୍ପନ୍ନ ଏସ୍‌ପି ଥାଉ ଥାଉ ବାଲେଶ୍ୱରର ଏକାଧିକ ସହରରେ ଟ୍ରାଫିକ ନିୟମ ଉଲ୍ଲଂଘନ ସହିତ ସଙ୍କେତ ଆଲୋକ ଦେଖିବାକୁ ମିଳୁନାହିଁ ବୋଲି ଜନତାଙ୍କ ମୁଖ୍ୟ ଆଲୋଚ୍ୟର ବିଷୟ ଆଜି ପାଲଟିଛି। ଏଣୁ ପ୍ରଶାସନ ଏବଂ ବାଲେଶ୍ୱର ଜିଲାର ବହୁ ପ୍ରଶଂସିତ, ଦାୟିତ୍ୱସମ୍ପନ୍ନ ସୁପରିଣ୍ଟେଣ୍ଡେଣ୍ଟବାବୁ ଦାୟିତ୍ୱନିର୍ବାହ ସହିତ ଶାନ୍ତିଶୃଙ୍ଖଳା ଦିଗରେ ବିଶେଷ ଧ୍ୟାନ ଦେବା ପାଇଁ ଜନତାଙ୍କ ମୁଖ୍ୟ ଅଭିଯୋଗକୁ ଗୁରୁତ୍ୱ ଦିଅନ୍ତୁ।


–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତୃତୀୟ ସାମ୍ମୁଖ୍ୟ 'ଯିବେ ନ ଯିବେ'


ନରେନ୍ଦ୍ର ମୋଦି


ମମତା ବାନାର୍ଜୀ


ନବୀନ ପଟ୍ଟନାୟକ


ନୀତୀଶ କୁମାର

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଦାପି ନିଜ ଆଭିମୁଖ୍ୟ ବଦଳାଇବେ ନାହିଁ। ମନ୍ମଥ ନାଥ ଦାସଙ୍କ ଭଳି ଜଣେ ବିଶିଷ୍ଟ ଐତିହାସିକଙ୍କୁ ରାଜ୍ୟ ସଭା ନିର୍ବାଚନରେ ବିଜେଡି ସମର୍ଥନ କରି ନ ଥିଲା। ହେଲେ ନିକଟରେ ଭାଜପା ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ କିନ୍ତୁ ଭୋଟ ଦେଇ ବିଜେଡି ଜିତାଇଲା। ସେଥିରୁ ହିଁ ସବୁ କିଛି ବୁଝିଯିବାର ଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓଡ଼ିଶା ଏବଂ ନବୀନ ପଟ୍ଟନାୟକଙ୍କୁ ଭଲ ଭାବେ ଜାଣନ୍ତି ନାହିଁ। ନବୀନ ଓଡ଼ିଶାରେ ଭାଜପା ସହିତ ଅଫିସିଆଲି ୯ ବର୍ଷ ଏବଂ ନନ୍ ଅଫିସିଆଲି ୧୪ ବର୍ଷ ଭିତିରିଆ ରହି ସରକାର ଚଳାଇଲେଣି। ତେଣୁ ନବୀନ ଭାଜପା ସହିତ ଅତି ନିବିଡ଼ ସମ୍ପର୍କ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

ନିକଟରେ ମମତା ଏବଂ ନୀତୀଶ ଓଡ଼ିଶା ଗସ୍ତରେ ଆସି ନବୀନଙ୍କୁ ସାକ୍ଷାତ କରିଥିଲେ। ଏହି ଭେଟଘାଟ କୌଣସି ରାଜନୈତିକ ନ ଥିଲା ବୋଲି ନବୀନ ଗଣମାଧ୍ୟମକୁ କହିଥିଲେ। ତେବେ କେନ୍ଦ୍ରର ଭାଜପା ସମର୍ଥିତ ଏନ୍‌ଡିଏ ସରକାର ବିରୋଧରେ ଦେଶବ୍ୟାପୀ ଏବେ ବିରୋଧୀ ଦଳଗୁଡ଼ିକ ଏକାଠି ହେବାରେ ଲାଗିଛନ୍ତି। ଏପରିକି ଏନ୍‌ଡିଏ ସହ ଏକାଠି ଥିବା ଅନେକ ସହଯୋଗୀ ଦଳ ବି ଏବେ ଭାଜପାଠାରୁ ଦୂରେଇ ସାରିଲେଣି। ଅକାଳୀ, ଶିବସେନା, ଜେଡିୟୁ ଏବଂ ଟିଆର୍‌ଏସ୍ ଭଳି ଦଳଗୁଡ଼ିକ ପ୍ରଥମରୁ କେନ୍ଦ୍ରରେ ଭାଜପା ସହ ଯୋଡ଼ିହୋଇ ରହିଥିଲେ। ହେଲେ ସମୟକ୍ରମେ ଏହି ଦଳଗୁଡ଼ିକ ନିଜ ଆଭିମୁଖ୍ୟ ବଦଳାଇ ନରେନ୍ଦ୍ର ମୋଦି ସରକାରଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି କହିବା ସହ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ଶପଥ ନେବାଭଳି କାମରେ ଲାଗିପଡ଼ିଲେଣି। ଏହି ବିରୋଧୀ ମେଣ୍ଟରେ ଆମ୍ ଆଦ୍‌ମୀ ପାର୍ଟି, ପଶ୍ଚିମବଙ୍ଗର ଟିଏମ୍‌ସି ମଧ୍ୟ ରହିଛନ୍ତି। ତେଣୁ ଅନ୍ୟ ଯେଉଁ ରାଜ୍ୟରେ ଭାଜପାକୁ ହରାଇ ଆଞ୍ଚଳିକ ଦଳଗୁଡ଼ିକ କ୍ଷମତାରେ ଅଛନ୍ତି ସେମାନଙ୍କୁ ଏକାଠି କରିବା ଲାଗି ବହୁ କେନ୍ଦ୍ରୀୟ ନେତା ଉଦ୍ୟମ ଚଳାଇଛନ୍ତି। ଯେହେତୁ ଓଡ଼ିଶାରେ ବିଜେଡି ଦୀର୍ଘଦିନ ହେଲା ଶାସନ ଗାଦିରେ ଅଛି ଏବଂ ଭାଜପା ଏଠାରେ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ରହିଛି, ସେଥିଲାଗି ନବୀନଙ୍କୁ ବିରୋଧୀ ମେଣ୍ଟରେ ସାମିଲ କରାଯାଇପାରିବ ବୋଲି ମମତା ଏବଂ ନୀତୀଶଙ୍କର ଏକ ଭରସା ଥାଇପାରେ। ହେଲେ ସେମାନେ ସେଥିରେ ଅସଫଳ ହୋଇଥିଲେ।

ମୂଳ କଥା ଉପରେ ନବୀନ କେବେହେଲେ ଗୁରୁତ୍ୱ ଦେଇନାହାନ୍ତି। କେନ୍ଦ୍ରରେ ଭାଜପା ସରକାରଙ୍କ ସବୁ ପ୍ରକାର ନୀତି ନିଷ୍ପତ୍ତିରେ ବିଜେଡି-ଭାଜପା ଏକାଠି ଥିବା ଦେଖିବାକୁ ମିଳୁଛି। ନବୀନ ସବୁବେଳେ ଗୋଟେ ସପକ୍ଷରେ ରହିଆସୁଛନ୍ତି। ହେଲେ ସମଦୂରତା କଥା କହି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଓଡ଼ିଶା ଲୋକମାନେ ମଧ୍ୟ ଏହି କଥାକୁ ଦିନେ ଭଲଭାବେ ବୁଝିବେ ଏବଂ ବିଜେଡି କ୍ଷମତାଚ୍ୟୁତ ହେବ। ଅନ୍ୟପଟେ ଭାଜପା ମଧ୍ୟ ଆମ୍ବ ଚୋରି, କଖାରୁ ଚୋରି ଭଳି ମୂଲ୍ୟହୀନ କଥାକୁ ବିଧାନସଭାରେ ମୁଲତବୀ ପ୍ରସ୍ତାବ ଜରିଆରେ ଆଣୁଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ଦୂରେଇ ରହୁଛି। ସେମାନେ ଏଭଳି ଦୂରେଇ ରହିବା ବି ସ୍ୱାଭାବିକ, କାରଣ ରାଜ୍ୟ ଗସ୍ତରେ ଆସି ବିରୋଧୀ ମେଣ୍ଟର ନେତାମାନେ ଯେତେବେଳେ ନବୀନଙ୍କୁ ଭେଟୁଛନ୍ତି ତା'ର କିଛିଦିନ ମଧ୍ୟରେ ସେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ଏଇଆ ହିଁ ହେବ। କର୍ଣ୍ଣାଟକରେ କଂଗ୍ରେସ ଜିତିଗଲେ ଯେ ନବୀନ ଭାଜପାଠାରୁ ଦୂରେଇବେ ସେକଥା ଭାବିବା ଭୁଲ୍। ଭବିଷ୍ୟତରେ ରାଜସ୍ଥାନରେ ବି ଯଦି କଂଗ୍ରେସ ପୁଣିଥରେ ସରକାରକୁ ଆସେ ତଥାପି ମଧ୍ୟ ସେ ଭାଜପା ସହିତ ରହିବ ବୋଲି ଶ୍ରୀକାନ୍ତ କହିଛନ୍ତି।

ଅନ୍ୟପଟେ ନବୀନ ଏବଂ ମୋଦିଙ୍କ ଭେଟଘାଟକୁ ନେଇ ରାଜନୈତିକ ସମୀକ୍ଷକମାନେ କିନ୍ତୁ ଭିନ୍ନ ପ୍ରକାର ଆକଳନ କରିଛନ୍ତି। ଦେଶର ରାଜନୈତିକ ବାତାବାରଣ କ'ଣ ଘଟିବାକୁ ଯାଉଛି ସେନେଇ ନବୀନ ଆଗରୁ ଜାଣିପାରନ୍ତି ବୋଲି ଅନେକ ସମୟରେ ସେ ତାଙ୍କ ରାଜନୈତିକ ଗୋଟିଚାଳନାରୁ ବୁଝାଇ ଦେଇଥାଆନ୍ତି। ହେଲେ ପ୍ରଥମ ଥର ନବୀନ ହଠାତ୍ ଯାଇ ମୋଦିଙ୍କୁ ଭେଟି ଏକ ଭୁଲ୍ ଦିଗରେ ଯାଇଥିବା ସେମାନେ ମତ ରଖୁଛନ୍ତି। ସେମାନଙ୍କ କହିବା କଥା, ନବୀନ ଯାଇ ମୋଦିଙ୍କୁ ଭେଟିଲେ ଏବଂ ବାହାରକୁ ଆସି ତୃତୀୟ ସାମ୍ମୁଖ୍ୟ ସହ କେବେ ନ ଥିବା କଥା କହିଲେ। ଏହାର ଅର୍ଥ ମମତା ଏବଂ ନୀତୀଶଙ୍କୁ ଭେଟିବା ସତ୍ତ୍ୱେ ସେ ସେମାନଙ୍କ ସହ ରହିବେ ନାହିଁ ବୋଲି ସ୍ପଷ୍ଟ କଲେ। ଅର୍ଥାତ୍ ମମତା ଏବଂ ନୀତୀଶ ଓଡ଼ିଶା ଆସି ନବୀନଙ୍କ ସହ ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବା କଥା ଆଲୋଚନା କରିଥିଲେ। କିନ୍ତୁ କର୍ଣ୍ଣାଟକ ଫଳାଫଳ ବାହାରିବା ପୂର୍ବରୁ ନବୀନ ଯାଇ ମୋଦିଙ୍କୁ ଭେଟିବା ଉଦ୍ଦେଶ୍ୟ ସଫଳ ହେଲା ନାହିଁ। କାରଣ ଦେଶରେ ଯେଉଁ ମୋଦି ମ୍ୟାଜିକ୍ କାମ କରିବାର ଦମ୍ଭୋକ୍ତି ଭାଜପା କହିଆସୁଥିଲା କର୍ଣ୍ଣାଟକ ନିର୍ବାଚନରେ ତାହା ଫେଲ୍ ହେଲା। ସାଉଥ୍ ଇଣ୍ଡିଆ ଏବେ ଭାଜପା ମୁକ୍ତ ହୋଇଗଲା। ଏହି ଫଳାଫଳ କ'ଣ ହେଉଛି ତାହା ନ ଦେଖି ନବୀନ ଯାଇ ମୋଦିଙ୍କୁ ଭେଟିବା ଭୁଲ୍ ହେଲା ବୋଲି ମଧ୍ୟ ସେ ନିଜେ ସ୍ପଷ୍ଟ କରିଛନ୍ତି। କାରଣ ଓଡ଼ିଶା ଶଙ୍ଖ ଭବନରେ ଆୟୋଜିତ ଝାରସୁଗୁଡ଼ା ଉପନିର୍ବାଚନ ସଫଳତା ବିଜୟ ଉତ୍ସବରେ ଯୋଗଦେଇ ନବୀନ କହିଲେ, ସିଙ୍ଗିଲ୍ କି ଡବଲ୍ ଇଞ୍ଜିନ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଗୁଡ୍ ଗଭର୍ଣ୍ଣାନ୍ସ ଓ ପ୍ରୋ ପିପୁଲ ଗଭର୍ଣ୍ଣାନ୍ସ ସବୁବେଳେ ଜରୁରୀ। ଏହି କଥାରୁ ସମୀକ୍ଷକମାନେ ବୁଝୁଛନ୍ତି, କର୍ଣ୍ଣାଟକ ଫଳାଫଳ ପୂର୍ବରୁ ମୋଦିଙ୍କୁ ଭେଟିବା ନିଷ୍ପତ୍ତି ବୋଧହୁଏ ନବୀନ ନିଜେ ନ ନେଇ ଅନ୍ୟ କାହା ଉପରେ ଭରସା କରି ନେଇଛନ୍ତି, ଯାହାର ସଂଶୋଧନ ଓଡ଼ିଶା ଆସି ନିଜେ କରିବା ସହ ଗୁଡ୍ ଗଭର୍ଣ୍ଣାନ୍ସର ମତ ରଖି ସେଥିରେ ତାଳି ପକା ଉଦ୍ୟମ ଜରିଆରେ ଏକ ପ୍ରକାର ସ୍ପଷ୍ଟ କରିଛନ୍ତି।


ନବନିର୍ବାଚିତ ଝାରସୁଗୁଡ଼ା ବିଧାୟକ ଦୀପାଳି ଦାସ ରବିବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶୀର୍ବାଦ ନେଉଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଲେ ଦୀପାଳି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

### ଆଜି ବିଧାୟିକା ଭାବେ ଶପଥ ନେବେ

ଝାରସୁଗୁଡ଼ାର ନବ ନିର୍ବାଚିତ ବିଧାୟିକା ଦୀପାଳି ଦାସ ରବିବାର ଭୁବନେଶ୍ୱରରେ ପହଞ୍ଚିବା ପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେଇଛନ୍ତି। ଝାରସୁଗୁଡ଼ା ଲୋକଙ୍କ ପାଇଁ ସମର୍ପିତ ହୋଇ କାମ କରିବାକୁ ଦୀପାଳିଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ଦୀପାଳି କହିଛନ୍ତି ଯେ, ଏହା ଝାରସୁଗୁଡ଼ାବାସୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ବିଜୟ। ଉପନିର୍ବାଚନ ପାଇଁ ସମସ୍ତେ ବହୁତ ପରିଶ୍ରମ କରିଛନ୍ତି। ବାପାଙ୍କ ସ୍ୱପ୍ନ ଥିଲା ଝାରସୁଗୁଡ଼ାର ନୂତନ ନିର୍ମାଣ। ବାପାଙ୍କ ଦ୍ୱାରା କରାଯାଇଥିବା ବିକାଶ କାର୍ଯ୍ୟ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ, କ୍ୟାନସର ହସ୍ପିଟାଲ, ଓଭରବ୍ରିଜର ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେବ। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଝାରସୁଗୁଡ଼ାବାସୀଙ୍କ ସ୍ୱପ୍ନ ସାକାର କରିବି ବୋଲି ଦୀପାଳି କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କର ସୌଭାଗ୍ୟ ଯେ ମୁଖ୍ୟମନ୍ତ୍ରୀ ତାଙ୍କୁ ଝିଅ ଭଳି ଭାବୁଛନ୍ତି। ଜନତା ଓ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦର ହାତ ତାଙ୍କ ମୁଣ୍ଡରେ ରହିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ସୋମବାର ୧୦ଟା ୪୫ରୁ ୧୧ ମଧ୍ୟରେ ବିଧାୟିକା ଭାବେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବାଚସ୍ପତି ତାଙ୍କ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଉପବାଚସ୍ପତି ରଜନୀକାନ୍ତ ସିଂ ତାଙ୍କୁ ଶପଥ ପାଠ କରାଇବେ।

ସୂଚନାଯୋଗ୍ୟ ଯେ, ଗତ ୧୦ ତାରିଖରେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଭୋଟ୍ ହୋଇଥିବା ବେଳେ ଗତ ୧୩ ତାରିଖରେ ଗଣତି ସରିଛି। ଏହି ଆସନରୁ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ସେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କଠାରୁ ୪୮ ହଜାର ୭୨୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସେ ମୋଟ୍ ୧,୦୭,୧୯୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ତାଙ୍କ ବିପକ୍ଷରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଟଙ୍କଧର ତ୍ରିପାଠୀ ୫୮, ୪୭୭ ଖଣ୍ଡ ଭୋଟ୍ ପାଇଛନ୍ତି।

# କର୍ଣ୍ଣାଟକ: ୯ ମୁସଲମାନ ବିଧାୟକ କଂଗ୍ରେସର


ଆସିଫ୍ ସଇତ୍


କନିଜ୍ ଫତିମା


ଇକ୍‌ବାଲ ହୁସେନ

**ନୂଆଦିଲ୍ଲୀ,୧୪।୫**

ସଦ୍ୟ ଅନୁଷ୍ଠିତ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ୯ ଜଣ ମୁସଲମାନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେମାନେ ସମସ୍ତେ କଂଗ୍ରେସ ଟିକେଟରେ ଲଢ଼ିଥିଲେ। ଶନିବାର ଆସିଥିବା ଫଳାଫଳ ଅନୁସାରେ ବିଧାନସଭାର ୨୨୪ ଆସନ ମଧ୍ୟରୁ କଂଗ୍ରେସକୁ ୧୩୫ ଆସନ ମିଳିଥିବାବେଳେ ଭାଜପା ୬୬ ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ୧୯ରେ ସୀମିତ ରହିଛି। କର୍ଣ୍ଣାଟକର ୫.୩୧ କୋଟି ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୧୩% ହେଉଛନ୍ତି ମୁସଲମାନ ସମ୍ପ୍ରଦାୟର। ଏହି ସଂଖ୍ୟାଲଘୁ ଭୋଟରମାନେ କଂଗ୍ରେସ ସପକ୍ଷରେ ମତଦାନ କରିଥିବା କୁହାଯାଉଛି। ମୁସଲମାନଙ୍କୁ ଦିଆଯାଉଥିବା ୪% ସଂରକ୍ଷଣକୁ ଭାଜପା ସରକାର ଉଚ୍ଛେଦ କରିଦେଇଥିବାବେଳେ କଂଗ୍ରେସ ସେମାନଙ୍କୁ ପୁଣି ରିଜର୍ଭେଶନ ସୁବିଧା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲା। ଏଥିସହ ୧୫ ଆସନରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଟିକେଟ ଦେଇଥିଲା, ଯାହାଙ୍କ ମଧ୍ୟରୁ ୯ ଜଣ ଜିତିଛନ୍ତି। ସେମାନେ ହେଲେ ରହିମ୍ ଖାନ୍ (ବିଦାର), ୟୁଟି ଖଦେର ଫରିଦ (ମାଙ୍ଗାଲୋର), ତନବୀର ସଇତ୍ (ମହିଶୂର ନରସିଂହରାଜା), ଆସିଫ୍ ସଇତ୍ (ବେଲାଗାଭି ନର୍ଥ), ରିଜ୍‌ୱାନ ଅର୍ଶଦ (ଶିବାଜୀ ନଗର), ବି.ଜେଡ୍. ଜମିର ଅହମ୍ମଦ ଖାନ୍ (ଚମରାପେଟ୍), ଏଚ୍.ଏ. ଇକ୍‌ବାଲ ହୁସେନ (ରାମନଗରମ୍), ଏନ୍.ଏ. ହରିଶ (ଶାନ୍ତିନଗର) ଓ କନିଜ୍ ଫତିମା (ଗୁଲବର୍ଗା ନର୍ଥ)। ଅନ୍ୟପକ୍ଷେ ଜେଡିଏସ୍ ୨୩ ଆସନରେ ମୁସଲମାନ ପ୍ରାର୍ଥୀ ଛିଡ଼ା କରାଇଥିଲା। ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଜିତି ନାହାନ୍ତି। ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ୨ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ମାତ୍ର ୦.୦୨% ଭୋଟ ପାଇଛି। ଫତିମା ହେଉଛନ୍ତି କଂଗ୍ରେସ ଟିକେଟରେ ଲଢ଼ିଥିବା ଜଣେ ମାତ୍ର ମହିଳା ମୁସଲମାନ ପ୍ରାର୍ଥୀ। ସେହିପରି ଆସିଫ୍ ସଇତ୍ ଏବଂ ଇକ୍‌ବାଲ ହୁସେନ ପୁନଃ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୭ ମୁସଲମାନ ବିଧାୟକ ପ୍ରଥମ ଥର ପାଇଁ ବିଧାନସଭାରେ ପ୍ରତିନିଧିତ୍ୱର ସୁଯୋଗ ପାଇଛନ୍ତି।


ନୂଆଦିଲ୍ଲୀରେ ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଶିବସେନା ଉଦ୍ଧବ ଗୋଷ୍ଠୀ ନେତା ଆଦିତ୍ୟ ଠାକ୍‌ରେ ଓ ପ୍ରିୟଙ୍କା ଚତୁର୍ବେଦୀ ସାକ୍ଷାତ କରିଛନ୍ତି। ନିକଟରେ ଏଏପି ନେତା ସଞ୍ଜୟ ସିଂ ଉପସ୍ଥିତ।

# ୧୪ ଏସ୍‌ଡିସି ଶୁଭାରମ୍ଭ ନେଇ ରାଜନୀତି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**


ମୋହନ ଚରଣ ମାଝି


ତାରା ପ୍ରସାଦ ବାହିନୀପତି


ପ୍ରଦୀପ ମାଝି

■ **ଏହା ଶାସକ ଦଳର ଥଇଥାନ କେନ୍ଦ୍ର ପାଲଟିଛି: ବିରୋଧୀ**

■ **ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀ ବହୁଳ ଜିଲାରେ ପରିବର୍ତ୍ତନ ଆଣିବ: ପ୍ରଦୀପ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୧୪ ଜିଲାରେ ନୂତନ ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି)ର ଶୁଭାରମ୍ଭ କରିଛନ୍ତି। ପୂର୍ବରୁ ୯ଟି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଶୁଭାରମ୍ଭ ହୋଇଥିଲା। ଏବେ ମୋଟ୍ ୨୩ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ନିର୍ବାଚନ ଆସିଲେ ସରକାରଙ୍କର ଆଦିବାସୀଙ୍କ କଥା ମନେପଡ଼େ ବୋଲି ଉଭୟ ବିରୋଧୀ ଭାଜପା ଏବଂ କଂଗ୍ରେସ ଅଭିଯୋଗ କରିଛନ୍ତି। ଏହା କେବଳ ନିର୍ବାଚନୀ ଥୋପ, ପୂର୍ବରୁ ଥିବା ୯ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେବଳ ରାଜନୈତିକ କାର୍ଯ୍ୟକ୍ରମ ଲାଗି ବ୍ୟବହାର ହେଉଥିବା ବିରୋଧୀ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନ ଚରଣ ମାଝି କହିଛନ୍ତି, ଜନଜାତି ବହୁଳ ଜିଲାଗୁଡ଼ିକର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ, ପ୍ରଜାତିକ ଓ ପରିଚିତିର ସ୍ଥିତାବସ୍ଥା ବଜାୟ ରଖିବା ଲାଗି ରାଜ୍ୟ ସରକାର ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଗଠନ କରିଥିଲେ। ମାତ୍ର ନିର୍ବାଚନ ପରେ ଏହି ପରିଷଦ ସ୍ଥାଣୁ ପାଲଟି ଯାଇଥିଲା। ପ୍ରଥମ ଅଧ୍ୟକ୍ଷଙ୍କ ଇସ୍ତଫା ପରେ ରାଜ୍ୟ ସରକାର ଜାଣିଶୁଣି ଏହାକୁ ବନ୍ଦକରି ଦେଇଥିଲେ। ଓଡ଼ିଶା ଜନସଂଖ୍ୟାର ପ୍ରାୟ ୨୪% ହେଉଛନ୍ତି ଆଦିବାସୀ ଏବଂ ୬୨ ସମ୍ପ୍ରଦାୟ ଓ ୧୩ଟି ପିଭିଟିଜି ସମ୍ପ୍ରଦାୟର ଜନଜାତି ବସବାସ କରନ୍ତି। ଗତ କେନ୍ଦ୍ର ବଜେଟରେ ମୋଦି ସରକାର ପିଭିଟିଜି ସମ୍ପ୍ରଦାୟର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବା ବେଳେ ରାଜ୍ୟ ସରକାର ଠିକ୍ ବିନିଯୋଗ କରିବାରେ ବିଫଳ ହୋଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଖଣି ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଡିଏମ୍‌ଏଫ ପାଣ୍ଠିରେ ଗଚ୍ଛିତ ଥିବା ୧୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାକୁ ଶାସକ ବିଜେଡି ନେତା ଓ କର୍ମୀମାନେ ବ୍ୟାପକ ଭାବେ ହରିଲୁଟ୍ କରିବାରୁ ବିକାଶ ବାଧାପ୍ରାପ୍ତ ହୋଇଛି ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ସରକାର ଏସ୍‌ଡିସି ଗଠନ କରିଛନ୍ତି ଠିକ୍ ଅଛି। ହେଲେ ଏମାନେ ରାଜ୍ୟସ୍ତରୀୟ ବୈଠକ କେତେଥର କଲେଣି। ଜିଲାରେ କେତେ ଟଙ୍କା କେଉଁଠି ଦେଇଛନ୍ତି ଏବଂ ଆଦିବାସୀ ଅଞ୍ଚଳର କ'ଣ ସବୁ ବିକାଶ କରିଛନ୍ତି। ବାସ୍ତବ କଥା ହେଲା ଏମାନେ ଏସ୍‌ଡିସି ଗଠନ କରି କିଛି କରିନାହାନ୍ତି। ନିର୍ବାଚନ ୮ ମାସ ରହିଲା। ସେଥିପାଇଁ ଏମାନେ ଆଉ ୧୪ ଜିଲାରେ ଏସ୍‌ଡିସି ପ୍ରସାରିତ କରିଛନ୍ତି। ଯେଉଁମାନେ ବିଜେଡିର ଆଶାୟୀ ପ୍ରାର୍ଥୀମାନେ ଅଛନ୍ତି ସେମାନଙ୍କୁ ଥଇଥାନ କରିବାର ଏହା ଏକ ଯୋଜନା। ତେଣୁ ଏହା ଥଇଥାନ କେନ୍ଦ୍ର ହୋଇଛି।

ବିଜେଡି ନେତା ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି କହିଛନ୍ତି, ଏସ୍‌ଡିସି ୯ଟି ଆଦିବାସୀ ବହୁଳ ଜିଲା ଯେଉଁଠି ୫୦ ଭାଗ ଆଦିବାସୀ ରହୁଛନ୍ତି, ସେଠାରେ ଯେପରି ଆମୂଳଚୂଳ ପରିବର୍ତ୍ତନ ଆସିପାରିବ ସେଥିଲାଗି କାମ କରୁଛନ୍ତି। ଆଦିବାସୀ କଳା ସଂସ୍କୃତି ଆମୂଳଚୂଳ ପରିବର୍ତ୍ତନ ଉପରେ ବହୁତ ଧ୍ୟାନ ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀ ବହୁଳ ଜିଲାରେ ଆମୂଳଚୂଳ ପରିବର୍ତ୍ତନ ଆଣିବ ବୋଲି ପ୍ରଦୀପ କହିଛନ୍ତି।

UTKAL UNIVERSITY
NAAC-A+Accreditation

**UTKAL UNIVERSITY**
**CENTRE FOR IT EDUCATION**
**DEPARTMENT OF STATISTICS, UTKAL UNIVERSITY**
**VANI VIHAR, BHUBANESWAR-751004, ODISHA, INDIA**
**0674-2567711 / 9438014469 / 6371615706, Website: www.citeutkal.com**
**e-mail: centreforiteducation@gmail.com / citeutkal@gmail.com**

**ADMISSION NOTICE FOR M.TECH. (IT)**

Applications are invited for admission for the 2 Year Full time Program on M.Tech in Information Technology in the department for the academic session 2023-24 under PPP mode.

**SELECTION PROCEDURE**

Selection of candidates for admission shall be made on the basis of Entrance Test to be conducted by the **Centre for IT Education, Department of Statistics, Utkal University on 15.07.2023.**

**ELIGIBILITY FOR ADMISSION**

The candidates seeking admission to this course must have possessed:
(I) Master's Degree in Computer Science/Information Technology/Computer Applications /Statistics/ Mathematics/Physics/Electronic Sciences or any other qualification considered equivalent.
**OR**
(II) Bachelor's Degree in Engineering/Technology or any other qualification considered equivalent (such as AMIEE or AOEACC 'B' Level).
Candidates those who have appeared the final semester examination/ waiting for final result may provisionally be admitted into M.Tech. (IT) course, provided that such candidates shall submit their pass result & CLC before filling up forms for the 1st Semester Examination.

**HOW TO APPLY**

Eligible candidates are required to apply online through the website: **www.citeutkal.com** / to the Course Director, Centre for IT Education, Department of Statistics, Utkal University in the prescribed application form downloadable from the above website from **02.05.2023** along with a Bank Draft of Rs. 500/- in favour of **"Centre for IT Education, Utkal University"** towards Application Form fees and Entrance Test fees drawn on any nationalized bank payable at Bhubaneswar, at the time of submission of the application form.
**The downloaded application forms are also available in the department.**

**For details about Course Fee & Structure visit our website: www.citeutkal.com**
**Last date of issue and submission of the application form is 05.07.2023**

**Chairman, P.G. Council**

# ଡାଲ ହ୍ରଦରେ ଆଲିଗେଟର ଗର ମାଛ



**ଶ୍ରୀନଗର**

ପୃଥିବୀରେ ୩ ଭାଗ ଜଳ ଥିବାବେଳେ ଏକ ଭାଗ ସ୍ଥଳଭାଗ। ଏତେବଡ଼ ଜଳଭାଗରେ ବିଭିନ୍ନ ପ୍ରକାର ଜୀବ ରହିଥାନ୍ତି। ଆଉ ଅନେକ ବି ଅଛନ୍ତି, ଯାହାକୁ ଚିହ୍ନଟ କରାଯାଇନି। ଏମିତି ବି କେତେକ ଜୀବ ଅଛନ୍ତି, ଯେଉଁମାନେ କେବଳ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦେଖାଯା'ନ୍ତି। ଆଲିଗେଟର ଗର ମାଛ, ଯାହା ଉତ୍ତର ଆମେରିକାରେ ଦେଖାଯାଆନ୍ତି। କିନ୍ତୁ ପ୍ରଥମଥର ପାଇଁ ଜମ୍ମୁ-କଶ୍ମୀରର ଡାଲ ହ୍ରଦରେ ଦେଖିବାକୁ ମିଳିଛି। ଏହାର ମୁଣ୍ଡ ଦେଖିବାକୁ କୁମ୍ଭୀର ଭଳି ଏବଂ ଦାନ୍ତଗୁଡ଼ିକ ରେଜର ଭଳି। ଉତ୍ତର ଆମେରିକାରେ ଏହି ମାଛଙ୍କ ଉତ୍ପତ୍ତି ସ୍ଥଳ ହୋଇଥିବାବେଳେ ଏମାନେ ମାଂସାଶୀ ହୋଇଥାନ୍ତି। ପାଣିରେ ଥିବା ଅନ୍ୟ ମାଛ ଏବଂ ବେଙ୍ଗକୁ ଏହି ମାଛ ଖାଇଥାନ୍ତି। ଜମ୍ମୁ ଓ କଶ୍ମୀରର ଡାଲ ହ୍ରଦରୁ ଏହି ମାଛ ମିଳିବା ଏକ ଆଶ୍ଚର୍ଯ୍ୟଜନକ କଥା। ଏହି ମାଛ ପ୍ରଜାତି ସ୍ଥାନୀୟ ମାଛ ପାଇଁ ବିପଦ ଏବଂ ଏହା ସେମାନଙ୍କ ଇକୋସିଷ୍ଟମକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇପାରେ ବୋଲି ଶେର୍ ଇ-କଶ୍ମୀର ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଫ୍ କଶ୍ମୀରର ଫାକଲ୍ଟି ଅଫ ଫିଶେରିଜ୍ ମସୁଦ ଉଲ ହାସନ ବଲ୍ଖି କହିଛନ୍ତି। ଏହି ପ୍ରଜାତି ସଂଖ୍ୟା ବୃଦ୍ଧି ହେତୁ ସ୍ଥାନୀୟ ମାଛଙ୍କ ସଂଖ୍ୟା ଲୋପ ପାଇବାର ସମ୍ଭାବନା ରହିଛି। ଏହି ମାଛର ଠାବ କଶ୍ମୀର ପାଇଁ ଏକ ଚିନ୍ତାର ବିଷୟ ବୋଲି ବଲ୍ଖି କହିଛନ୍ତି। ଏଥିସହ ସେ କହିଛନ୍ତି, କଶ୍ମୀର ଜଳଜୀବଙ୍କ ଇକୋସିଷ୍ଟମକୁ ଧ୍ୟାନରେ ରଖି ଏଥିପ୍ରତି ବୈଷୟିକ ଅଧ୍ୟୟନ କରାଯିବା ଆବଶ୍ୟକ। ଅନ୍ୟ ଜଣେ ଡ. ଖାନ୍ କହିଛନ୍ତି, ଏପର୍ଯ୍ୟନ୍ତ ଏହାର କେବଳ ଗୋଟିଏ ନମୁନା ଧରାଯାଇଛି। ଏହା ଏତେ ଚିନ୍ତାର ବିଷୟ ନୁହେଁ। ଯଦି ଏମାନଙ୍କର ଉଭୟ ପୁରୁଷ ଓ ମହିଳା ପ୍ରଜାତି ଉପସ୍ଥିତ ଥା'ନ୍ତି, ତେବେ ସେମାନେ ପ୍ରଜନନ ଆରମ୍ଭ କରିବେ, ଯାହା ସ୍ଥାନୀୟ ଜଳଜୀବଙ୍କ ଉପରେ ପ୍ରଭାବ ପକାଇବ। ଡ. ଡିନ୍ ଫାରୁଜ ଅହମ୍ମଦ ଭଟ୍ଟ କହିଛନ୍ତି, ଏହି ମାଛ କ୍ଷତିକାରକ ନୁହେଁ। ତଥାପି ଏହା ଉପରେ ଆମର କୌଣସି ଅନୁସନ୍ଧାନ ନାହିଁ, କାରଣ ଏହା ପ୍ରଥମଥର ପାଇଁ ଡାଲ ହ୍ରଦରେ ଦେଖିବାକୁ ମିଳିଛି। ମତ୍ସ୍ୟ ବିଭାଗର ଜଣେ ଅଧିକାରୀ କଶ୍ମୀର ପର୍ଯ୍ୟବେକ୍ଷକଙ୍କୁ କହିଛନ୍ତି, ଏହି ମାଛଟି ମରିଯାଇଛି। ସେମାନେ ନିଜ ବିଭାଗକୁ ଏହି ମାଛକୁ ହସ୍ତାନ୍ତର ପାଇଁ ଲେକ୍ କଞ୍ଜରଭେଶନ ଆଣ୍ଡ ମ୍ୟାନେଜ୍ମେଣ୍ଟ ଅଥରିଟିକୁ ଚିଠି ଲେଖିଛନ୍ତି। ଉକ୍ତ ମାଛକୁ ବିଭାଗରେ ଦେବା ପରେ ଏହା କିପରି ଏଠାକୁ ଆସିଲା ତାହାର ଅନୁସନ୍ଧାନ ହେବ ବୋଲି ଶ୍ରୀନଗର ଗଗ୍ରିବଲ ମୁଖ୍ୟ ପ୍ରକଳ୍ପ ଅଧିକାରୀ ରଫିକ୍ ଅହମ୍ମଦ ସୋଫି କହିଛନ୍ତି।

# ସଲମାନ୍ଙ୍କୁ ଜରିନ୍ଙ୍କ ପ୍ରଶଂସା



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍ ବର୍ତ୍ତମାନ ପର୍ଯ୍ୟନ୍ତ ବି-ଟାଉନରେ ଅନେକଙ୍କୁ କାମ କରିବାକୁ ସୁଯୋଗ ଦେଇଛନ୍ତି। ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସଲମାନ୍ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିମଧ୍ୟରୁ ଜରିନ୍ ଖାନ୍ ଅନ୍ୟତମ। ସେ ପ୍ରଥମ ଥର ସଲମାନଙ୍କ ସହ ବୀର ଫିଲ୍ମରେ ଅଭିନୟ କରି ବଲିଉଡ୍ରେ ଡେବ୍ୟୁ କରିଥିଲେ। ରବିବାର ତାଙ୍କ ଜନ୍ମଦିନ ଅବସରରେ ସେ ସଲମାନଙ୍କୁ ପ୍ରଶଂସା କରିଛନ୍ତି। ସେ ଏକ ସାକ୍ଷାତ୍କାରରେ କହିଛନ୍ତି, ଫିଲ୍ମ ଜଗତରେ ତାଙ୍କ ଯାତ୍ରା ଏକ ରୋଲର କୋଷ୍ଟର ଭଳି ହୋଇଛି। ଏହି ଇଣ୍ଡଷ୍ଟ୍ରିକୁ ଆସିବାକୁ ସ୍ୱପ୍ନ ଦେଖି ନ ଥିଲେ ମଧ୍ୟ ସଲମାନ୍ଙ୍କ ପାଇଁ ସେ ବଲିଉଡ୍କୁ ଆସିଥିଲେ। ଏ ସବୁର ଶ୍ରେୟ ସେ ସଲମାନ୍ଙ୍କୁ ଦେଇଛନ୍ତି। ସେତେବେଳେ ସେ ତାଙ୍କ ପାଇଁ ବଲିଉଡ୍କୁ ଆସିପାରିଥିବା କହିଛନ୍ତି। ଜରିନ୍ଙ୍କୁ ଶେଷଥର ପାଇଁ ଫିଲ୍ମ 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ମ୍ୟୁଜିକ୍ ଭିଡିଓ, ଆଲବମ୍ ମଧ୍ୟ କରିଛନ୍ତି।

# ସାପକୁ ଚୁମ୍ବନ



**ନୂଆଦିଲ୍ଲୀ**

ଆମେ ସାଧାରଣତଃ ସାପ ଦେଖିଲେ ନିଜ ରାସ୍ତା ବଦଳାଇ ଦେଇଥାଉ। ସେ ଯଦିଓ କାମୁଡ଼େନି ତଥାପି ବି ଆମେ ନିଜକୁ ବଞ୍ଚାଇବାକୁ ତା'ଠାରୁ ଦୂରେଇ ରହୁ। ନିକଟରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ଯୁବକ ସାପକୁ କିସ୍ କରୁଥିବା ଦେଖିବାକୁ ମିଳିଛି। ଏପରି ବହୁତ ଲୋକ ଅଛନ୍ତି, ଯେଉଁମାନେ ସାପ ଧରିବାରେ ମାହିର୍। ତାଙ୍କ ପାଇଁ ବିଷଧର ସାପ ଧରିବା ଯେପରି ବାମହାତର କଥା। ଏମାନେ ସାପକୁ ନ ଡରି ତା ସହ ସାଙ୍ଗ ଭଳି ବ୍ୟବହାର କରିଥାନ୍ତି। ଭାଇରାଲ ଭିଡିଓରେ ଜଣେ ଯୁବକ ନଦୀକୂଳରେ ବସିଛନ୍ତି। ତାଙ୍କ ସାଙ୍ଗରେ ରହିଛି ଏକ ୧୨ ଫୁଟର ବିଷଧର ସାପ। ସେହି ସାପ ସହ ଯୁବକ ଜଣକ ଛୋଟପିଲାଙ୍କ ପରି ଖେଳୁଥିବା ନଜରକୁ ଆସିଛି। ଏହାପରେ ସେ ସାପକୁ କିସ୍ ମଧ୍ୟ କଲେ। ସାପଟି ଏଥିରେ ସେପରି କିଛି ପ୍ରତିକ୍ରିୟା ଦେଲାନି। ତାଙ୍କର ଏପରି ସାହସକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି।

# ଆଇସ୍କ୍ରିମ୍ର ମୂଲ୍ୟ ୫ ଲକ୍ଷ





**ଟୋକିଓ**

ବହୁତ ଲୋକ ଆଇସ୍କ୍ରିମ୍ ଖାଇବାକୁ ବେଶ୍ ପସନ୍ଦ କରିଥା'ନ୍ତି। ତେବେ ତା'ର ଦାମ୍ ୧୦ରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ। ହେଲେ ନିକଟରେ ଏକ କମ୍ପାନୀ ଆଇସ୍କ୍ରିମ୍ ପ୍ରସ୍ତୁତ କରିଛି, ଯାହା ବିଶ୍ୱରେ ସବୁଠୁ ଦାମୀ ଆଇସ୍କ୍ରିମ ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଜାପାନର ଏକ ଆଇସ୍କ୍ରିମ୍ କମ୍ପାନୀ 'ସେଲାଟୋ' ନିକଟରେ ବିଶ୍ୱର ସବୁଠୁ ଦାମୀ ଆଇସ୍କ୍ରିମ୍ ପ୍ରସ୍ତୁତ କରିଛି, ଯାହାର ନାମ ରହିଛି 'ବ୍ୟାକୁୟା'। ଏହାର ମୂଲ୍ୟ ୮,୮୦,୮୦୦ ୟେନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ଏହି ଅଭିନବ ଆଇସ୍କ୍ରିମ୍ରେ ଅନେକ ମୂଲ୍ୟବାନ୍ ପୁଷ୍ଟିସାରଯୁକ୍ତ ଉପାଦାନ ରହିଛି। କ୍ଷୀରର ଉପରସ୍ତର ଉପରେ ସବୁଠାରୁ ଦାମୀ ଦୁଇ ପ୍ରକାରର ଛେନା, ଅଣ୍ଡାର କେଶର, ଧବଳ ଟ୍ରଫଲ, ଟ୍ରଫଲ ତେଲ ଆଦି ସମସ୍ତ ଉପାଦାନ ଏଥିରେ ରହିଛି। ଏହି ଆଇସ୍କ୍ରିମକୁ ଏକ ସୌଖୀନ ଧରଣର ବାକ୍ସରେ ବଜାରକୁ ଛଡ଼ାଯାଇଛି। ଏଥିରେ ବ୍ୟବହୃତ ଧବଳ ଟ୍ରଫଲର ଦାମ୍ ହେଉଛି ୬,୭୦୦ ଡଲାର ଅର୍ଥାତ୍ ୫ ଲକ୍ଷ୍ୟ ଟଙ୍କାରୁ ଊର୍ଦ୍ଧ୍ୱ। ସେଥିପାଇଁ ଏହି ଆଇସ୍କ୍ରିମ୍ର ମୂଲ୍ୟ ଏତେ ଅଧିକ। ତେବେ ଏହି ସ୍ୱାଦିଷ୍ଟ ଆଇସ୍କ୍ରିମ୍କୁ ୧୦ ଦିନ ରଖି ଖାଇହେବ।

# ଜନସଂଖ୍ୟା ପରିବର୍ତ୍ତନରେ ପରିବାର


**ଅନ୍ତର୍ଜାତୀୟ ପରିବାର ଦିବସ**

ଅନ୍ତର୍ଜାତୀୟ ପରିବାର ଦିବସ ପ୍ରତିବର୍ଷ ୧୫ ମେ' ରେ ପାଳନ କରାଯାଇଥାଏ। ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦ ସେପ୍ଟେମ୍ବର ୧୯୯୩ରେ ଏକ ପ୍ରସ୍ତାବ ଆଗତ ହୋଇଥିଲା। ସେଥିରେ ଏହି ଦିବସ ପାଳନ ପାଇଁ ପରିବାରଗୁଡ଼ିକ ପ୍ରତି ଅନ୍ତର୍ଜାତୀୟ ସମ୍ପ୍ରଦାୟର ଗୁରୁତ୍ୱକୁ ପ୍ରତିଫଳିତ କରାଯାଇଥିଲା। ପରିବାର ସହ ଜଡ଼ିତ ସମସ୍ୟାଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପରିବାରକୁ ପ୍ରଭାବିତ କରୁଥିବା ସାମାଜିକ, ଅର୍ଥନୈତିକ ଏବଂ ଜନସଂଖ୍ୟା ସମ୍ବନ୍ଧୀୟ ପ୍ରକ୍ରିୟା ବିଷୟରେ ଜ୍ଞାନ ବୃଦ୍ଧି କରିବାକୁ ଏହି ଅନ୍ତର୍ଜାତୀୟ ଦିବସ ଏକ ସୁଯୋଗ ପ୍ରଦାନ କରିଥାଏ। ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି ପରିବାରର ମହତ୍ତ୍ୱ ଏବଂ ମୂଲ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା। ସମଗ୍ର ବିଶ୍ୱରେ ପରିବାରକୁ ପ୍ରଭାବିତ କରୁଥିବା ସମସ୍ୟା ପ୍ରତି ଧ୍ୟାନ ଦେବା ମଧ୍ୟ ଅତ୍ୟନ୍ତ ଜରୁରୀ। ଯଦିଓ ପରିବାରଗୁଡ଼ିକ ଜଟିଳ ଏବଂ ବିବିଧ ହୋଇପାରନ୍ତି, ତଥାପି ସେଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଳିତ ଜାତିସଂଘ ଦ୍ୱାରା ୧୯୯୪ରେ ଅନ୍ତର୍ଜାତୀୟ ପରିବାର ଦିବସ ଆନୁଷ୍ଠାନିକ ଭାବରେ ଘୋଷିତ ହୋଇଥିଲା, ଯାହା ବିଶ୍ୱର ବିଭିନ୍ନ ଅଞ୍ଚଳରେ ପାରିବାରିକ ୟୁନିଟର ସ୍ଥିରତା ଏବଂ ଗଠନ ଉପରେ ପ୍ରଭାବ ପକାଇଥିଲା। ୧୯୯୫ ପରଠାରୁ ଏହା ପ୍ରତିବର୍ଷ ପାଳନ କରାଯାଇଆସୁଛି। ଅନ୍ତର୍ଜାତୀୟ ପରିବାର ଦିବସର ପ୍ରତୀକ ହେଉଛି ଏକ ସବୁଜ ବୃତ୍ତ। ଏଥିରେ ଏକ ଲାଲ ରଙ୍ଗର ହୃଦୟ ଏବଂ ଘରର ଚିତ୍ର ରହିଛି। ଏହି ପ୍ରତୀକ ଅର୍ଥ ହେଉଛି ପରିବାର ପ୍ରତ୍ୟେକ ସମାଜର ଏକ କେନ୍ଦ୍ରୀୟ ଉପାଦାନ ଏବଂ ସବୁ ବୟସଙ୍କ ପାଇଁ ଏକ ସ୍ଥାୟୀ ଓ ସ୍ଥିର ଗୃହ।

ପ୍ରତିବର୍ଷ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ ସହିତ ମିଳିତ ଜାତିସଂଘ ଏକ ଥିମ୍ ଘୋଷଣା କରେ। ଏହି ଥିମ୍ଗୁଡ଼ିକ ସମଗ୍ର ବିଶ୍ୱରେ ପରିବାର ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପରିସ୍ଥିତି ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି ଜନସାଂଖ୍ୟିକ ପରିବର୍ତ୍ତନ ଏବଂ ପରିବାରଗୁଡ଼ିକ (ଡେମୋଗ୍ରାଫିକ ଚେଞ୍ଜ୍ ଆଣ୍ଡ୍ ଫ୍ୟାମିଲିଜ୍)।

# ଲିଙ୍ଗଗତ ଅସମାନତା ଯୋଗୁ ସଙ୍କୁଚିତ ହେଉଛି ମହିଳାଙ୍କ ମସ୍ତିଷ୍କ

**ଲଣ୍ଡନ, ୧୪।୫**



ଅନେକ ଦେଶରେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ବେଶି ପ୍ରାଧାନ୍ୟ ଦିଆଯାଏ। ଘରେ ହେଉ ଅବା ବାହାରେ, ପାଠ ପଢ଼ାଠାରୁ ଆରମ୍ଭ କରି ଚାକିରି କରିବା କ୍ଷେତ୍ରରେ ପୁରୁଷଙ୍କୁ ସବୁଥିରେ ଅଗ୍ରାଧିକାର ଦିଆଯାଏ। ଏହି ଲିଙ୍ଗଗତ ଅସମାନତା କେବଳ ସମାଜକୁ ପ୍ରଭାବିତ କରୁନାହିଁ, ଏହାଦ୍ୱାରା ମହିଳାଙ୍କ ମସ୍ତିଷ୍କ ସଙ୍କୁଚିତ ହେଉଥିବା ଲଣ୍ଡନର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି।

ଲିଙ୍ଗଗତ ଭେଦଭାବ ଅଧିକ ଦେଖାଯାଉଥିବା ଦେଶର ମହିଳାଙ୍କ ମସ୍ତିଷ୍କର ଡାହାଣ ହେମିସ୍ପିୟର ମୋଟେଇ ପୁରୁଷଙ୍କ ତୁଳନାରେ ପତଳା ହୋଇଥିବା ଜଣାପଡ଼ିଛି। ଯେଉଁ ଦେଶରେ ଲିଙ୍ଗଗତ ଅସମାନତା ଅଧିକ ସେ ଦେଶରେ ମହିଳାଙ୍କ ମସ୍ତିଷ୍କର ହେମିସ୍ପିୟର ସେତେ ପତଳା ହୋଇଥିବା ଲକ୍ଷ୍ୟ କରାଯାଇଛି। ଚିନ୍ତା ଓ ଆବେଗ ଯୋଗୁ ମହିଳାଙ୍କ ମସ୍ତିଷ୍କରେ ଏ ପ୍ରକାର ପରିବର୍ତ୍ତନ ଦେଖାଯାଉଥିବା ଅଧ୍ୟୟନର ମୁଖ୍ୟ ଅଥର୍ ତଥା ଅକ୍ସଫୋର୍ଡ ୟୁନିଭର୍ସିଟିର ସାଇକାଟ୍ରି ବିଭାଗ ପ୍ରଫେସର ଡା. ନକୋଲାସ କ୍ରସ୍ଲି କହିଛନ୍ତି। ଅଧ୍ୟୟନରେ ଭାରତକୁ ମଧ୍ୟ ସାମିଲ କରାଯାଇଛି। ଅନ୍ୟପକ୍ଷେ ଜନସଚେତନତା ଯୋଗୁ ବିଭିନ୍ନ ସ୍ଥାନରେ ଲିଙ୍ଗଗତ ଅସମାନତା ହ୍ରାସ ପାଇଛି। ଜର୍ନାଲ ପ୍ରୋସିଡିଙ୍ଗ୍ ଅଫ୍ ଦ ନ୍ୟାଶନାଲ ଏକାଡେମି ଅଫ୍ ସାଇନ୍ସେସ୍ରେ ଅଧ୍ୟୟନର ସବିଶେଷ ତଥ୍ୟ ପ୍ରକାଶ ପାଇଛି।

୧୮ରୁ ୪୦ ବର୍ଷ ବୟସ ବର୍ଗର ୪,୦୭୮ ମହିଳା ଏବଂ ୩,୭୯୮ ପୁରୁଷଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଛି। ବ୍ରିଟେନ, ଚାଇନା, ଆମେରିକା, ଭାରତ, ଦକ୍ଷିଣ ଆଫ୍ରିକା ଆଦି ଦେଶର ଲୋକଙ୍କୁ ଏଥିରେ ସାମିଲ କରାଯାଇଛି। ଚିନ୍ତା କାରଣରୁ ନ୍ୟୁରୋନ୍ ସଂଯୋଗ ସବୁ ଦୁର୍ବଳ ହୋଇଯାଇଥିବା ଏମ୍ଆର୍ଆଇ ଷ୍ଟଡିରୁ ଜଣାପଡ଼ିଥିବା କ୍ରସ୍ଲି କହିଛନ୍ତି। ଅନ୍ୟପକ୍ଷେ ଅବସାଦ ଯୋଗୁ ମହିଳାଙ୍କ ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି ହୋଇଥାଏ। ଏଥିଯୋଗୁ ମହିଳାଙ୍କଠାରେ ମସ୍ତିଷ୍କଜନିତ ରୋଗ ବୃଦ୍ଧି ପାଇବାର ଡର ରହିଛି। ଲିଙ୍ଗଗତ ଅସମାନତା ଦ୍ୱାରା ମହିଳାଙ୍କ ମସ୍ତିଷ୍କ ସଙ୍କୁଚିତ ହେବା ଜଣାପଡ଼ିବା ପରେ ଏହା କେଉଁଭଳି ଏବଂ କେବେ ମସ୍ତିଷ୍କକୁ ଅଧିକ ପ୍ରଭାବିତ କରୁଛି ସେ ବିଷୟରେ ଅଧିକ ଅଧ୍ୟୟନ କରାଯିବାର ଆବଶ୍ୟକତା ରହିଛି।

# ତଦାରଖ ପାଇଁ ସହସ୍ରମୟ ପରମର୍ଦ୍ଦିବେଦ କୋଣାର୍କରେ ସାତଦିନ ଥିଲେ

**ଐତିହ୍ୟର ଓଡ଼ିଶା**

- ମିଥୁନ ବନ୍ଧ ମୂର୍ତ୍ତିର ନିର୍ମାତା ଥିଲେ: ଗଡେଇ ମହାପାତ୍ର
- ମୁଖଶାଳାର ଅଭୁଲା ପଥରଖମ୍ବ ଗଢ଼ିଥିଲେ: ଗଂଗା ମହାପାତ୍ର

**ଡ. ସୁରେନ୍ଦ୍ର କୁମାର ମିଶ୍ର**





ଓଡ଼ିଆ ଶିଳ୍ପୀର ନିହାଣ ମୂନରେ ଲାଳିତ୍ୟମୟ କଳା ଚାତୁରି। (ଫଟୋ: ଜ୍ୟୋତିରାଜ ମହାନ୍ତି, କୋଣାର୍କ)

ପୂର୍ବସଂଖ୍ୟାରେ ଆମେ ସୂଚନା ଦେଇଥିଲୁ ଓଡ଼ିଶାର ନମସ୍ୟ ଶିଳ୍ପୀମାନେ ବାରବର୍ଷ ମାତ୍ର କୋଣାର୍କ ମନ୍ଦିର ନିର୍ମାଣରେ ନିୟୋଜିତ ନ ଥିଲେ। ବାରବର୍ଷ ... ବାରଶ ବଡେଇ .. ଚମକ ସୃଷ୍ଟିପାଇଁ ପ୍ରଚାରିତ ହୋଇଥିଲା। ପୂର୍ବରୁ ହିସାବ ଦେଇଥିଲୁ ପ୍ରାୟ୧୮୦୦ ଶିଳ୍ପୀ କେବଳ କାର୍ଯ୍ୟରତ ଥିଲେ। ଅନ୍ୟମାନଙ୍କୁ ମିଶାଇଲେ ଛଅ ହଜାର ପାଖାପାଖି ହେବ। ପ୍ରକୃତ ସମୟ, ସଂଖ୍ୟା ଓ ଘଟଣା ଆମେ ଜାଣିବା, ଏବେ ଜରୁରୀ ଉଡ଼ାଣିଆ ଚମକପ୍ରଦ ଚାତୁରୀ ଭବିଷ୍ୟତରେ ଆମ ତ୍ୟାଗ ପ୍ରତି ସନ୍ଦେହ ସୃଷ୍ଟି ନ କରିବ, କିଏ କହିବ!

ବାସ୍ତବରେ କୋଡ଼ିଏ ବର୍ଷଧରି ଅବିଚ୍ଛିନ୍ନ ଧାରାରେ କୋଣାର୍କ ଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ତା ପୂର୍ବରୁ ଛ ବର୍ଷର ପ୍ରସ୍ତୁତି ଚାଲିଥିଲା। ପ୍ରସ୍ତୁତିର ଇତିହାସକାରୀଙ୍କ ନାମ ମିଳୁଛି। ମାତ୍ର ଇତିହାସ ଅଜ୍ଞାନ। ତେଣୁ ୨୬ ବର୍ଷ ଧରି କାମ ଚାଲିଥିଲା।

ଶ୍ରୀ ରବିନାରାୟଣଙ୍କ ଚାରିହାତ ବିଶିଷ୍ଟ ଏକ ବସିବା ବିଗ୍ରହ ଏବଂ ଚାରିହାତ ବିଗ୍ରହ ଗଂଗାମହାପାତ୍ର ଓ ଗଦେଇ ମହାପାତ୍ର ମହାଦେବୀ (ମହାରାଣୀ) ଓ ତାଙ୍କ ସହଚରୀମାନଙ୍କ ଅବିକଳ ମୂର୍ତ୍ତି ତିଆରି କଲା। ବେଳକୁ ଗଡେଇ ମହାପାତ୍ରେ ମିଥୁନ ମନ୍ଧ ମୂର୍ତ୍ତିଗୁଡ଼ିକ ପ୍ରସ୍ତୁତ କରିସାରିଥିଲେ। ଯେଉଁ ମିଥୁନବନ୍ଧ ମୂର୍ତ୍ତିଙ୍କୁ ନେଇ ପ୍ରକାୟିକ ପୁସ୍ତକ ଫଟୋ ସହିତ ଦେଶ ଓ ଦେଶ ବାହାରେ ହଇଚଇ ସୃଷ୍ଟି କରିଥିଲେ ମାନନୀୟମାନେ, ସେମାନେ..... ବି ଗଡେଇ ମହାପାତ୍ରଙ୍କୁ ସ୍ମରଣ କଲେ ନାହିଁ! କୋଣାର୍କଠାରେ ପଥରରେ ଯେଉଁ କମନୀୟ ଜଙ୍ଗଲ ଦୃଶ୍ୟ ଆମେ ଦେଖୁଛୁ ତାହା ଭାରତରେ ବିଶେଷ ଦେଖାଯାଏ ନାହିଁ। ଆମେ ଭୁଲି ଯାଇଛେ ତାର ସ୍ରଷ୍ଟା ନମସ୍ୟ ଗଙ୍ଗା ମହାପାତ୍ର ଥିଲେ। ସେ ହିଁ ନିର୍ମାଣ କରିଥିଲେ ମୁଖଶାଳାରେ ସୋଇ ଅଭୁଲା ପଥରଖମ୍ବଗୁଡ଼ିକ।

ପୋଥିରେ ସ୍ଥାନବିଶେଷରେ ଗଡେଇ ମହାପାତ୍ର ଓ ଗଦାଧର ମହାପାତ୍ର, ଏପରି ଦୁଇଟି ନାମ ବ୍ୟବହାର ହୋଇଛି। ଆମେ ଅନୁସନ୍ଧାନ ପରେ ଜାଣିଲୁ ଦୁହେଁ ଜଣେ ବ୍ୟକ୍ତି! ସେ ହିଁ ମୁଖଶାଳାର ପ୍ରାଚୀର କାର୍ଯ୍ୟ ୧୨ ଜଣ ପଥୁରିଆ ଓ ୪୩ ଜଣ ପଥର ବୁହାଳିଙ୍କୁ ନେଇ ସମାପ୍ତ କରିଥିଲେ।

କୋଣାର୍କଠାରେ ମନ୍ଦିର ନିର୍ମାଣ କାର୍ଯ୍ୟପ୍ରତି ଗଜପତି ଖୁବ୍ ସଚେତନ ଥିଲେ। ସବୁଦିଗ ପ୍ରତି ସେ ସତର୍କ ଦୃଷ୍ଟି ରଖିଥିଲେ। ସାମ୍ରାଜ୍ୟର ସୁରକ୍ଷା ପାଇଁ ଯୁଦ୍ଧଯାତ୍ରାରେ ଗଲେ ମଧ୍ୟ ସ୍ୱତନ୍ତ୍ର ଦାୟିତ୍ୱ ହସ୍ତାନ୍ତର କରି ଯାଉଥିଲେ। ଉଦ୍ଦେଶ୍ୟ କେବଳ କାର୍ଯ୍ୟ ବନ୍ଦ ନ ହେଉ।

ଥରେ ଗୌଡଦେଶ (ଆଜି ବଙ୍ଗଳାଦେ।) କୁ ଯୁଦ୍ଧଯାତ୍ରା କରିବା ପୂର୍ବରୁ ନିର୍ଦ୍ଦେଶନାମା ଘୋଷଣା କରିଥିଲେ ମନ୍ଦିର ନିର୍ମାଣ କାର୍ଯ୍ୟ ଯେପରି ମନ୍ଥର ନ ହୁଏ। ଦାୟିତ୍ୱ ଦେଲେ ଅତ୍ୟନ୍ତ ବିଶ୍ୱସ୍ତ ସୁଆସମୟ ବଡଜେନାଙ୍କୁ। ମାନନୀୟ ସୁଆସମୟ ଥିଲେ ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ଭିଣୋଇ। ଗଜପତିଙ୍କ ଭଉଣୀଙ୍କ ନାମ ଚନ୍ଦ୍ରିକା ଦେବୀ। ଚନ୍ଦ୍ରିକାନ୍ତି ଦେବୀ ଭୁବନେଶ୍ୱରର ଶ୍ରୀ ଅନନ୍ତ ବାସୁଦେବଙ୍କ ମନ୍ଦିର ନିର୍ମାଣ କରାଇଥିଲେ।

ଭିଣୋଇ ସୁଆସମୟ ପରିଚିତ ଥିଲେ ସହସ୍ର ମଲ୍ଲ ପରମର୍ଦ୍ଦିଦେବ ନାମରେ। ସେ ଥିଲେ ହୈ ହେୟ ବଂଶର ରାଜକୁମାର। ଜଣେ ବିଚକ୍ଷଣ ଯୋଦ୍ଧା। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ସୈନ୍ୟ ପରିଚାଳନା ଭାର ତାଙ୍କରି ଉପରେ ନ୍ୟସ୍ତ ଥିଲା। ତଥାପି ଗୌଡଦେଶକୁ ଯୁଦ୍ଧଯାତ୍ରା କଲାବେଳେ ସେ ତାଙ୍କୁ ଯୁଦ୍ଧଯାତ୍ରାରେ ନ ନେଇ କୋଣାର୍କ ଯିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ କାର୍ଯ୍ୟ ତଦାରଖ କରିବାପାଇଁ ମକରସଂକ୍ରାନ୍ତି ଦିନ କୋଣାର୍କରେ ପହଞ୍ଚିଥିଲେ। ଶିବିରରେ ସାତଦିନଧରି ଅବସ୍ଥାନ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇଥିଲେ ପରବର୍ତ୍ତୀ ସମୟରେ ଦ୍ୱିତୀୟବାର ଗଜପତି ଗୌଡଦେଶକୁ ଯୁଦ୍ଧଯାତ୍ରା କରିଥିଲେ। ସେତେବେଳେ ଗୌଡଦେଶର ରାଜଧାନୀ, ଲକ୍ଷ୍ମଣାବତୀ, ଅଧିକାର ଲକ୍ଷ୍ୟଥିଲା। ସେଇ ଯୁଦ୍ଧରେ ସହସ୍ରମଲ୍ଲ ସେନାପତିଭାବରେ ସେନାବାହିନୀର ଆଗରେ ରହିଯୁଦ୍ଧ କରୁଥିଲେ। ଶତ୍ରୁସେନାର ଅଚାନକ ଆକ୍ରମଣରେ ଯୁଦ୍ଧଭୂମିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହା ୧୨୪୪ ମସିହା ଘଟଣା।

ଗଜପତି କୌଣସି କାର୍ଯରେ ବ୍ୟସ୍ତ ରହିଲେ ନିର୍ମାଣକାର୍ଯ୍ୟ ଦେଖିବାପାଇଁ ଅତ୍ୟନ୍ତ ବିଶ୍ୱସ୍ତମାନଙ୍କୁ କୋଣାର୍କକୁ ପଠାଇଥିବାର ବର୍ଣ୍ଣନା ମିଳୁଛି ପୋଥିରୁ। ଥରେ ବଳଶ୍ରୀ ଓ ନିଜର ସାବତଭାଇ ଶ୍ରୀଗୋପୀନାଥ ଦେବଙ୍କୁ କୋଣାର୍କ ଯାଇଥିଲେ। ସେ ସମୟରେ ନବଗ୍ରହ ପଥର ଖଞ୍ଜା ନିବାର ଥିଲା। ବଳଶ୍ରୀ ଥରେ ନୁହେଁ, ଅନେକଥର ଆସଥିବା କଥା ମିଳୁଛି। ସେ ଗଜପତିଙ୍କ ପକ୍ଷରୁ ଉକଟାର ଦେବା ସହିତ, କେତେକ ପାଉଣା ମଧ୍ୟ ପ୍ରଦାନ କରିଥିଲେ।

ବଳଶ୍ରୀ କୋଣାର୍କ ଶିବିରରେ ରହି ପଦ୍ମକ୍ଷେତ୍ରର ପ୍ରାଚୀର ଯୋଜନା, ଘୋଡ଼ାଦ୍ୱାର ଓ ହାତୀଦ୍ୱାରାର ଯୋଜନାକୁ ସ୍ୱୀକୃତି ଦେଇଥିଲେ। ଏହି ଯୋଜନା ଗୁଡ଼ିକର ନକ୍ସା ଶିଦେଇ ସାମନ୍ତରାୟ ଦାଖଲ କରିଥିଲେ। ବଳଶ୍ରୀଙ୍କ ସ୍ୱୀକୃତି ମିଳିବାପରେ ଡେଙ୍ଗୁରା ପିଟାଯାଇ ଚାରି ଶିଳ୍ପୀ ଶିବିରରେ ଜଣାଇ ଦିଆଯାଇଥିଲା ସମସ୍ତଙ୍କ ଅବଗତି ନିମନ୍ତେ। ଏଥିରୁ ଜଣାପଡୁଛି ବଳଶ୍ରୀ ମଧ୍ୟ ସ୍ୱୀକୃତି ଦେବାର ଅନ୍ୟତମ ଅଧିକାରୀ ଥିଲେ।

ବଳଶ୍ରୀ ନିର୍ମାଣ କାର୍ଯ୍ୟପ୍ରତି ସତର୍କ ଦୃଷ୍ଟି ରଖୁଥିଲେ। କୌଣସି ବିଶୃଙ୍ଖଳାକୁ ସେ ବରଦାସ୍ତ କରୁନଥିଲେ। ଭଲ କାମ କଲେ ଯେପରି ପୁରସ୍କାର ଦେଇ ସମ୍ମାନିତ କରୁଥିଲେ, ଶୃଙ୍ଖଳା ଭଙ୍ଗକଲେ ସେପରି ଦଣ୍ଡବି ଦେଉଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା,(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସୁନ୍ଦରପୁର ଗ୍ରାମର ଗଜେନ୍ଦ୍ର ମହାନ୍ତିଙ୍କ ଝିଅ ମିନତୀଲତା(୨୯)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଶନିବାର ଅପରାହ୍ଣରେ ମିନତୀଲତାଙ୍କ ମୃତଦେହ ଶୋଇବା ଘରେ ଝୁଲୁଥିବା ନେଇ ପରିବାର ଲୋକେ ଦେଖିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବୈଶାଖୀ ଉଡ଼ାପର୍ବରେ ନିଆଁପାଟ

ମୋରଡା,୧୪।୫ (ଡି.ଏନ.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରଡ଼ା ବୈଶାଖୀ ଉଡ଼ାପର୍ବ ଅବସରରେ ରବିବାର ନିଆଁପାଟ ଅନୁଷ୍ଠିତ ହୋଇଯାଇଛି। ବାବା ଚିତ୍ରେଶ୍ୱର ମହାଦେବଙ୍କ ଉପାସନା କରିଥିବା ଭକ୍ତାଙ୍କ ମଧ୍ୟରେ ଜଣେ ପାଟ ଭକ୍ତା ଥିବାବେଳେ ମୋଟ ୧୩ଜଣ ଦେଶ ଭକ୍ତା ଏବଂ ୭ଜଣ ମାନସିକ ଭକ୍ତା ଚଳିତବର୍ଷ ବ୍ରତ ପାଳନ କରିଛନ୍ତି। ଶୁକ୍ରବାର ଦଣ୍ଡବତ, କଣ୍ଟାପାଟ ଅନୁଷ୍ଠିତ ହୋଇଥିଲା। ଚିତ୍ରଡ଼ା ପଞ୍ଚାୟତ ପକ୍ଷରୁ କେଉଁ କାଳରୁ ଆରମ୍ଭ ହୋଇ ସରପଞ୍ଚ ବାଲକ ମାର୍ଣ୍ଡିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବର୍ଷ ଉଡ଼ାପର୍ବ ଅନୁଷ୍ଠିତ ହୋଇଆସୁଛି। ଏହି ବ୍ଲକ ସମେତ ଏହା ପାଖ ବ୍ଲକ, ଜିଲା ଏବଂ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସିଥାନ୍ତି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ, ଶାଶୁ ଗିରଫ

ବେତନଟୀ,୧୪।୫(ଡି.ଏନ.ଏ.): ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଡାକୋଇ ଗ୍ରାମର ସବିତା ବେହେରା ନାମ୍ନୀ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୮୯/୨୩) ରୁଜୁ କରି ଅଭଯୁକ୍ତ ସ୍ୱାମୀ ମିଥୁନ ବେହେରା ଓ ମଞ୍ଜୁଲତା ବେହେରାଙ୍କୁ ଗିରଫ କରିଛି।

### ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଗୋପବନ୍ଧୁ ନଗର, ୧୪।୫ (ଡି. ଏନ.ଏ.)- ଅଷ୍ଟମ ଶ୍ରେଣୀ ଜାତୀୟ ଗରିବ ମେଧାବୃତ୍ତି ପରୀକ୍ଷାରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ୧୨ଜଣ କୃତିତ୍ୱ ହାସଲ କରିଛନ୍ତି। ପୁରୁଣା ବାରିପଦା ପଞ୍ଚାୟତସ୍ଥିତ ଚଟୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁକାନ୍ତି ସିଂ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କୁ ନୂଆସାହି ମୁଣ୍ଡାରୀ ମାର୍ଶଲ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ଲକ୍ଷ୍ମୀକାନ୍ତ ସିଂଙ୍କ ଅଧକ୍ଷତାରେ ଅତିଥି ଭାବେ ଇଂ. ଜିତେନ୍ଦ୍ର ସିଂ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ସିଂ, ଶିକ୍ଷକ ଉମାକାନ୍ତ ସିଂ, ଇଂ. ବାହାଦୁର ସଂଗ୍ରାମ ସିଂ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଗଜେନ୍ଦ୍ର ସିଂ। ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ରାଉତ ସୁକାନ୍ତିଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଇଥିଲେ।

### ନାବାଳିକାଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ବଡ଼ବିଲ,୧୪।୫ (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ୧୩ ବର୍ଷିୟା ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବଡ଼ବିଲ ଥାନା ଅନ୍ତର୍ଗତ ସାଧୁସିଂହ ହଟିଂସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ରାହୁଲ ବାରିକ(୨୧)। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ନାବାଳିକାଙ୍କ ସମ୍ପର୍କୀୟ ଭାଇଙ୍କ ସାଙ୍ଗ। ବୁଧବାର ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଶନିବାର ବଡ଼ବିଲ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ବଡ଼ବିଲ ପୋଲିସ (ନଂ .୧୩୬/୨୩) ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ରବିବାର କୋର୍ଟଚାଲାଣ କରାଯାଇଛି ବୋଲି ବଡ଼ବିଲ ଥାନା ଆଇଆଇସି ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

### 'ଡାକ୍ତର ସୁରଥ ଥିଲେ ସ୍ଥାନୀୟ ଅଞ୍ଚଳର ଦେବଦୂତ'

ଆରଡ଼ି, ୧୪।୫ (ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର କୁଲେଇପଦା (ମଠଡିହ)ଠାରେ ଦିବଂଗତ ଡାକ୍ତର ସୁରଥ କୁମାର ବିଶ୍ୱାଳଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ପଣ୍ଡା, ରେଣୁବାଳା ସାମଲ, ଲଛମନ ନାୟକ, ରକ୍ଷାକର ବିଶ୍ୱାଳ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ବିପିନ ବିହାରୀ ନାୟକ, ଡା. ଗିରିଶ ନାୟକ, ଅଧାପକ ନିକୁଞ୍ଜ କିଶୋର ଜେନା, ସାମାଜିକ କର୍ମୀ ଶଶାଙ୍କ ଶେଖର ବେହୁରିଆ, ବ୍ରହ୍ମାକୁମାର ଦୟାନିଧି, ଶାନ୍ତନୁ, ଅନନ୍ତ, ସ୍ୱର୍ଗତ ବିଶ୍ୱାଳଙ୍କ ପୁତ୍ର ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ବିଶ୍ୱାଳ ଥିଲେ ସ୍ଥାନୀୟ ଅଞ୍ଚଳର ଦେବଦୂତ। ଭଦ୍ରକରେ ଭେଷଜ ବିଶେଷଜ୍ଞ ଭାବେ କାର୍ଯ୍ୟରତ ବେଳେ ସ୍ଥାନୀୟ ୮ ପଞ୍ଚାୟତର ଲୋକଙ୍କୁ ନିଶୁଳ୍କ ସେବା ଯୋଗାଉଥିଲେ। କରୋନା ସମୟରେ ଲୋକଙ୍କ ସେବା କରି ସେ ଅନନ୍ୟ ଉଦାହରଣ ପାଲଟିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା।

# ସୁବର୍ଣ୍ଣରେଖା ନଦୀବନ୍ଧକୁ ନେଇ ତେଜୁଛି ଅସନ୍ତୋଷ

**ଜଳେଶ୍ୱର,୧୪।୫(ଡି.ଏନ.ଏ.)**

■ଉଚ୍ଚତା କମାଇବା ବାବଦରେ ଭିଜିଲାନ୍ସ ତଦନ୍ତ ଦାବି
■୨୦୦୮ ବନ୍ୟା ଜଳପତ୍ତନକୁ ଲକ୍ଷ୍ୟ କରି ନିର୍ମାଣ ହେଉ ରିଂବନ୍ଧ

ପୂର୍ବରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ବାଲେଶ୍ୱର ଜିଲାର ଜଳେଶ୍ୱର ସହର ଧ୍ୱସ୍ତବିଧ୍ୱସ୍ତ ହେଉଥିବାରୁ ଏହାର ପ୍ରତିକାର ଲାଗି ସରକାରଙ୍କ ପକ୍ଷରୁ ୬କୋଟି ୬୦ଲକ୍ଷ ଟଙ୍କାର ଏକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । କିନ୍ତୁ ମୂଳବନ୍ଧକୁ ଅଧିକ ସୁଦୃଢ଼ କରିବା ଲାଗି ମାଟି ଭର୍ତ୍ତି ନ କରି ଅଧମିଟରରୁ ଅଧିକ ମାଟି ବାହାର କରି ଏହାର ଉଚ୍ଚତା କମାଇ ଦେବା ନେଇ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବନ୍ଧର ଉଚ୍ଚତା କମାଇବା ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଦାବି ହୋଇଥିବା ବେଳେ ୨୦୦୮ରେ ସୁବର୍ଣ୍ଣରେଖାରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାର ଜଳପତ୍ତନକୁ ଲକ୍ଷ୍ୟ କରି ରିଂବନ୍ଧ ନିର୍ମାଣ କରିବାକୁ ଦାବି ହୋଇଛି ।

ସୁବର୍ଣ୍ଣରେଖା ବନ୍ୟା ଇତିହାସରେ ୨୦୦୮ରେ ସର୍ବବୃହତ୍ ବନ୍ୟା ହୋଇଥିଲା । ଏଥିରେ ରାଜଘାଟ ରେଳପୋଲଠାରେ ଜଳପତ୍ତନ ୧୨.୬୯ ମିଟର ହେବାରୁ ଲକ୍ଷ୍ମଣନାଥ ଗାଁଠାରୁ ବାଘାବାଳି ଗାଁ ଯାଏ ନଦୀକୂଳରେ ଥିବା ଟେଷ୍ଟ ରିଲିଫ ବନ୍ଧ (ଟିଆର୍‌ଇ) ବୁଡ଼ିଯାଇ ସହର ମଧ୍ୟରେ ପାଣି ପଶିଥିଲା । ୧୯୬୨, ୧୯୬୮, ୧୯୭୨, ୧୯୭୩, ୧୯୮୫ ଓ ୧୯୯୦ ମସିହାରେ ଜଳେଶ୍ୱର ସହରକୁ ସୁବର୍ଣ୍ଣରେଖା ବନ୍ୟାପାଣି ପ୍ରବେଶ କରି ନାହିଁ ନ ଥିବା ଛାରଖାର କରିଥିଲା । ୨୦୦୮ ବନ୍ୟାରେ ଜଳେଶ୍ୱର ସହର ରୂପରେଖ ବଦଳି ଯାଇଥିବା ବେଳେ କୋଟି କୋଟି ଟଙ୍କାର ବ୍ୟବସାୟିକ ପେଣ୍ଠସ୍ଥଳୀକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା । ଡାକ୍ତରଖାନା, କୋର୍ଟ, ବ୍ଲକ ପରିସରରେ ୫ ଫୁଟରୁ ଅଧିକ ପାଣି ସୁଅ ଛୁଟିଥିବା ବେଳେ ପ୍ରାୟ ୩ ମାସ ଧରି ସଡକ ପଥ ବିଚ୍ଛିନ୍ନ ହୋଇଥିଲା । ଏପରିକି ୧ ମାସ ଧରି ରେଳଯାତ୍ରା ମଧ୍ୟ ବନ୍ଦ ହୋଇଥିଲା । ତେଣୁ ପରିସ୍ଥିତିକୁ ଲକ୍ଷ୍ୟ କରି ନଦୀ କଡେ କଡେ ଟିଆରଇକୁ ଉଚ୍ଚ କରାଯାଇଥିଲା। ସେହି ଅନୁଯାୟୀ ଶିଖରପୁର ସେତୁଠାରୁ ଗୁରୁଦାସପୁର ସେତୁ ମଧ୍ୟରେ ବନ୍ଧର ଉଚ୍ଚତା ୧୩.୮ମିଟର ନିର୍ମାଣ ହୋଇଥିଲା । କିନ୍ତୁ ଏବେ ଜଳେଶ୍ୱର ସହରକୁ ରକ୍ଷା ଲାଗି ରିଂବନ୍ଧର ପରିକଳ୍ପନା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି । କିନ୍ତୁ ଜଳସମ୍ପଦ ବିଭାଗ ପକ୍ଷରୁ ପୂର୍ବରୁ ଥିବା ବନ୍ଧ ୧୩.୮ ମିଟର ବଦଳରେ ୧୩.୨ ଉଚ୍ଚ କରିବାର ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭ ହୋଇଛି । ଫଳରେ ୦.୬ ମିଟର (ଅଧମିଟରରୁ ଅଧିକ) ଉଚ୍ଚତା ହ୍ରାସ କରି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଯେକୌଣସି ସମୟରେ ୨୦୦୮ ମସିହା ବନ୍ୟା ପରିସ୍ଥିତିକୁ ଏଡାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷରେ ଶେଖବାର୍ଡ, ଶେଖବଜାର, ଗୋବରଘଟା ଟିଆର୍‌ଇ ମୋଟ ୭.୫ କି.ମି. ହୋଇଥିବା ବେଳେ ସେଥିରୁ ୫ କି.ମି ରିଂବନ୍ଧ କରାଯିବାର ପରିକଳ୍ପନା ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ୬ କୋଟି ୬୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ବନ୍ଧର ଉଚ୍ଚତା କମାଇ ସେହି ମାଟି ବନ୍ଧର ଦୁଇପଟେ ପକାଇ ପ୍ରଶସ୍ତୀକରଣ କରାଯାଇଛି। ସେହିପରି ଶିଖରପୁର, ବଜାରଶୋଳ, ନରଣପୁର ଟିଆରଇ ର ୩ କି.ମି ସ୍ଥାନର ପିଚୁ ଲାଗି ୫ କୋଟି ୧୦ଲକ୍ଷ ଟଙ୍କା ବ୍ୟୟବରଦା ହୋଇ କାର୍ଯ୍ୟ ଆରମ୍ଭ ହୋଇଛି ।

ବନ୍ଧର ଉଚ୍ଚତା କମାଇବାକୁ ବିଭିନ୍ନ ସ୍ଥାନରେ ବିରୋଧ କରାଯିବା ସହ କାର୍ଯ୍ୟ ବନ୍ଦ କରାଯାଉଛି। ଲକ୍ଷ୍ମଣନାଥ ସମିତି ସଦସ୍ୟ ଜିତେନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଏକ ଜନସ୍ୱାର୍ଥ ସମ୍ବଳିତ ଦାବିପତ୍ର ଜିଲାପାଳ, ସେଚ ବିଭାଗର ଉଚ୍ଚ କର୍ମକର୍ତ୍ତାଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ଦିନରେ ଏଥିଲାଗି ଏକ ଜନସ୍ୱାର୍ଥ ମାମଲା ହେବାକୁ ଯାଉଥିବା ସୂଚନା ମିଳିଛି । ବନ୍ଧର ଉଚ୍ଚତା କମାଇବା ଓ ପ୍ରଶସ୍ତୀକରଣରେ ବ୍ୟାପକ ଅର୍ଥ ହରିଲୁଟ ହେଉଥିବା ଦର୍ଶାଇ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି । ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ବନ୍ଧର ଉଚ୍ଚତା କମାଇ ଦିଆଯାଇଥିଲେ ମଧ୍ୟ ସେଥିରେ କିଛି ଫରକ ପଡିବ ନାହିଁ । ୫ କି.ମି. ରାସ୍ତାର ନବୀକରଣ ଓ ପିଚୁ କରାଗଲେ ବନ୍ୟା ନିୟନ୍ତ୍ରଣ ହୋଇପାରିବ।

## ସ୍ତ୍ରୀଙ୍କୁ ଜିଅନ୍ତା ଜାଳିଦେଲେ ନିଶାସକ୍ତ ସ୍ୱାମୀ




ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଛି।

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର, ୧୪।୫(ଡି.ଏନ୍.ଏ.)**

ମଦ ନିଶାରେ ଚୂର୍ ହୋଇ ପ୍ରତିଦିନ ସ୍ତ୍ରୀଙ୍କୁ ମାର୍‌ପିଟ୍ କରୁଥିଲେ। ଏହାକୁ ନେଇ ଦାମ୍ପତ୍ୟ ଜୀବନରେ ଯେଉଁ ଝଡ଼ ସୃଷ୍ଟି ହୋଇଥିଲା, ତାହାର ଭୟଙ୍କର ଅନ୍ତ ଘଟିଛି। ନିଶାସକ୍ତ ସ୍ୱାମୀ କିରୋସିନ ଢାଳି ସ୍ତ୍ରୀଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କେରଜୋଳି ଗ୍ରାମ ବାଲିସାହିରେ ରବିବାର ଅପରାହ୍ଣରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ମୃତା ହେଲେ ରଙ୍ଗବତୀ ଦାସ (୫୪)। ପୁଅ ବିକାଶ ଦାସ (୨୦)ଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ନିରଞ୍ଜନ ଦାସ (୫୮)ଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ପାଖରେ ନିରଞ୍ଜନଙ୍କ ଘର ରହିଛି। ସେଠାରେ ସେ ପରିବାର ସହ ରହୁଥିଲେ। ସେ ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀ ରଙ୍ଗବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଘରେ କେହି ନ ଥିବାବେଳେ ନିରଞ୍ଜନ ଘରେ ପହଞ୍ଚି ରଙ୍ଗବତୀଙ୍କୁ ନିସ୍ତୁକ ମାଡ଼ ମାରିବା ସହ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ପ୍ରମାଣ ନଷ୍ଟ କରିବାକୁ ଦରପୋଡ଼ା ମୃତଦେହକୁ ଦାହ କରିବାକୁ ଜଙ୍ଗଲକୁ ନେଇଯାଇଥିଲେ। ତେବେ ଏଭଳି ଜଘନ୍ୟକାଣ୍ଡ ସମ୍ପର୍କରେ ସୂଚନା ପାଇ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ, କଙ୍କଡ଼ାହାଡ଼ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ, ଏସ୍‌ଆଇ ବିଷ୍ଣୁପ୍ରିୟା ରଣା ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଇଥିଲେ। ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ତନାଘନା ଚଳାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି



ନାଧରାସ୍ଥିତ ଗୋକନକେଶ୍ୱର ପୀଠରେ ନିର୍ବନ୍ଧପୂଜା।

**ଢେଙ୍କାନାଳ ଅଫିସ, ୧୪।୫**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରାର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାମଚଣ୍ଡୀ ପୀଠର ଅଧିଷ୍ଠାତ୍ରୀ ଦେବୀ ଦେବକନ୍ୟା ରାଜରାଜେଶ୍ୱରୀ ମା' ଗୌରୀଙ୍କ ସହ ଗୋକନକେଶ୍ୱର ପୀଠାଧୀଶ

**ସରିଲା ନିର୍ବନ୍ଧ, ୨୪ରେ ବିବାହ**

ଶ୍ରୀଲୋକନାଥ ମହାଦେବଙ୍କ ନିର୍ବନ୍ଧ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ଦେବଦମ୍ପତିଙ୍କ ବିବାହ ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାଉଁରିଆପାଳ ନିବାସୀ ସସ୍ମିତା ନାୟକ, ସୁବ୍ରତ କୁମାର ନାୟକ ବର ମାତାପିତା ଏବଂ ଢେଙ୍କାନାଳ ହାଟରୋଡ୍ ନିବାସୀ ପ୍ରତିଭା ସ୍ୱାଇଁ ଓ ଜୟକୃଷ୍ଣ ସ୍ୱାଇଁ କନ୍ୟା ମାତାପିତା ଦାୟିତ୍ୱ ନିର୍ବାହ କରିବେ।

## ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ନିର୍ମାଲ୍ୟଙ୍କ କୃତିତ୍ୱ

କୋଡ଼ପଡ଼ା,୧୪।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ନିର୍ମାଲ୍ୟ ପ୍ରାସଦ ପାଢ଼ୀ ସିବିଏସଇ ଦଶମ ପରୀକ୍ଷାରେ ୯୫.୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ।



ସେ ଆନନ୍ଦପୁର ପୌର ପରିଷଦ ୬ନଂ. ୱାର୍ଡ ବାସିନ୍ଦା ତଥା ଓଡ଼ିଶା ନିର୍ମାଣ ନିଗମ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଶୁଭାଶିଷ ପାଢ଼ୀ ଓ ଶିକ୍ଷୟିତ୍ରୀ କବିତାରାଣୀ ଦିକ୍ଷିତଙ୍କ ଏକମାତ୍ର ପୁଅ। ସେ ମୋଟ ୫୦୦ ମାର୍କରୁ ୪୭୬ ନମ୍ବର ରଖି କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସଫଳତା ନେଇ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପଡ଼ୋଶୀ ଓ ସହପାଠୀମାନେ ଶୁଭେଚ୍ଛା ଜଣାଇଛନ୍ତି। କଠିନ ପରିଶ୍ରମ, ମାତାପିତାଙ୍କ ଆଶୀର୍ବାଦ, ଅଧକ୍ଷ ସୌମ୍ୟଶଙ୍କର ବେହେରା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେଇଥିଲେ।

## ସିବିଏସ୍‌ଇ ଦ୍ୱାଦଶ, ଦଶମ ପରୀକ୍ଷାରେ ଜିନ୍ଦଲ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ଯୋଡ଼ା,୧୪।୫(ଡି.ଏନ୍.ଏ.)**



ତନୁ, ସୁମନୟ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲର ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ସମସ୍ତ ୧୧୬ଜଣ ଛାତ୍ରୀଛାତ୍ର କୃତୀତ୍ୱ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୬ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଛାତ୍ରୀ ତନୁ ସର୍ବାଧିକ ୯୩ ପ୍ରତିଶତ ନମ୍ବର ରଖିଛନ୍ତି। ଏଥିସହିତ ପ୍ରଭୋଜିତ କୌର ଓ ବେଦାନ୍ତ ଦୁବେ ୯୨.୨ପ୍ରତିଶତ, ନିଷ୍ଠା ତ୍ରିପାଠୀ ୯୧.୮ ପ୍ରତିଶତ, ଶ୍ରୁତି ପାଢ଼ୀ ୯୧.୨ ପ୍ରତିଶତ, ହର୍ଷରାଜ ସିଂହ ୯୦.୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟର ୨୫ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଛାତ୍ର ସୁମନୟ ଓମ ପ୍ରକାଶ ସର୍ବାଧିକ ୯୬.୪ ପ୍ରତିଶତ ନମ୍ବର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା, ଶିକ୍ଷୟିତ୍ରୀ, ଶିକ୍ଷକ, ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ତଥା ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟଗଣ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାଜପା ପକ୍ଷରୁ ୧୨ ଘଣ୍ଟିଆ ହରତାଳ ଡାକରା

**ବାରିପଦା ଅଫିସ,୧୪।୫**

ରାଷ୍ଟ୍ରପତ ଓ ରାଜ୍ୟପାଳଙ୍କ ତିନିଦିନିଆ ମୟୂରଭଞ୍ଜ ଗସ୍ତ ସମୟରେ ଜିଲା ପ୍ରଶାସନ ତରଫରୁ ହୋଇଥିବା ତ୍ରୁଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏ ନେଇ ଜିଲା ଭାଜପା ପକ୍ଷରୁ ପ୍ରତିବାଦ ସ୍ୱରୂପ ଆଗାମୀ ୧୯ତାରିଖରେ ଜିଲାବ୍ୟାପି ହରତାଳ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ, ଅଣଦେଖା ଏବଂ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ତ୍ରୁଟି ହୋଇଥିବା ଜାଣି ମଧ୍ୟ ଦୀର୍ଘ ୭ ଦିନ ବିତି ଯାଇଥିବା ସତ୍ତ୍ୱେ ସରକାରଙ୍କ ତରଫରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପୂର୍ବ ଜିଲା ଭାଜପା ସଭାପତି କାନ୍ଦରା ସୋରେନ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ପ୍ରାକ୍ତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ନିହାର ରଞ୍ଜନ ମୋଦି, ପୂର୍ବତନ ଜିଲାପରିଷଦ ସଭାପତି ସୁଜାତା ମୁର୍ମୁ, ପରେଶ ମହାନ୍ତ, ବଳରାମ ସାହୁ, ନିରଞ୍ଜନ ଦାସ, ରାସିକା ନନ୍ଦ ମିଶ୍ର, ଅଶୋକ ବ୍ରହ୍ମା, ସୁବ୍ରତ ମୁଖୀ, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ ନେଇ ବଢୁଛି ବିବାଦ

**ଭୋଗରାଇ,୧୪।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମଧ୍ୟସ୍ଥଳୀ ଥାନା ଛକଠାରେ ଦୀର୍ଘବର୍ଷ ଧରି ସରକାରୀ ଜାଗାରେ ଗରିବ ବେକାର ଯୁବତୀଯୁବକମାନେ ନିଜ ପରିବାର ପ୍ରତିପୋଷଣ କରିବା ପାଇଁ ଛୋଟ କ୍ୟାବିନ୍ ପକାଇ ଗୁଜୁରାଣ ମେଣ୍ଟାଉଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ତହସିଲଦାର ଜେସିବି ଲଗାଇ ୧୧ଟି ଦୋକାନ ଗୃହକୁ ଭାଙ୍ଗି ଦେଇଛନ୍ତି। ଭାଙ୍ଗି ଦିଆଯାଇଥିବା ଦୋକାନୀମାନଙ୍କୁ ଅଦ୍ୟାବଧି ଜନପ୍ରତିନିଧି ଓ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବାରୁ ସେମାନେ ବେସାହାରା ହୋଇପଡ଼ିଛନ୍ତି। ଗରିବ ଦୋକାନୀମନେ ଥଇଥାନ ନ ହେବାରୁ ସେମାନଙ୍କର ଆର୍ଥିକ ଅବସ୍ଥା ଦୁର୍ବିଷହ ହୋଇପଡୁଛି। କର୍ମସଂସ୍ଥାନ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଥାନା ଛକ ମାଛ ମାର୍କେଟ୍ ଶାନ୍ତି ହୋଟେଲ ଦକ୍ଷିଣକୁ ଜଣେ ବ୍ୟକ୍ତିଙ୍କ ୪ଶହ ବର୍ଗଫୁଟର ୫ମହଲା ଉଚ୍ଚ ବିଲ୍ଡିଂ ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ବିଲ୍ଡିଂ ନିର୍ମାଣ ହେଉଥିବା ସ୍ଥଳେ ବିଲ୍ଡିଂକୁ ଲାଗି ତଳ ମହଲା ଅନ୍ୟ ଲୋକଙ୍କ ରହିବା ଲାଗି ସ୍ଥିତି ସାଂଘାତିକ ହୋଇଥିବା ଅଭିଯୋଗ ହେଉଛି। ପାଞ୍ଚ ମହଲା ଘରୁ ବର୍ଷା ପାଣି ବିଛାଡ଼ି ହୋଇ ମୂଷଳ ଧାରାରେ ପଡୁଥିବାରୁ ଅନ୍ୟ ଘର ତଳେ ଥିବା ଲୋକଙ୍କ ଜୀବନ ପ୍ରଭାବିତ ହେଉଛି। ଏନେଇ ଗ୍ରାମବାସୀ ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପାଞ୍ଚ ମହଲା କୋଠା ନିମନ୍ତେ ସରକାରୀ ସୁପରଭିଜନ ସାର୍ଟିଫିକେଟ୍, ଆଫିଡେଭିଟ୍, ଫିଜିକାଲ ସାର୍ଟିଫିକେଟ୍, ଷ୍ଟ୍ରକଚର ଷ୍ଟାବଲିଟି, ଫାୟାର ରେକମଡେସନ୍, ପରିବେଶ ପ୍ରତି ସରକାରୀ ସାର୍ଟିଫିକେଟ୍ ନ ଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଅବିଳମ୍ବେ ଏହି କୋଠା ନିର୍ମାଣ ବନ୍ଦ କରିବାକୁ ଦାବି କରିଛନ୍ତି।

## ସେବା ପାଇଁ ସମ୍ବର୍ଦ୍ଧିତ ସ୍ୱର୍ଣ୍ଣଲତା

**ଭଣ୍ଡାରିପୋଖରୀ, ୧୪।୫ (ସ୍ୱ.ପ୍ର.)**

**'ମାଙ୍କୁ ସମ୍ମାନ' କର୍ମଶାଳା**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ କୁରିଗାଁ ପଞ୍ଚାୟତ କଣ୍ଟି ଗ୍ରାମର ଆଶାକର୍ମୀ ସ୍ୱର୍ଣ୍ଣଲତା ପତି(୫୮)। ଲୋକଙ୍କ ସେବାରେ ନିଜକୁ ସମର୍ପି ଦେଇଥିବା ସ୍ୱର୍ଣ୍ଣଲତାଙ୍କ ଜୀବନ ସଂଘର୍ଷପୂର୍ଣ୍ଣ । ୩୦ବର୍ଷ ତଳେ ସ୍ୱାମୀଙ୍କୁ ହରାଇଥିଲେ ହେଁ ଏଥିରେ ଭାଙ୍ଗି ନ ପଡ଼ି ଆଗକୁ ବଢ଼ିଥିଲେ। ମାସିକ ୧୦୦ ଟଙ୍କା ଦରମାରେ ଗାଁ ସ୍କୁଲରେ ପାଚିକା ଭାବେ କାମ କରିଥିଲେ। ପରେ ନିଜର ପ୍ରଚେଷ୍ଟା ଫଳରେ ଗାଁର ଆଶାକର୍ମୀ ଭାବେ ନିଯୁକ୍ତି ପାଇଥିଲେ। ୫୭ବର୍ଷ ବୟସରେ ମାଟ୍ରିକ୍ ପାସ୍ କରି ସାରା ରାଜ୍ୟରେ ପ୍ରଂଶସାର ପାତ୍ରୀ ହୋଇଥିଲେ। ସମାଜସେବାକୁ ନିଜ ଜୀବନର ବ୍ରତ ହିସାବରେ ଗ୍ରହଣ କରି ଅଞ୍ଚଳରେ ଥିବା ଦୁଃଖୀ, ରୋଗୀମାନଙ୍କ ସେବା କରୁଛନ୍ତି। ଏଥିପାଇଁ ତାଙ୍କୁ ଏହି ଅଞ୍ଚଳବାସୀ ଦ୍ୱିତୀୟ ମଦର ଟେରେସା ବୋଲି କୁହନ୍ତି। ଏଭଳି ସେବା ପାଇଁ କୁରିଗାଁଠାରେ ଉତ୍କଳ ଫାଉଣ୍ଡେଶନ ପକ୍ଷରୁ ଶନିବାର ଅନୁଷ୍ଠିତ 'ମାଙ୍କୁ ସମ୍ମାନ' କର୍ମଶାଳାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏଥିରେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ପୁଅ ଅଜିତ ପତି, ଖବରଦାତା ରବି ନାରାୟଣ ଖିଲାର, ଉତ୍କଳ ଫାଉଣ୍ଡେଶନର ମୁଖ୍ୟ ତ୍ରିଲୋଚନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



'ମାଙ୍କୁ ସମ୍ମାନ' କର୍ମଶାଳାରେ ଆଶାକର୍ମୀ ସ୍ୱର୍ଣ୍ଣଲତା ପତିଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

# ରାଇସୁଆଁ-ସାହାଡ଼ାପୁର ରାସ୍ତା ଶୋଚନୀୟ

**କେନ୍ଦୁଝର,୧୪।୫(ଡି.ଏନ୍.ଏ.)**

■ରାସ୍ତାରୁ ପିଚୁ ଉଠି ମେଟାଲ ଦିଶୁଛି
■୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ହନ୍ତସନ୍ତ



ବିପର୍ଯ୍ୟସ୍ତ ରାସ୍ତା।

କେନ୍ଦୁଝର ସଦର ବ୍ଲକ୍ ରାଇସୁଆଁ-ସାହାଡାପୁର ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମରାମତି ଅଭାବରୁ ପିଚୁ ଉଠି ମେଟାଲ ଦେଖାଯାଉଛି। ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ଉପରେ ନିର୍ଭରଶୀଳ ଶହଶହ ଲୋକ ଗମନାଗମନରେ ଅସୁବିଧା ଭୋଗୁଛନ୍ତି। ଜିଲା ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ଗ୍ରାମାଞ୍ଚଳ ରାସ୍ତାଟିକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ସନ୍ତୋଷ ବେହେରା, ଜିତେନ୍ଦ୍ର ଷଡ଼ଙ୍ଗି ପ୍ରମୁଖ ଦାବି କରିଛନ୍ତି।

ପ୍ରକାଶ ଯେ, ଜାତୀୟ ରାଜପଥ ୨୦ରେ ରାଇସୁଆଁଠାରୁ ସାହାଡ଼ାପୁରକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟି ପୂର୍ବରୁ ବାଉରିପଦା ପର୍ଯ୍ୟନ୍ତ କାମ ହୋଇଥିଲା। କିନ୍ତୁ ନିମ୍ନମାନର କାମ ଓ ବିଭାଗୀୟ ଅବହେଳା କାରଣରୁ ରାସ୍ତାରୁ ପିଚୁ ଉଠିଗଲାଣି। ସ୍ଥାନେସ୍ଥାନେ ମେଟାଲ ଉଠି ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ରାସ୍ତାର ବାଉରୀପଦା ଛକଠାରୁ ସାହାଡ଼ାପୁର ପର୍ଯ୍ୟନ୍ତ ଅବସ୍ଥା ସବୁଠାରୁ ଅଧିକ ଖରାପ ହୋଇପଡ଼ିଛି। ମେଟାଲ ଗୁଡ଼ିକ ବାହାରି ଏଣେତେଣେ ବିଛୁଡ଼ି ହୋଇ ପଡ଼ିଥିବାରୁ ଗମନାଗମନରେ ଅନେକ ଅସୁବିଧା ହେଉଛି। ରାସ୍ତାରେ ପ୍ରତ୍ୟେକ ଦିନ ଗୋବର୍ଦ୍ଧନ, ବାଉରିପଦା, କାଉଁରୀକଳା, ରାଇସୁଆଁ ଓ ଗୋପିନାଥପୁର ପ୍ରଭୃତି ୫ ପଞ୍ଚାୟତର ଲୋକେ ନିର୍ଭର କରିଥାଆନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଦୈନିକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟବାସିନ୍ଦା କହିଛନ୍ତି। ବିଶେଷକରି ସାହାଡ଼ାପୁର, ଜଡ଼ିପଦା, ଶଙ୍କିରୀ, ହାଣ୍ଡିଭଙ୍ଗା, କଣାପଶି, କାଉଁରୀକଳା, ମନୋହରପୁର, କାଠକରଞ୍ଜିଆ, ପୋଟଳ, ସେଣ୍ଡକାପ, କାଉଁରୀକଳା ଅଞ୍ଚଳର ଚାଷୀ ପ୍ରତ୍ୟେକଦିନ କେନ୍ଦୁଝର ମୁଖ୍ୟାଳୟକୁ ଯାତାୟାତ କରିଥାନ୍ତି। ରାସ୍ତାରେ ଉକ୍ତ ୫ ପଞ୍ଚାୟତ ବ୍ୟତିତ ରାଇକଳା, ହାଣ୍ଡିଭଙ୍ଗା, ପଳାଶପଙ୍ଗା ପଞ୍ଚାୟତର କେତେକ ଗ୍ରାମର ଲୋକେ କେନ୍ଦୁଝର ସହର, ସଦର ଥାନା, ଡାକ୍ତରଖାନା, କଲେଜ ଯିବା ଆସିବା କରିବାରେ ବ୍ୟବହାର କରିଥାନ୍ତି। ବିଶେଷ କରି ଚାଷୀମାନଙ୍କ ପାଇଁ ରାଇସୁଆଁ ସାହାଡ଼ାପୁର ରାସ୍ତା ଗୁରୁତ୍ୱପୂର୍ଣ୍ଣ ଅଟେ। ରାସ୍ତା ଅବସ୍ଥା ଖରାପ ଯୋଗୁ ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଭ ପ୍ରକାଶ ରଥ କହିଛନ୍ତି, ଉକ୍ତ ରାସ୍ତା ନିମନ୍ତେ ଟେଣ୍ଡର ହୋଇଛି। ଆସନ୍ତା ୧୦ ଦିନ ମଧ୍ୟରେ ରାସ୍ତାର ପିଚୁ କାମ ଆରମ୍ଭ କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର,ସୋମବାର, ୧୫ ମେ ୨୦୨୩



## ସଂକ୍ଷେପରେ

### ଚୋରି ଅଭିଯୁକ୍ତଙ୍କୁ ପୋଲିସ ଜିମା

ବଇଣ୍ଡା,୧୪।୫(ଡି.ଏନ.ଏ)-କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଯାତ୍ରା ପଡ଼ିଆରୁ ଚୋରି କରୁଥିବା ବେଳେ ଜଣେ ଯୁବକ ଏବଂ ତାଙ୍କର ୪ ସହଯୋଗୀ ଧରାପଡ଼ିଛନ୍ତି। ସମସ୍ତଙ୍କୁ କାବୁ କରି ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଗ୍ରାମବାସୀ କହିଛନ୍ତି, ଫାଣ୍ଡି ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ବଇଣ୍ଡା ଅଞ୍ଚଳରେ ଚୋରି ମାମଲା ବଢ଼ିବାରେ ଲାଗିଛି। ପ୍ରସିଦ୍ଧ ଚନ୍ଦନଯାତ୍ରାରେ ବ୍ୟାପକ ଜନସମାଗମ ହେଉଥିବାବେଳେ ଏହାର ସୁଯୋଗରେ ଲୁଟେରା ଗୋଷ୍ଠୀ ସକ୍ରିୟ ହୋଇଉଠିଛନ୍ତି। ଇତିମଧ୍ୟରେ ଅନେକ ବ୍ୟବସାୟୀଙ୍କଠାରୁ ଚୋରି ହୋଇଛି। ରବିବାର କିଶୋରନଗର ଥାନା ଅଞ୍ଚଳର ଜଣେ ଯୁବକ ଚୋରି କରୁଥିବାବେଳେ ଯାତ୍ରା କମିଟି ସଭ୍ୟ ଏବଂ ବ୍ୟବସାୟୀମାନେ ତାଙ୍କୁ କାବୁ କରିଥିଲେ। ତାଙ୍କ ସହ ଥିବା ଅନ୍ୟ ୪ ଯୁବକଙ୍କୁ ମଧ୍ୟ ସନ୍ଦେହରେ ଧରିଥିଲେ। ସମସ୍ତଙ୍କୁ ଫାଣ୍ଡି ପୋଲିସ ଜିମା ଦିଆଯାଇଛି। ଏ ନେଇ ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ କହିଛନ୍ତି, ଉକ୍ତ ଯୁବକଙ୍କୁ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଘଟଣାର ତଦନ୍ତ ଚାଲିଛି।


### ୨ ବାଇକ୍ ଚୋରି

ବଇଣ୍ଡା,୧୪।୫(ଡି.ଏନ.ଏ)-କିଶୋରନଗର ବ୍ଲକ ବଇଣ୍ଡା ଯାତ୍ରା ପଡ଼ିଆରୁ ଶୁକ୍ରବାର ୨ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଯାତ୍ରା ଦେଖିବାକୁ ଆସିଥିବା ୨ଜଣ ଯୁବକ ସେମାନଙ୍କ ବାଇକ୍ ରାସ୍ତା କଡ଼ରେ ରଖିଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଦୁଇଟିଯାକ ବାଇକ୍ ଚୋରି କରି ନେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ କହିଛନ୍ତି।

### ମନ୍ଦିର ହୁଣ୍ଡିରୁ ଚୋରି

ମାଧପୁର,୧୪।୫-ଆଠମଲ୍ଲିକ ବ୍ଲକ କଣ୍ଡଳା ପଞ୍ଚାୟତ ଅଧୀନ ଦେଉଳି ଗ୍ରାମରେ ଅବସ୍ଥିତ ବାବା ଗୁପ୍ତେଶ୍ୱର ଶୈବ ପୀଠ ପରିସରରେ ଥିବା ହୁଣ୍ଡିରୁ ରବିବାର ଚୋରି ହୋଇଛି। କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଟଙ୍କା ଚୋରି କରି ନେଇଥିବା ସନ୍ଦେହ କରାଯାଉଛି। ଆଳତି କରିବା ପାଇଁ ପୂଜକ ଯାଇଥିବା ସମୟରେ ମନ୍ଦିରର ମୁଖ୍ୟ ତାଲା ଏବଂ ହୁଣ୍ଡିର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୂଜକ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଖବରଲେଖା ହେବା ସୁଦ୍ଧା ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଜଳିଗଲା ଦୋକାନ



ଅନୁଗୋଳ ଅଫିସ,୧୪।୫-ଅନୁଗୋଳ ସଦର ଥାନା ଅନ୍ତର୍ଗତ ଚନ୍ଦ୍ରବାହଳଠାରେ ଥିବା ଏକ ଦୋକାନ ରବିବାର ଜଳିଯାଇଛି। କେହି ଦୁର୍ବୃତ୍ତ ଉକ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୫୦ ହଜାର ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି।

# ଜଳସଙ୍କଟ ଉତ୍କଟ

■କଲବଲ ହେଉଛନ୍ତି ଗ୍ରାମାଞ୍ଚଳବାସୀ
■ଖୋଲୁନି ଜଳଛତ୍ର, ପଥଚାରୀ ଛଟପଟ



ଅଙ୍ଗପଡ଼ା ପଞ୍ଚାୟତର ଏକ ପୋଖରୀ ଶୁଖିଲା ପଡ଼ିଛି।

ବଇଣ୍ଡା, ୧୪।୫(ଡି.ଏନ.ଏ)

ଶିଳ୍ପସମୃଦ୍ଧ ଅନୁଗୋଳ ଜିଲାରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିବାବେଳେ ଗ୍ରାମାଞ୍ଚଳରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଛି। ବିଶେଷ କରି ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ସମସ୍ୟା ଜଟିଳ ଆଡ଼କୁ ଗତି କରୁଛି। ଗ୍ରୀଷ୍ମପ୍ରବାହର ମୁକାବିଲା ଲାଗି ପ୍ରଶାସନିକ ପ୍ରସ୍ତୁତି ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ସବୁ ସ୍ଥାନରେ ଜଳଛତ୍ର ଖୋଲିପାରିନାହିଁ। ପଥଚାରୀ ପାଣି ମୁନ୍ଦାଏ ପାଇଁ ତହଲବିକଳ ହେଉଛନ୍ତି। ଜଙ୍ଗଲରେ ନିଆଁ ଏବଂ ପାଣି ଅଭାବ ବନ୍ୟପ୍ରାଣୀଙ୍କୁ ଜନବସତିମୁହାଁ କରାଉଛି। ଦୀର୍ଘସ୍ଥାୟୀ ଯୋଜନା କରାଯାଉ ନ ଥିବାରୁ ପ୍ରତିବର୍ଷ ଏଭଳି ଜଳସଙ୍କଟ ଉପୁଜୁଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଅନୁଗୋଳ ଜିଲାରେ ବର୍ଷକୁ ବର୍ଷ ତାପମାତ୍ରା ନୂଆ ରେକର୍ଡ ସୃଷ୍ଟି କରି ଚାଲିଛି। ଗତ ୫ ଦିନ ହେଲା ପାରଦ ୪୦ ଡିଗ୍ରୀ ତଳକୁ ଖସୁନାହିଁ। ରବିବାର ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସକାଳ ୮ଟାରୁ ପ୍ରଚଣ୍ଡ ରୌଦ୍ରତାପ ଆରମ୍ଭ ହୋଇଯାଉଛି। ପୂର୍ବାହ୍ନ ୧୦ଟା ପରେ ରାସ୍ତାଘାଟ ଶୂନଶାନ୍ ହୋଇଯାଇଛି। ଅପରାହ୍ନ ୩ଟା ଯାଏ ତାତି ବଳବତ୍ତର ରହୁଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଏଭଳି ସମୟରେ ପଥଚାରୀମାନେ ଜଳଛତ୍ର ଖୋଜୁଛନ୍ତି। କାରଣ ଉପଖଣ୍ଡର ୪୭ ପଞ୍ଚାୟତର ଅନେକ ସ୍ଥାନରେ ଏହି ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇନାହିଁ। ସେହିପରି ବିଭିନ୍ନ ସ୍ଥାନରେ ନଳକୂପ ଅଚଳ ହୋଇପଡ଼ିଛି। ଖରାପୂର୍ବରୁ ଏସବୁକୁ ସଜାଡ଼ିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଅଚଳ ନଳକୂପ ମରାମତି କରାଯାଇନାହିଁ। ଖରାରେ ଜଳାଶୟ ଶୁଖିଲା ପଡ଼ିବା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଦେଇଥିବା ଅଭିଯୋଗ ହେଉଛି।

ଗ୍ରାମାଞ୍ଚଳବାସୀ ପାନୀୟ ଜଳ ପାଇଁ ଛଟପଟ ହେଉଥିବାବେଳେ ଜଙ୍ଗଲ ନିଆଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଉଭୟ ବ୍ଲକର ଧଣ୍ଡାତୋପା, ମଇମୁରା, କରଡ଼ାସିଙ୍ଗ, ଟାପଢ଼ୋଲ, ପେଡ଼ିପଥର, ରାଇନାଳୀ, ବାଦିବାହାଳ, ମାଧପୁର ଅଞ୍ଚଳରେ ଥିବା ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଏଭଳି ବେଆଇନ କାର୍ଯ୍ୟ ପାଇଁ ଜଙ୍ଗଲରେ ବନ୍ୟପ୍ରାଣୀ କଲବଲ ହେଉଛନ୍ତି। ଜଳଉତ୍ସଗୁଡ଼ିକ ଶୁଖିଯାଇଥିବାରୁ ଜୀବନ ବିକଳରେ ସେମାନେ ଗାଁମୁହାଁ ହେଉଛନ୍ତି। ତେଣୁ ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କରରେ ଜଳଯୋଗାଣ କରିବା ଏବଂ ଜଙ୍ଗଲରେ ପାଣିକୁଣ୍ଡ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ତାତି ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସମସ୍ତ ପଞ୍ଚାୟତରେ ଯେପରି ଜଳଛତ୍ର ଖୋଲାଯିବ, ସେ ନେଇ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ପଦକ୍ଷେପ ନିଆଯାଇଛି



ଗ୍ରୀଷ୍ମ ମୁକାବିଲା ପଦକ୍ଷେପ ନିଆଯାଇଛି। ଆଠମଲ୍ଲିକ ଉପଖଣ୍ଡକୁ ମହାନଦୀରୁ ଜଳ ଆସିବା ନେଇ ମେଗା ଜଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଛି। କେତେକ ପଞ୍ଚାୟତରେ କାମ ଆରମ୍ଭ ହେଲାଣି। ସେହିପରି ବିଭିନ୍ନ ଗ୍ରାମରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି।

-ଜିତେନ୍ଦ୍ର କୁମାର ସାହୁ, ଅଙ୍ଗପଡ଼ା ସରପଞ୍ଚ

### ନଳକୂଅରୁ ଲୁହାଗୁଣ୍ଡ ପାଣି ବାହାରୁଛି



ବ୍ଲକ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ନଳକୂଅରୁ ଲୁହାଗୁଣ୍ଡ ମିଶା ପାଣି ବାହାରୁଛି। ବଡ଼ଗୋବିନ୍ଦପୁରରେ ସମସ୍ୟା ବଢ଼ିବାରେ ଲାଗିଛି। ଏ ଦିଗରେ ପଦକ୍ଷେପ ନେବା ଜରୁରୀ।

-ଧ୍ରୁବଚରଣ ସାହୁ, ବଡ଼ ଗୋବିନ୍ଦପୁର

### ଜନବସତିମୁହାଁ ହେଉଛନ୍ତି ବନ୍ୟପ୍ରାଣୀ



ଜଙ୍ଗଲରେ ନିଆଁ ଲିଭାଇବାର ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜଙ୍ଗଲରେ ପାଣି ସମସ୍ୟା ଦେଖାଦେଇଥିବାବେଳେ ବନ୍ୟପ୍ରାଣୀ ଜନବସତିମୁହାଁ ହେଉଛନ୍ତି। ତେଣୁ ଜଙ୍ଗଲରେ ଅସ୍ଥାୟୀ କୁଣ୍ଡ ନିର୍ମାଣ କରାଯାଉ।

-ସମୀର ପ୍ରଧାନ, ଠେଲକନାଳି

### ଟ୍ୟାଙ୍କର ପାଣି ଯୋଗାଇ ଦିଆଯାଉ



ଗାଁବଇଣ୍ଡା ପଞ୍ଚାୟତର କେତେକ ଗ୍ରାମକୁ ଜଳଯୋଗାଣ ହୋଇପାରୁନାହିଁ। ଧୁଣ୍ଡି ଅଞ୍ଚଳରେ ଜଳସ୍ତର କମିଯାଇଥିବାରୁ ଅନେକ ନଳକୂଅ ଅଚଳ ହୋଇପଡ଼ିଛି। ବ୍ଲକ ପ୍ରଶାସନ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେଲେ ଲୋକେ ଉପକୃତ ହେବେ।

-ସନ୍ତୋଷ କୁମାର ପ୍ରଧାନ, ଧୁଣ୍ଡି

### ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀ କଷ୍ଟ ଭୋଗୁଛନ୍ତି



ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେଉଥିବାରୁ ଆଦିବାସୀ ପରିବାର ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଅନ୍ୟ ବିକଳ୍ପ ନ ଥିବାରୁ ସେମାନେ ଖୋଲା କୂଅ ଓ ନାଳ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି।

-ଭଗବାନ ପ୍ରଧାନ, ଲକ୍ଷ୍ମୀପୁର

## ଶାନ୍ତିଶୃଙ୍ଖଳାରେ ସରିଲା ଛେଣ୍ଡିପଦା ଚନ୍ଦନଯାତ୍ରା



ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

ଛେଣ୍ଡିପଦା,୧୪।୫(ସ୍ୱ.ପ୍ର)

ଅନୁଗୋଳ ଜିଲା ଛେଣ୍ଡିପଦା ସଦରହକୁମାରେ ଶନିବାର ଚନ୍ଦନଯାତ୍ରା ପାଳିତ ହୋଇଯାଇଛି। ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏକ ବିରାଟ ପଟୁଆରରେ ସୁସଜ୍ଜିତ ରଥରେ ରାଧାକୃଷ୍ଣଙ୍କୁ ବସାଇ ଗ୍ରାମ ପରିକ୍ରମା କରିବା ପରେ ଚନ୍ଦନ ପଡିଆକୁ ନିଆଯାଇଥିଲା। ଏହାପରେ ମନ୍ଦିର ପୋଖରୀରେ ସୁସଜ୍ଜିତ ଡଙ୍ଗାରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ ସମ୍ପାଦକ, ଅନ୍ୟାନ୍ୟ କର୍ମକର୍ତ୍ତା, ଗ୍ରାମବାସୀ ସହଯୋଗ କରିଥିଲେ। ଉକ୍ତ ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଗ୍ରାମ୍ୟ କମିଟି ପକ୍ଷରୁ ଯାତ୍ରା ପଡିଆକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯାଇଥିଲା। କଂସାବାସନ, ଖେଳଣା, ଲୁହା ଉପକରଣ ଆଦି ବିଭିନ୍ନ ସାମଗ୍ରୀ ବିକ୍ରିବଟା ଲାଗି ଅସ୍ଥାୟୀ ଦୋକାନ ଖୋଲିଥିଲା। ମନୋରଞ୍ଜନ ପାଇଁ ମିନାବଜାର ପଡ଼ିଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଛେଣ୍ଡିପଦା ଗ୍ରାମ୍ୟ କମିଟି ଓ ଛେଣ୍ଡିପଦା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଟ୍ରକ୍‌କୁ ପିଟିଲା ପିକ୍‌ଅପ୍ ଭ୍ୟାନ: ଜଣେ ମୃତ

ଛେଣ୍ଡିପଦା,୧୪।୫(ନି.ପ୍ର)



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ।

ଅନୁଗୋଳ ଜିଲା ଜରପଡ଼ା ଥାନା ଅନ୍ତର୍ଗତ ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଲକ୍ଷ୍ମୀଧରପୁର ଗ୍ରାମ ନିକଟରେ ରବିବାର ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଟ୍ରକ ପଛରେ ଧକ୍କା ଦେବାରୁ ପିକ୍‌ଅପ୍‌ରେ ବସିଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ନୟାପଲ୍ଲୀ ଅଞ୍ଚଳର ସୁଶାନ୍ତ ନାଏକଙ୍କ ମୃତ୍ୟୁ ହୋଇଛି। ପିକଅପ ଚାଳକ ଗଞ୍ଜାମ ଅଞ୍ଚଳର ବାବୁ ଗୌଡ଼ ଗୁରୁତର ହୋଇଛନ୍ତି।

ପୋଲିସ କହିଛି, ଶନିବାର ଏକ ପିକ୍‌ଅପ୍ ଭ୍ୟାନ ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଦେଇ ଝାରସୁଗୁଡା ଅଭିମୁଖେ ଯାଉଥିବାବେଳେ ଲକ୍ଷ୍ମୀଧରପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ ଚାଳକ ବାବୁ ଗୁରୁତର ହୋଇଥିଲେ। ଗାଡ଼ି ଆଗରେ ବସିଥିବା ଯାତ୍ରୀ ସୁଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଜରପଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## 'ଫୁଡ୍ ଫର୍ ଲାଇଫ୍' କାର୍ଯ୍ୟକ୍ରମ

ଅନୁଗୋଳଅଫିସ,୧୪।୫




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଇସ୍କନ୍ ମନ୍ଦିରର ସଦସ୍ୟମାନେ।

ଅନୁଗୋଳ ଇସ୍କନ୍ ପକ୍ଷରୁ ରବିବାର ବେଲଶୁଣ୍ଡା ଗ୍ରାମରେ 'ଫୁଡ୍ ଫର୍ ଲାଇଫ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇସ୍କନ୍ ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଲ ପ୍ରଭୁପାଦଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କେନ୍ଦ୍ରରେ ପ୍ରାୟ ୫୦ ବର୍ଷ ଧରି ଚାଲିଛି। ଇସ୍କନ୍ ଅନୁଗୋଳ କେନ୍ଦ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ୮ ବର୍ଷ ଧରି ଚାଲିଆସୁଛି। ତଦନୁଯାୟୀ କେନ୍ଦ୍ରର ଆଖପାଖ ଅଞ୍ଚଳର ସାମାଜିକ ଅନଗ୍ରସର, ଅବହେଳିତ ତଥା ଗରିବ ଶ୍ରେଣୀର ପିଲା, ରୋଗୀଙ୍କୁ ବିନାମୂଲ୍ୟରେ ସୁସ୍ୱାଦୁ ପ୍ରସାଦ ବିତରଣ କରାଯାଉଛି। ପବିତ୍ର ବୈଶାଖ ମାସରେ ଚନ୍ଦନଯାତ୍ରା ଉଦ୍‌ଯାପନୀ ଉପଲକ୍ଷେ ଅନୁଗୋଳ ଉପକଣ୍ଠ କୁଷ୍ଠରୋଗ ପ୍ରଭାବିତ ବେଲଶୁଣ୍ଡା ଗ୍ରାମରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ସେମାନଙ୍କ ସହିତ ହରିନାମ କୀର୍ତ୍ତନ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ସହରର ବିଶିଷ୍ଟ ବ୍ୟବସାୟୀ ଜଗଦୀଶପ୍ରସାଦ ସରଲିୟା, ବିକାଶ ସରଲିୟା ଓ ପରିବାରବର୍ଗ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଇସ୍କନ କେନ୍ଦ୍ର ପରିଚାଳକ ପୁରୁଷୋତ୍ତମ ଦାସ ଓ ସହ ପରିଚାଳକ ବରଦକୃଷ୍ଣ ଦାସ ତାଙ୍କ ପରିବାରକୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସପ୍ତାହରେ ଅନୁଗୋଳ ଆଖପାଖ ଗ୍ରାମ, ବସ୍ତି ଓ ସ୍କୁଲମାନଙ୍କରେ ନିରବଚ୍ଛିନ୍ନ ଭାବେ କରାଯିବ ବୋଲି ମନ୍ଦିର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

## ୨୨ରୁ ଶ୍ରୀରାମ ବିଶ୍ୱଶାନ୍ତି ମହାଯଜ୍ଞ

ଢେଙ୍କାନାଳ ଅଫିସ, ୧୪।୫



ଢେଙ୍କାନାଳ ସହର କୋରିଆଁ ବାଇପାସ୍ ଛକଠାରେ ଆସନ୍ତା ୨୨ରୁ ଆରମ୍ଭ ହେବ ଶ୍ରୀରାମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମକଥା ପ୍ରବଚନ। ଏହା ୩୦ ତାରିଖଯାଏ ଚାଲିବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ସାଧୁସନ୍ଥଙ୍କ ସମାଗମ ହେବାର କାର୍ଯ୍ୟକ୍ରମ ରହିଛି। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞମଣ୍ଡପ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି।

## ଉଚ୍ଛେଦ ନୋଟିସ୍ ପ୍ରତ୍ୟାହାର ଦାବି



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ ଅଫିସ, ୧୪।୫

ଅନୁଗୋଳସ୍ଥିତ ବାବାସାହେବ ଆମ୍ବେଦକର ଫାଉଣ୍ଡେଶନ କାର୍ଯ୍ୟାଳୟ ଉଚ୍ଛେଦ ଲାଗି ତହସିଲ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯିବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲାରେ ଆମ୍ବେଡକରଙ୍କ ନୀତିଆଦର୍ଶ ଏବଂ ସମତାମୂଳକ ସମାଜ ଗଠନ ଲାଗି ଅନବରତ ପ୍ରୟାସ କରି ଆସୁଥିବା ଏହି କାର୍ଯ୍ୟାଳୟକୁ କିପରି ସୁରକ୍ଷିତ ରଖାଯିବ, ସେ ନେଇ ପଦକ୍ଷେପ ନେବାକୁ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଉଚ୍ଛେଦ ନୋଟିସ୍ ପ୍ରତ୍ୟାହାର କରା ନ ଗଲେ ତୀବ୍ର ପ୍ରତିବାଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଉକ୍ତ ସମ୍ମିଳନୀରେ ଓଡ଼ିଶା ମୂଳନିବାସୀ ସମତା ପରିଷଦର ରାଜ୍ୟ ସଂଯୋଜକ, ଅଭିରାମ ମଲ୍ଲିକ, ଶରତ ନାଏକ, ସଂଗ୍ରାମ ମଲ୍ଲିକ, ଶେଖ୍ ଅବଦୁଲ ୱାଲି ବିଦ୍ୟାଧର ଦେହୁରୀ, ତରଣୀସେନ ନାଏକ, କେଦାରନାଥ ଦେହୁରୀ, କୈଳାସ ନାଏକ, ଚନ୍ଦନ ସ୍ୱରାଜ, ପର୍ଶୁରାମ ଦାସ, ବ୍ରଜବନ୍ଧୁ ସାହୁ, ଜୟନ୍ତୀ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆମ୍ବେଦକର ଭବନର ସୁରକ୍ଷା ଲାଗି ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ବିନୋଦ ନାଏକ, ନୀଳକଣ୍ଠ ନାଏକ, ବିଜୟ ବେହେରା, କୁଞ୍ଜବିହାରୀ ବେହେରା, ଖଗେଶ୍ୱର ନାଏକ, ପ୍ରଦୀପ ବେହେରା, ନାରାୟଣ ସେଠୀ, ପ୍ରଦ୍ୟୁମ୍ନ ନାୟକ, କୁମୁଦ ଚନ୍ଦ୍ର ନାଏକଙ୍କ ସମେତ ୧୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ନିଶାଦ୍ରବ୍ୟର ପେଣ୍ଠସ୍ଥଳୀ ବଇଣ୍ଡା

### ସ୍କୁଲ ବ୍ୟାଗ୍‌ରେ ହେଉଛି ଚାଲାଣ

ବଇଣ୍ଡା,୧୪।୫(ଡି.ଏନ.ଏ)




ବଇଣ୍ଡା ରେଳ ଷ୍ଟେଶନ

ଅନୁଗୋଳ ଜିଲାର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡା ଏବେ ନିଶା ବ୍ୟବସାୟର କେନ୍ଦ୍ର ପାଲଟିଛି। ଅଞ୍ଚଳ ଦେଇ ଦୈନିକ ବିପୁଳ ପରିମାଣର ଗଞ୍ଜେଇ, ଅଫିମ, ଚୋରା ମଦ ଚାଲାଣ କରାଯାଉଛି। ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ନିଶା ବ୍ୟବସାୟୀଙ୍କ ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ବେଆଇନ କାରବାର ବଢ଼ିବାରେ ଲାଗିଛି। ଏହାକୁ ରୋକିବା ଲାଗି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅଭିଯୋଗପତ୍ର ମାଧ୍ୟମରେ ଶନିବାର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ନକଲ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଡିଜିଙ୍କୁ ପ୍ରଦାନ କରାଯାଇଛି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନକୁ ବାହାରୁ ଗଞ୍ଜେଇ ଆସୁଛି। ଏହାକୁ ଗଚ୍ଛିତ କରି ରଖାଯାଉଛି। ବଇଣ୍ଡା ରେଳ ଷ୍ଟେଶନ ଦେଇ ଏକ୍ସପ୍ରେସ ଟ୍ରେନ୍‌ରେ ରାଜ୍ୟ ଓ ଜିଲା ବାହାରକୁ ଚାଲାଣ କରାଯାଉଛି। ବିଶେଷ କରି ସ୍କୁଲ ବ୍ୟାଗ୍‌ରେ ମାଦକ ଦ୍ରବ୍ୟ କାରବାର ହେଉଥିବାରୁ କେହି ସନ୍ଦେହ କରୁନାହାନ୍ତି। ପ୍ରାୟ ୬ ମାସ ହେଲା ଅବାଧ ନିଶାଦ୍ରବ୍ୟ ବ୍ୟବସାୟ ବଢ଼ିବାରେ ଲାଗିଛି। ଅପରପକ୍ଷେ ବଇଣ୍ଡା ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫାଣ୍ଡି ଅଧିକାରୀ ଅଧିକାଂଶ ସମୟରେ ହଣ୍ଡପା ଥାନାରେ ରହୁଛନ୍ତି। ପାଟ୍ରୋଲିଂ ଠିକ୍‌ଭାବେ ହେଉ ନ ଥିବାରୁ ନିଶା ବ୍ୟବସାୟୀମାନେ ଏହାର ସୁଯୋଗ ନେଉଛନ୍ତି। ଏ ସଂକ୍ରାନ୍ତରେ ଗତ ଫେବୃୟାରୀ ୧୨ରେ ବଇଣ୍ଡା ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତଥାପି କୌଣସି ସୁଫଳ ମିଳୁନାହିଁ। ଏଥିରେ ଏସ୍‌ପି ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପନିରୀକ୍ଷକ ଧରଣୀଧର ପ୍ରହରାଜ କହିଛନ୍ତି, ନିଶା କାରବାର ରୋକିବା ଦିଗରେ ପଦକ୍ଷେପ ନିଆଯାଉଛି।

## ସଂକ୍ଷେପରେ

### ଅକ୍ସିଜେନ ଗ୍ୟାସ୍ ସିଲିଣ୍ଡର ଫାଟି ୩ ଗୁରୁତର

**ଆରିୟା ଷ୍ଟିଲ କାରଖାନାରେ ଦୁର୍ଘଟଣା**

**ବଡ଼ବିଲ,୧୪।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ-ବଲାଣି ରାସ୍ତାସ୍ଥିତ ମାଟକାମବେଡାଠାରେ ଥିବା ଆରିୟା ଆଇରନ ଆଣ୍ଡ୍ ଷ୍ଟିଲ କମ୍ପାନୀ ପ୍ରାଇଭେଟ ଲିମିଟେଡ ପ୍ଲାଣ୍ଟ୍‌ରେ ରବିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଅକ୍ସିଜେନ ସିଲିଣ୍ଡର ଫାଟି କମ୍ପାନୀ କର୍ମଚାରୀଙ୍କ ସମେତ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ଲାଣ୍ଟ୍‌ରେ କାମ କରୁଥିବା ପ୍ରେମ ଶଙ୍କର ଶର୍ମା(୨୮), ବଡ଼ବିଲ ସାଧୁସିଂହ ହଟିଂ ଅଞ୍ଚଳର କ୍ରିଷ୍ଣା ଦାସ(୨୦) ଓ କରନ ମହାନ୍ତ(୨୦)। ସମସ୍ତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଏକ ଗ୍ୟାସ ଏଜେନ୍ସି ପକ୍ଷରୁ ପ୍ଲାଣ୍ଟକୁ ଅକ୍ସିଜେନ ସିଲିଣ୍ଡର ଯୋଗାଣ ହୋଇଥାଏ। ରବିବାର ଅପରାହ୍ନରେ ଉକ୍ତ ଏଜେନ୍ସି ଏକ ଗାଡ଼ି ଯୋଗେ ଅକ୍ସିଜେନ ସିଲିଣ୍ଡର ନେଇ ପ୍ଲାଣ୍ଟ ଭିତରେ ପହଞ୍ଚିଥିଲା। ସେଠାରେ ଏଜେନ୍ସିର ଦୁଇ କର୍ମଚାରୀ କ୍ରିଷ୍ଣା ଓ କରନଙ୍କ ସହିତ ପ୍ଲାଣ୍ଟ କର୍ମଚାରୀ ପ୍ରେମ୍ ଗାଡ଼ିରୁ ସିଲିଣ୍ଡର ଅନ୍‌ଲୋଡ କରୁଥିଲେ। ଏହି ସମୟରେ ଏକ ସିଲିଣ୍ଡର ତଳେ ପଡ଼ି ଫାଟିଯାଇଥିଲା। ଫଳରେ ସିଲିଣ୍ଡର ନିକଟରେ ଥିବା ୩ ଜଣଯାକ ଗୁରୁତର ହୋଇଥିଲେ। ସେମାନଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ କମ୍ପାନୀ ଅଧିକାରୀ ପ୍ରବେଶ ପାଣ୍ଡେ କହିଛନ୍ତି, ଗାଡ଼ିରୁ ଅକ୍ସିଜେନ ସିଲିଣ୍ଡର ଅନ୍‌ଲୋଡ ହେବାବେଳେ ଅସାବଧାନତା ହେତୁ ସିଲିଣ୍ଡରର ସମ୍ମୁଖ ଭାଗ ମାଟି ଆଡ଼କୁ ପଡ଼ିଯାଇ ବିସ୍ଫୋରଣ ହୋଇଥିଲା। ଫଳରେ ତଳେ ପଡ଼ିଥିବା ବାଲି, ମାଟି ଓ ଗୋଡ଼ି ଛିଟିକିଯିବାରୁ ତିନିଜଣ ଆହତ ହୋଇଛନ୍ତି। କମ୍ପାନୀ ପକ୍ଷରୁ ସେମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ।

### ଚୁଲିରେ ପଡ଼ି ଶିଶୁ ଗୁରୁତର

**ଆନନ୍ଦପୁର/ହାଟଡିହୀ,୧୪।୫ (ସ୍ୱ.ପ୍ର/ଡି.ଏନ୍.ଏ.):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ପଞ୍ଚାୟତ ଦଲିକି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଳନ୍ତା ଚୁଲିରେ ପଡ଼ି ଜଣେ ବର୍ଷକର ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ବାଜୁ ହୋଙ୍ଗ ସ୍ତ୍ରୀ ବୁଧୁନି ଶନିବାର ରାତିରେ ରୋଷେଇ କରୁଥିଲେ। ତାଙ୍କ ନିକଟରେ ଏକ ବର୍ଷର ଶିଶୁପୁତ୍ର ଖେଳୁଥିଲା। ବୁଧୁନି ତରକାରି ରାନ୍ଧି ସାରିବା ପରେ ଚୁଲିରୁ କଡ଼େଇ ନେଇ ଘର ଭିତରକୁ ରଖିବା ପାଇଁ ଯାଇଥିଲେ। ଆସି ଦେଖିଲା ବେଳକୁ ଶିଶୁଟି ଖେଳି ଖେଳି ଚୁଲି ଭିତରେ ପଡ଼ିଯାଇଛି। ତୁରନ୍ତ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

# ୧୯,୩୫୩ ଚାଷୀ ନିରାଶ

## ମଣ୍ଡିରେ ବିକିପାରି ନାହାନ୍ତି ଧାନ

**ଭଦ୍ରକ ଅଫିସ, ୧୪।୫**

ଧାର କରଜ କରି ଖରିଫ୍ ଧାନ ଚାଷ କଲେ। ଅମଳ ପରେ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଭଲ ଦରରେ ବିକି ଉପଯୁକ୍ତ ପ୍ରାପ୍ୟ ପାଇବେ ବୋଲି ଆଶା ରଖିଥିଲେ। ହେଲେ ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ପଞ୍ଜୀକରଣ କରି ମଧ୍ୟ ଧାନ ବିକ୍ରି କରିପାରିଲେ ନାହିଁ। ଏଭଳି ଭାବେ ଭଦ୍ରକ ଜିଲାରେ ୧୯ ହଜାର ୩୫୩ ଚାଷୀ ନାମ ପଞ୍ଜୀକୃତ କରିଥିଲେ ମଧ୍ୟ ଧାନ ବିକି ନ ପାରି ହତାଶ ହୋଇ ପଡ଼ିଛନ୍ତି।

ଜିଲା ଯୋଗାଣ ବିଭାଗ ସୂଚନା ଅନୁଯାୟୀ, ୨୦୨୨-୨୩ ଖରିଫ ଋତୁରେ ଜିଲାରେ ମୋଟ ୨୬,୫୬,୧୮୯.୪୭ କୁଇଣ୍ଟାଲ ଧାନ କିଣାଯାଇଛି। ୨୬, ୧୩, ୭୩୫ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟଧାର୍ଯ୍ୟ ଥିଲା। ଟାର୍ଗେଟଠାରୁ ଅଧିକ କ୍ରୟ ହୋଇଛି। ୧୦୧ଟି ପ୍ୟାକ୍ସ ଓ ୫୪ ସ୍ୱୟଂସହାୟିକା ଗୋଷ୍ଠୀ ସମୁଦାୟ ୧୫୫ ଧାନକ୍ରୟ କେନ୍ଦ୍ର ଜରିଆରେ ୬୯,୭୮୦ ଚାଷୀଙ୍କଠାରୁ ଧାନ କିଣାଯାଇଛି। ମାର୍ଚ୍ଚ ୩୧ ସୁଦ୍ଧା ଧାନକିଣା ପ୍ରକ୍ରିୟା ଶେଷ ହୋଇଛି। ଧାନ ବିକିବା ପାଇଁ ମୋଟ ୮୯,୧୩୩ଜଣ ଚାଷୀଙ୍କ ନାମ ପଞ୍ଜୀକୃତ କରାଯାଇଥିଲା। କିନ୍ତୁ ସମସ୍ତ ପଞ୍ଜୀକୃତ ଚାଷୀ ଧାନ ବିକିପାରି ନ ଥିବା ଜଣାପଡ଼ିଛି। ଜିଲାରୁ ୨୦ ମିଲର ଓ ଜିଲା ବାହାରୁ ୧୮ ସମୁଦାୟ ୩୮ଜଣ ମିଲର ଧାନକିଣାରେ ଅଂଶଗ୍ରହଣ କରିଥିଲେ। ମଣ୍ଡି ଖୋଲିବାରେ ବିଳମ୍ବ ଓ ଟାର୍ଗେଟ ଅଭାବରୁ ମନ୍ଥରତା ଯୋଗୁ ଧାନକିଣା ବାଧାପ୍ରାପ୍ତ ହୋଇଥିଲା। କଟ୍‌ନୀ ଛଟ୍‌ନୀ ପ୍ରତିବାଦରେ ବିଭିନ୍ନ ସ୍ଥାନରେ ଚାଷୀ ସଙ୍ଗଠନ ଓ ବିରୋଧୀ ଦଳ ପକ୍ଷରୁ ରାସ୍ତା ଅବରୋଧ ସହ ସମବାୟ ସମିତି, ଜିଲାପାଳ ଓ ତହସିଲ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ମଧ୍ୟ କରାଯାଇଥିଲା। ଟୋକନ ପାଇଥିବା ଚାଷୀମାନଙ୍କଠାରୁ ଧାନ ନେବାରେ ବିଳମ୍ବ ଓ କଟ୍‌ନୀ ଛଟ୍‌ନୀ ପ୍ରତିବାଦରେ ଜାନୁୟାରୀ ୧୯ରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଏନେଇ ଭଣ୍ଡାରିପୋଖରୀର ଚାଷୀ ରବୀନ୍ଦ୍ର କୁମାର ପଣ୍ଡା କହନ୍ତି, କରଜ କରି ୬ ଏକର ଜମିରେ ଚାଷ କରିଥିଲି। ଅମଳ ମଧ୍ୟ ଭଲ ହୋଇଥିଲା। କିନ୍ତୁ ସରକାରୀ ଦରରେ ମଣ୍ଡିରେ ଧାନ ବିକି ନ ପାରିବାରୁ ବହୁତ ବଡ଼ କ୍ଷତି ହେଲା। ମଣ୍ଡିରେ ସରକାରୀ ଦରରେ ଧାନ ବିକିଥିଲେ ଆହୁରି ୫୦ ହଜାର ଟଙ୍କା ଅଧିକ ମିଳିଥାନ୍ତା। ମଣ୍ଡିରେ ନାମ ପଞ୍ଜୀକରଣ ପରେ ଟୋକନ ମଧ୍ୟ ମିଳିଥିଲା। କିନ୍ତୁ ଠିକ୍ ସମୟରେ ଧାନ ଉଠି ନ ପାରିବାରୁ ଟୋକନ ଲାପ୍ସ ହୋଇଗଲା। ବାଧହୋଇ ବେପାରୀଙ୍କୁ ଧାନ ବିକିବାକୁ ପଡ଼ିଲା। ସେହିପରି ବନ୍ତ ବ୍ଲକ ଅଞ୍ଚଳର ଚାଷୀ ନିଗମାନନ୍ଦ ପଣ୍ଡା କହିଛନ୍ତି, ସେବା ସମବାୟ ସମିତି ବେପାରୀଙ୍କ ଧାନ ଉଠାଇବା ଯୋଗୁ ମୋ ପରି ଚାଷୀମାନେ ଧାନ ବିକିପାରିଲେ ନାହିଁ। ଟୋକନ ଲାପ୍ସ ହୋଇଯିବାରୁ ବାଧହୋଇ ଆନ୍ଧ୍ର ବେପାରୀଙ୍କୁ ଧାନ ବିକ୍ରି କରିବାକୁ ପଡ଼ିଲା।

ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ତ୍ରିଲୋଚନ ପଣ୍ଡା କହନ୍ତି, ଧାନକିଣାରେ ମହିଳା ଗୋଷ୍ଠୀ ଓ ସୋସାଇଟିଗୁଡ଼ିକ ଚାଷୀମାନଙ୍କୁ ବହୁତ ହଇରାଣ କରିଛନ୍ତି। ବେପାରୀମାନଙ୍କ ସହ ମିଶି ବାହାରୁ ଧାନ ଉଠାଇବା ଦ୍ୱାରା ଚାଷୀମାନେ ବିକି ନ ପାରି ଟୋକନ ଲାପ୍ସ ହୋଇଗଲା। ଏପରିକି କେତେଜଣ ଚାଷୀ ଧାନ ବିକି ଆଜି ପର୍ଯ୍ୟନ୍ତ ଟଙ୍କା ପାଇନାହାନ୍ତି। ମିଲର, ଡିଲର ଓ ସମବାୟ ବିଭାଗ ମିଶି ଧାନକିଣାରେ ବହୁ ଦୁର୍ନୀତି କରିଛନ୍ତି। ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ପଶ୍ଚିମବଙ୍ଗ ଓ ଆନ୍ଧ୍ର ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଲେ। ଅନ୍ୟ ରାଜ୍ୟରେ ସୁରୁଖୁରୁରେ ଧାନ ବିକ୍ରି ହୋଇପାରୁଥିବା ବେଳେ ଆମ ରାଜ୍ୟରେ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଚଳିତବର୍ଷ ଧାନ କିଣା ସୁରୁଖୁରୁରେ ହୋଇଛି। ବାହାର ବେପାରୀ ଉଚ୍ଚଦରରେ ଧାନ କିଣିବା ଓ କଟ୍‌ନୀ ଛଟ୍‌ନୀ କାରଣରୁ ଅଧିକାଂଶ ଚାଷୀ ମଣ୍ଡିରେ ଧାନ ନ ଦେଇ ବେପାରୀଙ୍କୁ ବିକି ଦେଇଛନ୍ତି।



ଭୁବନେଶ୍ୱରଠାରେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ ଅବସରରେ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ 'କଲଚର ୟୁନାଇଟସ୍ ଅଲ୍' ବାର୍ତ୍ତା ସମ୍ବଳିତ ବାଲୁକା କଳା।

# ଘର ଭିତରକୁ ପଶିଗଲା କାର୍: ମହିଳାଙ୍କ ମୃତ୍ୟୁ


କ୍ଷତିପୂରଣ ଦାବିରେ ଲୋକେ ରାଜପଥ ଅବରୋଧ କରିଛନ୍ତି।

**ବୌଦ୍ଧ,୧୪।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ କଡରେ ଥିବା ଘର ଭିତରକୁ ରବିବାର ଏକ କାର୍ ପଶି ଜଣେ ମହିଳାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ମୁତାବକ ରବିବାର ଭୋର ୫ଟା ସମୟରେ ଏକ ଇନୋଭା କାର୍ (ଓଡି୦୨ଏସ-୭୯୧୮) ଚାରିଛକ ପଟୁ ବୌଦ୍ଧ ଆଡକୁ ଆସୁଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୃନ୍ଦାବନପୁର (ଲୁହୁରାଗାଡିଆ) ଗ୍ରାମର ରାସ୍ତା କଡରେ ଥିବା ତ୍ରିପୁରା ଧଳଙ୍କ ଚାଳଘର ଭିତରକୁ ପଶିଯାଇ ଓଲଟିପଡିଥିଲା। ଏହି ସମୟରେ ତ୍ରିପୁରାଙ୍କ ସ୍ତ୍ରୀ ପ୍ରାଣେଶ୍ୱରି ଧଳ (୫୭) ଘର ଆଗରେ ଠିଆ ହୋଇଥିବା ବେଳେ କାର୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲ। ଦୁର୍ଘଟଣା ପରେ ଗାଡି ଚାଳକ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ବୌଦ୍ଧ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ କିଛି ଶୁଣି ନ ଥିଲେ। ଦୀର୍ଘ ଦୁଇଘଣ୍ଟା ପରେ ହରଭଙ୍ଗା ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ପ୍ରଧାନ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ଗାଡି ମାଲିକ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ବୌଦ୍ଧ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଛି।

**କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ**

# ପୁଣି ଉପସ୍ଥିତି ଜାହିରକଲେ ମାଓବାଦୀ

## ଡିଜିପିଙ୍କ ଗସ୍ତର ୨୪ ଘଣ୍ଟା ନ ପୂରୁଣୁ ଚ୍ୟାଲେଞ୍ଜ

- ସିମନବାଡ଼ିରେ ଲାଲ ବ୍ୟାନର, ପୋଷ୍ଟର
- ୧୫ରେ ବନ୍ଦ ପାଳନ ପାଇଁ ଆହ୍ୱାନ

**ଦାରିଙ୍ଗବାଡ଼ି/ବାଲିଗୁଡ଼ା/କୋଟଗଡ଼, ୧୪।୫(ଡି.ଏନ.ଏ)**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ କନ୍ଧମାଳ ଜିଲା ଗସ୍ତ କରି ମାଓବାଦୀଙ୍କ ସ୍ଥିତି ସମ୍ପର୍କରେ ସମୀକ୍ଷା କରିବାର ୨୪ ଘଣ୍ଟା ନ ପୂରୁଣୁ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ୫୯ନଂ ଜାତୀୟ ରାଜପଥର ସିମନବାଡି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଲାଲ ବ୍ୟାନର ସହ ଏକାଧିକ ପୋଷ୍ଟର ମାରିଛନ୍ତି। ଉକ୍ତ ବ୍ୟାନରରେ ସିପିଆଇ ମାଓବାଦୀ ପୂର୍ବ ଡିଭିଜନାଲ ବ୍ୟୁରୋ ୧୨ଦଫା ଦାବି ନେଇ ୧୫ରେ ୭ଟି ଜିଲାରେ ବନ୍ଦପାଳନ ପାଇଁ ଆହ୍ୱାନ ଦେଇଛି। ଏହି ଜିଲାଗୁଡ଼ିକ ହେଲା କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କଳାହାଣ୍ଡି ଓ ବୌଦ୍ଧ। ସେମାନେ ଦାବି କରିଛନ୍ତି ଯେ, ସମସ୍ତ ଆଦିବାସୀ, ଚାଷୀ ମୂଲିଆ, ଦଳିତ, ଗରିବ ପରିବାରଙ୍କୁ ୬ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଗାଇଦେବା, ପିଡିଏସ୍ ଚାଉଳ ସମେତ ଡାଲି, ତେଲ, ଲୁଣ ଯୋଗାଇଦେବା, ଦରଦାମ ବୃଦ୍ଧି ରୋକିବା, ସବୁ ଗାଁକୁ ପକ୍କା ରାସ୍ତା, ଶୁଦ୍ଧ ପିଇବା ପାଣି, ବିଦ୍ୟୁତ ଯୋଗାଇବା, ସମସ୍ତ ପଞ୍ଚାୟତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିବା ଓ ପିଲା ଅଭାବ ଦର୍ଶାଇ ଯେଉଁସବୁ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି ତାହାକୁ ପୁନର୍ବାର ଖୋଲାଯିବାକୁ ଦାବି କରାଯାଇଛି। ସେହିପରି ସମସ୍ତ ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିବାକୁ ଦାବି କରାଯାଇଛି। ଦଳିତ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମାସିକ ଅତି କମରେ ୩ ହଜାର ଟଙ୍କା ଷ୍ଟାଇପେଣ୍ଡ ବାବଦକୁ ଦିଆଯିବା ସହ ଭିନ୍ନକ୍ଷମ, ବିଧବା, ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ମାସକୁ ୩ ହଜାର ଟଙ୍କା ଦେବାକୁ ଦାବି କରାଯାଇଛି।



ଜାତୀୟ ରାଜପଥ କଡ଼ରେ ମରାଯାଇଥିବା ଲାଲ ବ୍ୟାନର।

# ଏଣିକି ମାଗଣାରେ ଅନ୍‌ଲାଇନ୍ ସାର୍ଟିଫାଏଡ୍ କପି


## ହାଇକୋର୍ଟରେ ଡିଜିଟାଲ ସୁବିଧା

**କଟକ ଅଫିସ,୧୪।୫**

ଓଡ଼ିଶା ହାଇକୋର୍ଟ ପକ୍ଷରୁ ଡିଜିଟାଲ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଆଉ ପାଦେ ଆଗକୁ ଯାଇଛି ପେପରଲେସ୍ କୋର୍ଟ। ହାଇକୋର୍ଟରେ ଫଇସଲା ହେଉଥିବା ମାମଲାଗୁଡ଼ିକର ରାୟ ଓ ନିର୍ଦ୍ଦେଶନାମା ଡିଜିଟାଲ୍ ସାଇନ୍ ହୋଇ ହାଇକୋର୍ଟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ଲୋକମାନେ ଏହି ରେକର୍ଡଗୁଡ଼ିକୁ ମାଗଣାରେ ଡାଉନ୍‌ଲୋଡ୍ କରିପାରିବେ। ଏହା ସେମାନଙ୍କ ପାଇଁ ଉପଯୋଗୀ ହେବ ବୋଲି ରବିବାର ହାଇକୋର୍ଟ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

୨୦୨୧ରୁ ହାଇକୋର୍ଟରେ ପେପରଲେସ୍ କୋର୍ଟ ସହ ରେକର୍ଡ ଡିଜିଟାଇଜେଶନ୍ ଓ ମାମଲା ଇ-ଫାଇଲିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ବିଚାରାଧୀନ ପୁରୁଣା ମାମଲା ସହ ନୂଆ ମାମଲାଗୁଡ଼ିକୁ ମଧ୍ୟ ଡିଜିଟାଇଜ୍ କରାଯାଉଛି। ଏଥିପାଇଁ ଆଇନଜୀବୀ ଓ ସେମାନଙ୍କ କାର୍ଯ୍ୟାଳୟର ସହାୟକମାନଙ୍କୁ ତାଲିମ ଦିଆଯାଇ ନୂଆ ମାମଲା ଇ-ଫାଇଲିଂକୁ ପ୍ରୋତ୍ସାହିତ କରାଯାଉଛି। ମାଗଣାରେ ଅନ୍‌ଲାଇନ୍ ସାର୍ଟିଫାଏଡ୍ କପି ମିଳିବା ବ୍ୟବସ୍ଥାକୁ ରେକର୍ଡ ଡିଜିଟାଇଜେଶନ ବହୁ ଭାବେ ସହାୟକ ହୋଇଛି। ଅନ୍‌ଲାଇନ୍‌ରେ ଏକ ଡିଜିଟାଲ୍ ପ୍ଲାଟଫର୍ମ ତିଆରି କରାଯାଇଛି। ଯଦ୍ୱାରା ଲୋକେ ଅଦାଲତକୁ ନ ଆସି ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ମାମଲାର ସାର୍ଟିଫାଏଡ୍ କପି ପାଇଁ ସ୍ୱଳ୍ପ ସମୟରେ ଆବେଦନ କରିପାରିବେ। ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସାର୍ଟିଫାଏଡ୍ କପି ପ୍ରଦାନ ପାଇଁ ରହିଥିବା ନିୟମରେ ହାଇକୋର୍ଟ ଗତ ୧ ତାରିଖରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ସେହିଦିନଠାରୁ ହାଇକୋର୍ଟର ସମସ୍ତ ରାୟ ଓ ନିର୍ଦ୍ଦେଶନାମାର ନକଲ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଆସୁଛି। ଏହି ରେକର୍ଡଗୁଡ଼ିକୁ ବୈଧ କରିବା ପାଇଁ ଅପଲୋଡ୍ ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଡିଜିଟାଲ୍ ସାଇନ କରାଯାଉଛି। ଏଥିରେ ଅଧିକାରୀଙ୍କ ଦସ୍ତଖତ ସହିତ ତାରିଖ ଓ ନିର୍ଦ୍ଦିଷ୍ଟ ସମୟ ରହୁଛି। ତେଣୁ ଆଇନଜୀବୀ, ପକ୍ଷ ବା କୌଣସି ଅଧିକାରୀଙ୍କ ନିକଟରେ ପ୍ରଦାନ କରାଯାଇଥିବା କାଗଜାତଗୁଡ଼ିକର ବୈଧତାକୁ ଅନ୍‌ଲାଇନ୍‌ରେ ଉପଲବ୍ଧ ସାର୍ଟିଫାଏଡ୍ କପି ସହ ପରଖିବା ସହଜ ହୋଇପାରିବ। ଏହି ପରଖିବା ପ୍ରଣାଳୀର କ୍ଷୁଦ୍ର ଭିଡିଓ ଖୁବ୍‌ଶୀଘ୍ର ହାଇକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ସାର୍ଟିଫାଏଡ୍ କପି ପ୍ରଦାନର ନୂଆ ବ୍ୟବସ୍ଥା ସହ ଫିଜିକାଲ କପି ପ୍ରଦାନର ପୁରୁଣା ବ୍ୟବସ୍ଥା ମଧ୍ୟ ପ୍ରଚଳିତ ରହିଛି। ତେବେ ଏହାକୁ ସୁଗମ କରିବା ପାଇଁ ବ୍ୟକ୍ତିଗତ କ୍ଷେତ୍ରରେ ପକ୍ଷଙ୍କ ପାଇଁ ଇଚ୍ଛାଧୀନ ରଖାଯାଇଛି। ମାତ୍ର କେନ୍ଦ୍ର ସରକାର, ରାଜ୍ୟ ସରକାର, ପବ୍ଲିକ ସେକ୍ଟର ଅଣ୍ଡରଟେକିଂ, ଅର୍ବାନ ଓ ରୁରାଲ ଲୋକାଲ ବଡିଗୁଡ଼ିକ ପାଇଁ ଅନ୍‌ଲାଇନ୍ ଆବେଦନ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ଆଇନଜୀବୀ ଓ ପକ୍ଷମାନେ ବହୁ ଭାବେ ଉପକୃତ ହେବେ।

# ବିଧାୟକ ମୁକେଶ ପାଲଙ୍କ ବିବାହ ଭୋଜିରେ ୫-ଟି ସଚିବ


ବିଧାୟକ ମୁକେଶ ପାଲ, ସ୍ତ୍ରୀ ଅବ୍‌ଲିସାଙ୍କ ଗହଣରେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍।

**ଅନୁଗୋଳ ଅଫିସ, ୧୪।୫**

ନବବିବାହିତ ବିଧାୟକ ମୁକେଶ ପାଲ୍‌ଙ୍କ ବିବାହ ଭୋଜି ପୈତୃକ ଗ୍ରାମ ଅନୁଗୋଳ ଜିଲା ପାଲଲହଡ଼ାର ବାଲିପଶିରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ନିମନ୍ତ୍ରଣ ରକ୍ଷାକରି ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ବିଧାୟକଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଲୋଚନା କରିଛନ୍ତି। ୫-ଟି ସଚିବ ଯୁବଗୋଷ୍ଠୀ ସହ କିଛି ସମୟ ବିତାଇବା ପରେ ଭୁବନେଶ୍ୱର ଫେରିଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରର ଅନେକ ବିଧାୟକ, ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ବଣିଆବାହାଲ ନିବାସୀ ମଧୁସୂଦନ ପଟ୍ଟନାୟକଙ୍କ ଝିଅ ଅବଲିସାଙ୍କ ସହ ବିଧାୟକ ମୁକେଶଙ୍କ ବିବାହ ସମ୍ପନ୍ନ ହୋଇଥିଲା।

# ବୁଲୁଛନ୍ତି ମା', ଛୁଆ ବାଘ

**ନୂଆପଡ଼ା ଅଫିସ,୧୪।୫**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟସ୍ଥିତ ଜାମଗାଁ ସିଆର୍‌ପିଏଫ୍ କ୍ୟାମ୍ପ ନିକଟରେ ମା' ଓ ଛୁଆ ବାଘ ବୁଲୁଛି। ସିଆରପିଏଫ କ୍ୟାମ୍ପରେ ଲାଗିଥିବା କ୍ୟାମେରାରେ ଏହା କଏଦ ହେବା ସହ ସ୍ଥାନୀୟ ଲୋକେ ମୋବାଇଲରେ ବାଘର ଫଟୋ ଉଠାଇଥିବା ଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଗତ ୨ଦିନ ତଳେ ଛତିଶଗଡ଼ ସିତାନଦୀ ଅଭୟାରଣ୍ୟ ଅଞ୍ଚଳରୁ ଏକ ମହାବଳ ବାଘ ଛୁଆକୁ ଧରି ଖାଦ୍ୟ ଅନ୍ୱେଷଣରେ ସୁନାବେଡା ଅଭୟାରଣ୍ୟ ଭିତରକୁ ଚାଲି ଆସିଥିବା ଲୋକେ ଦେଖିବାକୁ ପାଇଛନ୍ତି। ଶନିବାର ସନ୍ଧ୍ୟାରେ ସୁନାବେଡା ଅଭୟାରଣ୍ୟ ଜାମଗାଁ ସିଆରପିଏଫ କ୍ୟାମ୍ପ ନିକଟରେ ମହାବଳ ବାଘ ଛୁଆ ସହ ବୁଲୁଥିବା ଲୋକେ ଦେଖିଛନ୍ତି। ବାଘ ବୁଲୁଥିବାର ଦୃଶ୍ୟ ମୋବାଇଲ କ୍ୟାମରାରେ ରେକର୍ଡ କରିଛନ୍ତି। ଅଭୟାରଣ୍ୟ ଭିତରେ ସର୍ଭିଲାନ୍ସ କ୍ୟାମେରା ଲଗାଯାଇ ବାଘର ଗତିବିଧି ଉପରେ ବନ ବିଭାଗ ପକ୍ଷରୁ କଡା ନଜର ରଖାଯାଇଛି। ବାଘ ଅଭୟାରଣ୍ୟ ଖଡାଙ୍ଗ ଦେଇ ଜାମଗାଁ ଅଞ୍ଚଳରେ ବୁଲୁଥିବା ସୁନାବେଡା ବନ୍ୟପ୍ରାଣୀ ରେଞ୍ଜର ଶିବ ପ୍ରସାଦ ଖମାରୀ ସୂଚନା ଦେଇଛନ୍ତି।

# ତଣ୍ଟି କାଟି ହତ୍ୟା, ଭଡ଼ାଟିଆଙ୍କୁ ସନ୍ଦେହ

## ବନ୍ଦ ଘରୁ ୩ ମୃତଦେହ ଜବତ ଘଟଣା

### ଗୁରୁଜିତ, ସଲମନ ନାମକୁ ନେଇ ଅଡୁଆ

**ସମ୍ବଲପୁର,୧୪।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଗଅନ୍ତିଆପଡାର ଏକ ବନ୍ଦ ଘରୁ ଶନିବାର ମାଆ ସାଜିଆ ପରବିନ (୩୫), ପୁଅ ଅବଦୁଲ ରହମାନ (୮) ଓ ଝିଅ ହୁମେୟା ତୟାଇନ (୬)ଙ୍କ ମୃତଦେହ ଠାବ ହୋଇଥିଲା। ରବିବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ତିନିଜଣଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାସ୍ଥଳରୁ ଏକ ଚାପଡ, ରକ୍ତଲଗା କପଡା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ମହିଳାଙ୍କୁ ଚାପଡରେ ଗଳାକାଟି ହତ୍ୟା କରାଯାଇଥିବା ବେଳେ ଦୁଇପିଲାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ଛାନ୍‌ଭିନ୍ ଚଳାଇଛି। ଉକ୍ତ ଘରଭିତରୁ ଜଣେ ଯୁବକଙ୍କ ପ୍ୟାଣ୍ଟ ଜବତ ହୋଇଛି, ଯାହା ଭଡା ରହୁଥିବା ଯୁବକଙ୍କର ବୋଲି ଚିହ୍ନଟ କରାଯାଇଛି। ତେଣୁ ଭଡାଟିଆ ଯୁବକଙ୍କ ହାତ ରହିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯଦି ଭଡାଟିଆ ଯୁବକଙ୍କ ସମ୍ପୃକ୍ତି ଥିବ ତା'ହେଲେ ଅଡୁଆ ବଢ଼ିଯିବ। କାରଣ ଭଡାଟିଆ ଯୁବକ ଗୁରୁଜିତ ସିଂ ନାମରେ ସଦର ଥାନାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଅନ୍ୟପଟେ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ସଲମନ ଅହମ୍ମଦ ନାମ ରହିଛି। ପୂର୍ବରୁ ଗୁରୁଜିତ ନାମଧାରୀ ଯୁବକ ସିନ୍ଦୂରପଙ୍କ ଅଞ୍ଚଳରେ ରହୁଥିଲେ। ପରେ ସୁନାପାଲି ଅଞ୍ଚଳକୁ ଆସିବା ପରେ ସଲମନ ଅହମ୍ମଦ ଓ ଘର ବିହାର ମୁର୍ସିଦାପୁର ବୋଲି ପରିଚୟ ଦେଉଥିଲେ। ଭବାନୀପାଟଣାରେ ମଧ୍ୟ ତାଙ୍କର ଘର ଥିବା ନେଇ ସ୍ଥାନୀୟ ଲୋକମାନଙ୍କୁ କହୁଥିଲେ। ତେଣୁ ପୋଲିସ ପାଇଁ ଏହି ବହୁରୂପି ଯୁବକଙ୍କୁ ଠାବ କରିବା କଷ୍ଟକର। ପୋଲିସ ସାଇବର ଟିମ୍ ସାହଯ୍ୟ ନେଇ ତଦନ୍ତ କରୁଛି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଏହି ଘଟଣା ସମ୍ବେଦନଶୀଳ। ପୋଲିସ ଗମ୍ଭୀରତାର ସହ ନେଇ ତଦନ୍ତ କରୁଛି। ତଦନ୍ତ ପରେ ହତ୍ୟାକାଣ୍ଡର କାରଣ ଓ କାହାର ସମ୍ପୃକ୍ତି ରହିଛି ଜଣାପଡିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ପରବିନ ତାଙ୍କ ଦୁଇପିଲା ଓ ସ୍ୱାମୀ ଅବଦୁଲ ମଲିକଙ୍କ ସହ ଗଅନ୍ତିଆପଡାରେ ରହୁଥିଲେ। ହେଲେ ପ୍ରାୟ ୨ବର୍ଷ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଅବଦୁଲଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ପରବିନ ତାଙ୍କର ଦୁଇ ପିଲାଙ୍କ ସହ ରହୁଥିଲେ। ଏପରିସ୍ଥଳେ କିଛିଦିନ ପୂର୍ବରୁ ପରବିନଙ୍କ ଘରେ ସିଲିଂ କାମ କରୁଥିବା ଜଣେ ଯୁବକ ଭଡ଼ାରେ ରହୁଥିଲେ। ଯୁବକଙ୍କ ସହ ପରବିନଙ୍କ ଅଧିକାଂଶ ସମୟରେ ଝଗଡା ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପଟେ ପ୍ରାୟ ୫ଦିନ ହେଲା ଘର ସମ୍ମୁଖ ଗେଟ୍‌ରେ ତାଲା ପଡିଥିବାବେଳେ ପରିବାର ଲୋକେ ବାହାରକୁ ଯିବାଆସିବା କରୁ ନ ଥିଲେ। ଚକ୍ରଧରପୁରରେ ରହୁଥିବା ପରବିନଙ୍କ ପରିବାର ମଧ୍ୟ ଫୋନରେ ଯୋଗାଯୋଗ କରିବାରୁ କେହି ଫୋନ ରିସିଭ କରି ନ ଥିଲେ। ଏହା ପରେ ସେମାନେ ଭୟଭୀତ ହୋଇ ଶନିବାର ସମ୍ବଲପୁରରେ ଆସି ପହଞ୍ଚିଥିଲେ। ଘର ବାହାରୁ ତାଲା ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ମାଜିଷ୍ଟ୍ରେଟ ଆସି ଘର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ।


ମୃତଦେହ ଘର ବାହାରକୁ ଅଣାଯାଉଛି।

## ସଂକ୍ଷେପରେ

### ଘନଘନ ବିଦ୍ୟୁତ୍ କାଟ୍

**ଢେଙ୍କାନାଳ ଅଫିସ, ୧୪।୫:** ଢେଙ୍କାନାଳ ସହରରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏଭଳି ସମୟରେ ଘନଘନ ବିଦ୍ୟୁତ୍ କାଟ୍ ସହରବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ୩ଦିନ ମଧ୍ୟରେ ପାରଦ ହାରାହାରି ୩ ଡିଗ୍ରୀ ବଢ଼ିଛି। ଶୁକ୍ରବାର ସହରର ତାପମାତ୍ରା ୩୬.୧ ଡିଗ୍ରୀ ଥିବାବେଳେ ରବିବାର ୩୯.୬ ଡିଗ୍ରୀରେ ପହଞ୍ଚିଛି। ଅସହ୍ୟ ଝାଞ୍ଜି କାରଣରୁ ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ରାତି ୭ଟା ଯାଏ ଗରମ ପବନ ପ୍ରବାହିତ ହେଉଛି। ଏଭଳି ସମୟରେ ଘନଘନ ବିଦ୍ୟୁତ୍ କାଟ ସହରବାସୀଙ୍କୁ ଅତିଷ୍ଠ କରିପକାଉଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

### ବାରଦାରେ ବାଦୀପାଲା



**ଢେଙ୍କାନାଳ ଅଫିସ,୧୪।୫:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରଦାରେ ଗତ ୧୧ ତାରିଖରୁ ଚାଲିଥିବା ଆଞ୍ଚଳିକ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଗାୟକ ବିଜୟ କୁମାର ଓଝା ଏବଂ ଗାୟକ ଗଗନ ବିହାରୀ ମହାପାତ୍ର ଯୋଗଦେଇ ବିଭିନ୍ନ ପୌରାଣିକ ପ୍ରସଙ୍ଗରେ ତର୍କ କରିଥିଲେ। ସରପଞ୍ଚ ଦୀପ୍ତିମୟୀ ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସେଠୀ, ପାଲା ଗାୟକ ବିଚିତ୍ରାନନ୍ଦ ପଣ୍ଡା, ସମୀକ୍ଷକମାନେ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବିନାୟକ ମହାନ୍ତିଙ୍କ ସଂଯୋଜନାରେ ଗଁଦିଆ ସ୍ମୃତି ସଂସଦ ସଭାପତି ତଥା ଶିକ୍ଷାବିତ୍ ହରିହର ସାହୁ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ଥିଙ୍କର୍ସ ଫୋରମ୍ ସଭାପତି ସୁବ୍ରତ ସାହୁ, ଆଞ୍ଚଳିକ ସେବା ସଙ୍ଗଠନ ସଭାପତି ବିଦ୍ୟାଧର ସାହୁ, ଷଡ଼ଙ୍ଗୀ ପାଲା କମିଟି ସଭାପତି ମଙ୍ଗୁଳି ଚରଣ ବେହେରା, ସମ୍ପାଦକ ବିଜୟ ବରାଳଙ୍କ ସମେତ ବହୁ ପାଲାପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ଗଭୀର କୂଅରୁ ବୃଦ୍ଧ ଉଦ୍ଧାର

**ଢେଙ୍କାନାଳ ଅଫିସ,୧୪।୫:** ଢେଙ୍କାନାଳ ଜିଲା ପରଜଙ୍ଗ ହନୁମାନ ମନ୍ଦିର ନିକଟରେ ଥିବା ଏକ ୪୦ ଫୁଟ ଗଭୀର କୂଅରେ ରବିବାର ସକାଳ ସାଢ଼େ ୯ଟାରେ ରମେଶ ଚନ୍ଦ୍ର ଦଳବେହେରା (୭୫) ନାମକ ଜଣେ ବୃଦ୍ଧ ଖସିପଡ଼ିଥିଲେ। ସୂଚନା ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ନିଦ ହଜାଇଛନ୍ତି ସିନ୍ଧିଚୋର






ପୋଲିସ ଘଟଣାର ତଦନ୍ତ କରୁଛି।

**ଭୁବନ, ୧୪।୫(ଡି.ଏନ.ଏ.)**

■ଗ୍ରୀଲ୍ କାଟି ଘରେ ପଶି ବୁଲାଉଛନ୍ତି କଳାକନା

■୨ ଦିନରେ ୩ ଘଟଣା, ପୋଲିସ ହାତ ଖାଲି

ନିଛାଟିଆ ରାତିରେ ହାତ ହତିଆର ଧରି ବାହାରୁଛନ୍ତି। ଟାର୍ଗେଟ କରିଥିବା ଘରର ଝରକା ଗ୍ରୀଲ୍ କାଟି ଅନାୟାସରେ ବୁଲାଉଛନ୍ତି କଳାକନା। ଢେଙ୍କାନାଳ ଜିଲା ଭୁବନ ଏନ୍ଏସିରେ ସିନ୍ଧିଚୋରଙ୍କ ଏଭଳି ଦୌରାତ୍ମ୍ୟ ସହରବାସୀଙ୍କ ନିଦ ହଜାଇ ଦେଇଛି। ଗତ ୨ ଦିନରେ ସମାନ ଢଙ୍ଗରେ ୩ ଘଟଣା ଘଟିଥିବାବେଳେ ଏଥିରେ ଏକ ପେସାଦାର ଲୁଟେରା ଗ୍ୟାଙ୍ଗର ହାତ ରହିଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ବିଫଳ ହୋଇଛି।

ଗତ କିଛିଦିନ ହେଲା ଭୁବନ ଏନ୍ଏସି ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛନ୍ତି। ଗତ ଶୁକ୍ରବାର ରାତିରେ କଲେଜ ରୋଡ୍‌ରେ ରହୁଥିବା ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀପତି ଚିନ୍ନରାଙ୍କ ଘରୁ ବଡ଼ଧରଣର ଲୁଟ୍ ହୋଇଥିଲା। ବିଳମ୍ବିତ ରାତିରେ ଘର ପଛପଟ ଝରକା ଗ୍ରୀଲ୍ ତାଡ଼ି ଅଭିଯୁକ୍ତମାନେ ଅଧ୍ୟାପକଙ୍କ ଝିଅଙ୍କ ପ୍ରକୋଷ୍ଠରେ ପଶିଥିଲେ। ଆଲମିରାରେ ଥିବା ୨ ଭରି ଓଜନର ଏକ ସୁନାଚେନ୍, ୫ ଗ୍ରାମ୍‌ର ସୁନାମୁଦି, ୪ ହଜାର ଟଙ୍କା ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଥିଲା। ଶନିବାର ରାତିରେ ଅନୁରୂପ ଭାବେ ୨ଟି ସ୍ଥାନରୁ ଚୋରି ହୋଇଛି। କାଳୀବଜାରର ଜଣାଶୁଣା ଲୁଗା ବ୍ୟବସାୟୀ ତଥା ୧ନଂ. ୱାର୍ଡ ଲତାବିଲ କେନାଲ ନିକଟରେ ରହୁଥିବା ରାମଅବତାର ମେହେଟା ଏବଂ ୨ନଂ. ୱାର୍ଡ କେନାଲ ରୋଡ୍‌ରେ ରହୁଥିବା ରେକ୍ସ ଟେଲର ଦୋକାନ ମାଲିକ ଶେଖ୍ ନାବେଦ ଅସ୍‌ରଫଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅସହ୍ୟ ଗରମ ହେଉଥିବାରୁ ରାମ ଅବତାରଙ୍କ ପରିବାର ଲୋକେ ଏସିରୁମ୍‌ରେ ଶୋଇଥିଲେ। ଏହାର ସୁଯୋଗରେ ଅଭିଯୁକ୍ତମାନେ ଘର ପଛପଟ ଝରକା ଗ୍ରୀଲ୍ ତାଡ଼ି ୬ଟି ସୁନାହାର, ୨ଟି ସୁନାଚୁଡି, କାନଫୁଲ, ୬ଟି ରୁପା ପାଉଁଜି, ରୁପା ଟଙ୍କା, ୨୦ ହଜାର ଟଙ୍କା ନେଇଯାଇଛନ୍ତି। ଅନୁରୂପ ଭାବେ ଶେଖ୍ ନାବେଦଙ୍କ ଝରକା ଭାଙ୍ଗି ଆଲମିରାରେ ଥିବା ୨ଟି ଚେନ୍, ୨୨ ହଜାର ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଯିବା ପୂର୍ବରୁ ଅଭିଯୁକ୍ତମାନେ ବାହାରୁ କବାଟ ବନ୍ଦ କରି ଦେଇଥିଲେ। ସକାଳୁ ପାଖପଡ଼ୋଶୀଙ୍କୁ ଡାକି କବାଟ ଖୋଲିବା ପରେ ଘଟଣା ଜଣାପଡ଼ିଥିଲା। ଉଭୟଙ୍କ ଅଭିଯୋଗକ୍ରମେ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାଧିକାରୀ ସ୍ୱାଇଁ କୁହନ୍ତି, ଚୋରି ମାମଲାରେ କେତେଜଣ ସନ୍ଦେହ ବଳୟକୁ ଆସିଛନ୍ତି। ଖୁବ୍‌ଶୀଘ୍ର ଏହାର ରହସ୍ୟ ଉନ୍ମୋଚନ ହେବ।

## ଦୁଇମୁଣ୍ଡିଆ ମୃତଶିଶୁ ଜନ୍ମ

**ଢେଙ୍କାନାଳ ଅଫିସ, ୧୪।୫**

ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ରବିବାର ଏକ ଦୁଇମୁଣ୍ଡିଆ ମୃତ ଶିଶୁପୁତ୍ର ଜନ୍ମ ହୋଇଛି। ଭୁବନ ବ୍ଲକ ବ୍ରହ୍ମପୁର ଅଞ୍ଚଳର ଜଣେ ମହିଳା ଏହି ଶିଶୁପୁତ୍ରକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ମହିଳାଙ୍କ ସ୍ୱାମୀଙ୍କ କହିବା କଥା, ଗର୍ଭାବସ୍ଥାରେ ଶିଶୁଟିର ମୃତ୍ୟୁ ହୋଇଯାଇଥିବା ଅଲଟ୍ରାସାଉଣ୍ଡ ରିପୋର୍ଟରୁ ଜଣାପଡ଼ିଥିଲା। ସ୍ତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ମୃତ ଗର୍ଭସ୍ଥ ସନ୍ତାନଙ୍କୁ ବାହାର କରିବା ଜରୁରୀ ହୋଇପଡ଼ିଥିଲା। ତେଣୁ ତାଙ୍କୁ ୪ ଦିନ ତଳେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ୪ ଦିନ ଅପେକ୍ଷା କରାଇବା ପରେ ଡାକ୍ତରମାନେ କଟକ ରେଫର କରିଦେଇଥିଲେ। ତେଣୁ ସ୍ତ୍ରୀଙ୍କୁ ଉକ୍ତ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅଲଟ୍ରାସାଉଣ୍ଡ୍ କରାଯିବା ପରେ ଶିଶୁର ଦୁଇଟି ମୁଣ୍ଡଥିବା ସ୍ପଷ୍ଟ ହୋଇଥିଲା। ନର୍ସିଂହୋମ୍‌ର ଡାକ୍ତରମାନେ ରବିବାର ସାଧାରଣ ପ୍ରସବ ମାଧ୍ୟମରେ ମୃତଶିଶୁକୁ ବାହାର କରିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ନର୍ସିଂହୋମ୍ ପରିଚାଳକ ଶାନ୍ତନୁ କୁମାର ଜେନା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ଲୋକେ ନାନା ପ୍ରକାର ଅଭିଯୋଗ କରୁଛନ୍ତି। ଘଟଣା କ'ଣ ହୋଇଛି ଦେଖିବାକୁ ପଡ଼ିବ। ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ବିଶେଷଜ୍ଞଙ୍କୁ ପଚାରିବା ପରେ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ କହିହେବ ।




ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଆୟୋଜିତ ଦିବ୍ୟ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଅତିଥିମାନେ।

## ଗୁରୁ ରବିଶଙ୍କରଙ୍କ ଜୟନ୍ତୀ

**ଢେଙ୍କାନାଳ ଅଫିସ,୧୪।୫**

ଢେଙ୍କାନାଳ ଜିଲା ଆର୍ଟ ଅଫ୍ ଲିଭିଂ ଶାଖା ପକ୍ଷରୁ ସଦ୍‌ଗୁରୁ ଶ୍ରୀରବିଶଙ୍କରଙ୍କ ୬୭ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୬ଟାରେ ଯୋଗସାଧନା, ସୁଦର୍ଶନ କ୍ରିୟା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୁରୁପୂଜନ କାର୍ଯ୍ୟକ୍ରମ ସହ ଦିବ୍ୟ ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଏଥିରେ ଢେଙ୍କାନାଳ ସମେତ ଗଁଦିଆ, କାମାକ୍ଷାନଗର, ଇନ୍ଦିପୁର, ବାରଦା, ଯୋରନ୍ଦା ଅଞ୍ଚଳରୁ ବହୁ ସଂଖ୍ୟାରୁ ଅନୁଗାମୀ ଯୋଗଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପିଜୁଳି ଚାରା ବଣ୍ଟନ କରାଯାଇଥିଲା।

ଯୋଗ ଶିକ୍ଷକ ସୁଜାତା ମହାନ୍ତି, ଜି. ଜୟାଲକ୍ଷ୍ମୀ, ସୌମେନ୍ଦ୍ର ମହାପାତ୍ର, ମନୋରଞ୍ଜନ ମହାନ୍ତି, ବାବୁଲା ସାହୁ, କାମାକ୍ଷା ପ୍ରସାଦ ଲେଙ୍କା, ଦୀପ୍ତି ମହାପାତ୍ର ପ୍ରମୁଖ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କ୍ଷେତ୍ରମୋହନ ସାହୁ, ମନୋରଞ୍ଜନ ଦାସ, ପ୍ରଭାକର ବେହେରା, ସମୀର ପ୍ରଧାନ, ସମରେନ୍ଦ୍ର ଶତପଥୀ, ଶ୍ୟାମସୁନ୍ଦର ଦାସ, ହୃଦାନନ୍ଦ ବିଶ୍ୱାଳ, ଭାସ୍କର ରାଓ, ଚିତ୍ତରଞ୍ଜନ ସାହୁ, ବିଦ୍ୟାଧର ବିଶ୍ୱାଳ, ଅଜୟ ପୃଷ୍ଟି, ଅଭିମନ୍ୟୁ ଦାସ, ପ୍ରୋତିମା ସିହ୍ନା, ନଳିନୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଜୟନ୍ତୀ କମିଟିର ମୁଖ୍ୟ ପରିଚାଳକ ପ୍ରଦୀପ୍ତ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ରୋଟ୍ରାକ୍ଟ କ୍ଲବ ସଭାପତି, ସମ୍ପାଦିକା ମନୋନୀତ

**ଢେଙ୍କାନାଳ ଅଫିସ, ୧୪।୫**

ଢେଙ୍କାନାଳ ରୋଟ୍ରାକ୍ଟ କ୍ଲବର ନୂତନ ସଭାପତି ଭାବେ ଶିବପ୍ରସାଦ ସ୍ୱାଇଁ ଏବଂ ସମ୍ପାଦିକା ଭାବେ ଅମ୍ରିତା ମିଶ୍ର ମନୋନୀତ ହୋଇଛନ୍ତି। ୨୦୨୩-୨୪ ବର୍ଷ ପାଇଁ ଉଭୟଙ୍କୁ ସର୍ବସମ୍ମତିକ୍ରମେ ଏହି ପଦବୀ ଲାଗି ଚୟନ କରାଯାଇଛି। କ୍ଲବର ଗଠନମୂଳକ କାର୍ଯ୍ୟ ଆଗକୁ ନେବାରେ ଉଭୟେ ନିଷ୍ଠାପର ଭାବେ କାମ କରିବେ ବୋଲି କହିଛନ୍ତି। ସେମାନଙ୍କୁ କ୍ଲବ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ଶିବ ପ୍ରସାଦ ସ୍ୱାଇଁ।



ଅମ୍ରିତା ମିଶ୍ର।

## ମା'ଙ୍କୁ ପୂଜିଲେ ସନ୍ତାନ



**ଢେଙ୍କାନାଳ ଅଫିସ,୧୪।୫**

ଢେଙ୍କାନାଳ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ଥିବା ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଏବଂ ସ୍କେଟିଂ ଆସୋସିଏଶନ ପ୍ରଶିକ୍ଷଣ କେନ୍ଦ୍ରରେ ଗୁରୁଦେବଜୀ ଗୁରୁକୁଳ ଏକାଡେମୀ ପକ୍ଷରୁ ରବିବାର ବିଶ୍ୱ ମାତୃଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ମା' ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସୌମ୍ୟବ୍ରତ ସାହୁ ଭାରତମାତାଙ୍କୁ ପ୍ରଥମେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ମା'ମାନଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ଛେନାପୋଡ଼ କେକ୍ କଟାଯାଇଥିଲା। ପ୍ରଶିକ୍ଷକ ରବୀନ୍ଦ୍ର ପରିଡ଼ା, ଡାର୍ଲିନ ଡାଲଟନ, ଇନ୍ଦ୍ରଜିତ ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ପ୍ରଶିକ୍ଷାର୍ଥୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ଫାଇନାଲ୍‌ରେ ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୧୪।୫**

**ପ୍ରଥମ ରାଜ୍ୟସ୍ତରୀୟ ଦିବାରାତ୍ର ଖୋ ଖୋ**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ସତ୍ୟନାରାୟଣ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଛି ପ୍ରଥମ ରାଜ୍ୟସ୍ତରୀୟ ଦିବାରାତ୍ର ପୁରୁଷ ଖୋ ଖୋ ପ୍ରତିଯୋଗିତା। ଏଥିରେ ଢେଙ୍କାନାଳ, ପୁରୀ, କଟକ ଓ ଜଗତ୍‌ସିଂହପୁର ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଢେଙ୍କାନାଳ ୧୯.୨୨ ପଏଣ୍ଟରେ ପୁରୀକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ଜଗତ୍‌ସିଂହପୁର ଓ କଟକ ମଧ୍ୟରେ ଖେଳାଯାଇଥିବାବେଳେ ଖବର ଲେଖାଯିବା ସୁଦ୍ଧା ଫଳାଫଳ ସ୍ପଷ୍ଟ ହୋଇ ନ ଥିଲା। ରାମକୃଷ୍ଣ ବେହେରା, ଅନିଲ ନନ୍ଦ, ଚିତ୍ତରଞ୍ଜନ ବେହେରା, ଜୀବନଜ୍ୟୋତି ବିଶ୍ୱାଳ, ସୁବ୍ରତ ମିଶ୍ର, ପ୍ରଦୀପ୍ତ ବିଶ୍ୱାଳ ରେଫରି ରହିଛନ୍ତି। ରବିନାରାୟଣ ପ୍ରଧାନ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଉଛନ୍ତି। ସତ୍ୟନାରାୟଣ ସ୍ପୋର୍ଟସ୍ ଏକାଡେମୀର ସଭାପତି ସତ୍ୟନାରାୟଣ ପାତ୍ର ଓ ସମ୍ପାଦକ ରଞ୍ଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଢେଙ୍କାନାଳରେ ପ୍ରଥମ ଥର ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଛି।



କଟକ-ଜଗତ୍‌ସିଂହପୁର ମ୍ୟାଚ୍‌ର ଏକ ଦୃଶ୍ୟ।

## 'ଗ୍ରାମକୁ ନିଶାମୁକ୍ତ କରିବାକୁ ଉଦ୍ୟମ ହେଉ'

**ଉତ୍କଳ ସର୍ବୋଦୟ ମଣ୍ଡଳ ଜିଲା ଶାଖା ବୈଠକ**

**ଢେଙ୍କାନାଳ ଅଫିସ, ୧୪।୫**


ଉତ୍କଳ ସର୍ବୋଦୟ ମଣ୍ଡଳ ଢେଙ୍କାନାଳ ଜିଲା ଶାଖାର ୪ର୍ଥ ବୈଠକ ରବିବାର ଓଡ଼ାପଡ଼ା ବ୍ଲକ ଗୁଣ୍ଡୁଦେଇ ପଞ୍ଚାୟତ ମହାଦିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗାନ୍ଧୀବାଦୀ ତଥା ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗାନ୍ଧିଜୀଙ୍କଠାରୁ ପ୍ରଥମେ ସର୍ବୋଦୟ ଶବ୍ଦ ଆରମ୍ଭ ହୋଇଥିଲା। ଡାକ୍ତରଙ୍କଠାରୁ ଆରମ୍ଭ କରି ବଢ଼େଇ, ବାରିକ ସମସ୍ତଙ୍କ ଶ୍ରମର ମୂଲ୍ୟ ସମାନ । ସବୁ ମଣିଷଙ୍କ ମାନବିକ ମୂଲ୍ୟବୋଧ ମଧ୍ୟ ସମାନ। ହେଲେ ଆମ ଭିତରେ ଶାନ୍ତି ନାହିଁ। ଧନୀ ଆହୁରି ଧନୀ ହୋଇଚାଲିଛି। ଗରିବ ଗରିବ ହୋଇ ରହିଯାଉଛି। ତେଣୁ ଗ୍ରାମକୁ ନିର୍ଭରଶୀଳ ଓ ନିଶାମୁକ୍ତ କରିବା ପାଇଁ ଉଦ୍ୟମ ହେଉ ବୋଲି ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜିଲା ମୁଖ୍ୟ ବି.କେ. ଉଷା କହିଲେ, ଗୀତାପାଠ ମହାନ କର୍ମ। ଗାନ୍ଧିଜୀ ଗୀତା ଜ୍ଞାନକୁ ନିଜ ଜୀବନରେ ଆପଣାଇଥିଲେ। ସତ୍ୟ, ଅହିଂସାକୁ ମାଧ୍ୟମ କରି ସତ୍ୟାଗ୍ରହ ଦ୍ୱାରା ସ୍ୱାଧୀନତା ଆଣିଥିଲେ। ପ୍ରତିବ୍ୟକ୍ତି ଦୈନିକ ଗୀତାପାଠ ଏବଂ ୧୦ ମିନିଟ୍ ଶାନ୍ତି ପ୍ରାର୍ଥନା କରିବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରେବତୀ ବେହେରା ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ।



ବୈଠକରେ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଜିଲା ଶାଖା ସଭାପତି ପ୍ରଦ୍ୟୁମ୍ନ ରଥ ବୈଠକରେ ସଭାପତିତ୍ୱ କରି ସର୍ବଧର୍ମ ସମନ୍ୱୟ ଏବଂ ଗାନ୍ଧୀ ବିଚାର ମଞ୍ଚ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ କହିଲେ, ଢେଙ୍କାନାଳ ମାଟି ବୀର ପ୍ରସବିନୀ। ଏଠାରୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରୟାସ କରିବା ସହ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ଶିଶିର ଶତପଥୀ, କ୍ଷୀରୋଦ ଚନ୍ଦ୍ର ନାୟକ, ଗୋଲଖ ବିହାରୀ ମହାନ୍ତି, ବସନ୍ତ ସ୍ୱାଇଁ, ବରେନ୍ଦ୍ର ଲେଙ୍କା, ଦିବ୍ୟସିଂହ ବରାଳ, ପଦ୍ମଲୋଚନ ଲେଙ୍କା, ବୈକୁଣ୍ଠ ବିହାରୀ ସ୍ୱାଇଁ, ପତିତପାବନ ରାଉତ, ସରୋଜ ବରାଳ, ନବକିଶୋର ଦେହୁରୀ, ଗଦାଧର ପାତ୍ର, ଧନେଶ୍ୱର ଦେହୁରୀ, ନିତ୍ୟାନନ୍ଦ ନାୟକ, ଅରବିନ୍ଦ ବରାଳ, ଅମିତ ସ୍ୱାଇଁ, ବି.କେ. ପ୍ରଫୁଲ, ବି.କେ. ରିଙ୍କି, ସୁବ୍ରତ ବରାଳ, ଶମ୍ଭୁନାଥ ବରାଳ, ସୂର୍ଯ୍ୟନାରାୟଣ ନାଥ, ଆଦ୍ୟଶ୍ଳୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୃହତ୍ ବିଜୟ ସହ ଆରସିବି ଆଶା ଉଜ୍ଜୀବିତ



ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ୱେନ୍ ପାର୍ନେଲ।

**ଜୟପୁର, ୧୪।୫**

କ୍ରମାଗତ ୨ ପରାଜୟ ପରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୃହତ୍ ବିଜୟ ସ୍ୱାଦ ଚାଖିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ରବିବାର ଜୟପୁରର ସ୍ଲୋ ପିଚ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ରାଜସ୍ଥାନ ରୟାଲ୍ସକୁ ୧୧୨ ରନ୍‌ରେ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ୍ କରିଥିବାବେଳେ ରାଜସ୍ଥାନ ୧୦.୩ ଓଭରରେ ମାତ୍ର ୫୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ବିଜୟ ଆରସିବିକୁ କେବଳ ୨ ପଏଣ୍ଟ ଦେଇନାହିଁ ବରଂ ରନ୍‌ହାରରେ ମଧ୍ୟ ବହୁ ଉନ୍ନତି ଆଣିଛି। ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଥିବାରୁ ଆରସିବିର ପ୍ଲେ-ଅଫ୍ ପ୍ରବେଶ ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ୧୩ ମ୍ୟାଚ୍‌ରୁ ୭ମ ପରାଜୟ ସହ ରାଜସ୍ଥାନର ଆଶା ମଉଳି ଯାଇଛି। ଘାତକ ବୋଲିଂ କରି ମାତ୍ର ୧୦ ରନ୍ ବିନିମୟରେ ୩ ଉଇକେଟ ନେଇଥିବା ଆରସିବିର ୱେନ୍ ପାର୍ନେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



ମ୍ୟାଚ ଜିତିବାପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଉଲ୍ଲସିତ ଖେଳାଳି।

### ଡୁପ୍ଲେସି, ମ୍ୟାକ୍ସୱେଲ୍‌ଙ୍କ ଅର୍ଦ୍ଧଶତକ

ଟସ୍ ଜିତି ବ୍ୟାଟିଂ କରିଥିବା ଆରସିବିର ଆରମ୍ଭ ଭଲ ହୋଇଥିଲା। ଓପ୍‌ନିଂ ଯୋଡ଼ିରେ ୫୦ ରନ୍ ଯୋଗ ହେବାପରେ ବିରାଟ କୋହଲି ୧୮ ରନ୍ କରି ଆଉଟ ହୋଇଥିଲେ। ଡୁପ୍ଲେସିଙ୍କ ସହ ଯୋଗଦେଇ ଗ୍ଲେନ ମ୍ୟାକ୍ସୱେଲ ଦ୍ୱିତୀୟ ଉଇକେଟରେ ୪୭ ବଲ୍‌ରୁ ୬୯ ରନ୍‌ର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଡୁପ୍ଲେସିଙ୍କୁ ଆଉଟ୍ କରି କେ.ଏମ୍ ଅସିଫ ଏହି ଯୋଡ଼ି ଭାଙ୍ଗିଥିଲେ। ଡୁପ୍ଲେସି ୪୪ ବଲ୍‌ରୁ ୫୫ (୩ ଚୌକା, ୨ ଛକା) ରନ୍ କରିଥିଲେ। ସ୍ଥାନୀୟ ଖେଳାଳି ମହୀପାଲ ଲୋମରର (୧) ଓ ଦୀନେଶ କାର୍ତ୍ତିକ (୦) ବିଫଳ ହୋଇଥିବାବେଳେ ମ୍ୟାକ୍ସୱେଲଙ୍କ ଦ୍ରୁତ ଅର୍ଦ୍ଧଶତକ ଯୋଗୁ ଦଳ ସମ୍ମାନଜନକ ସ୍କୋର ଆଡ଼କୁ ଅଗ୍ରସର ହୋଇଥିଲା। ସେ ୩୩ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୫୪ ରନ୍ କରିଥିଲେ। ଶେଷଭାଗରେ ଅନୁଜ ରାୱତ ୧୧ ବଲ୍‌ରୁ ୨୯ (୩ ଚୌକା, ୨ ଛକା) ରନ୍ କରିବାରୁ ଆରସିବି ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିବାରେ ସଫଳ ହୋଇଥିଲା। ରାଜସ୍ଥାନ ପକ୍ଷରୁ ଆଡାମ ଜାମ୍ପା ଓ କେ.ଏମ୍. ଅସିଫ ୨ଟି ଲେଖାଏ ଓ ସନ୍ଦୀପ ଶର୍ମା ଗୋଟିଏ ଉଇକେଟ ନେଇଥିଲେ।

### ତୃତୀୟ ସର୍ବନିମ୍ନ ସ୍କୋର

ପିଚ୍ କ୍ରମେ ସ୍ଲୋ ହୋଇଥିବାରୁ ରାଜସ୍ଥାନ ବ୍ୟାଟରମାନେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ତେବେ ଆରସିବି ବୋଲରମାନେ ପିଚ୍‌ର ସଦୁପଯୋଗ କରି ପାୱାର ପ୍ଲେ ମଧ୍ୟରେ ୨୫ ରନ୍‌ରେ ୫ ଉଇକେଟ ହାସଲ କରିବାରୁ ରାଜସ୍ଥାନ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। କେବଳ ଶିମରନ ହେଟମେର (୩୫) ଓ ଜୋ ରୁଟ୍ (୧୦)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପୂର୍ବରୁ ବାଙ୍ଗାଲୋର ବିପକ୍ଷରେ ରାଜସ୍ଥାନର ସର୍ବନିମ୍ନ ସ୍କୋର ଥିଲା ୫୮ ରନ୍। ଏହାକୁ ଦଳ ଏଡ଼ାଇବାକୁ ସକ୍ଷମ ହୋଇଥିଲେ ହେଁ ୫୯ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଆଇପିଏଲ୍ ଇତିହାସରେ ଏହା ହେଉଛି ତୃତୀୟ ସର୍ବନିମ୍ନ ସ୍କୋର। ପ୍ରତିଭାସମ୍ପନ୍ନ ଇନ୍‌ଫର୍ମ ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରି ଆରସିବି ପାଇଁ ଉଇକେଟ ହାସଲ ଅଭିଯାନ ଆରମ୍ଭ କରିଥିଲେ ମହମ୍ମଦ ସିରାଜ। ରାଜସ୍ଥାନର ଦୁଇ ଓପ୍‌ନର ଡକ୍(୦)ରେ ଆଉଟ ହେବା ମଧ୍ୟ ଥିଲା ଏକ ବିରଳ ଦୃଷ୍ଟାନ୍ତ। ଏହାପରେ କେହି ଜଣେ ବ୍ୟାଟର କ୍ରିଜ୍‌ରେ ତିଷ୍ଠି ରହି ସ୍କୋରକୁ ଆଗେଇନେବା ଆବଶ୍ୟକ ଥିଲା। ମାତ୍ର ସମାନ ଭୁଲ୍ ଦୋହରାଇ ଜଣକ ପରେ ଜଣେ ରାଜସ୍ଥାନ ବ୍ୟାଟର ପ୍ୟାଭିଲିୟନମୁହାଁ ହେବାରୁ ଦଳର ଇନିଂସ୍ ମାତ୍ର ୧୦.୩ ଓଭରରେ ଶେଷ ହୋଇଯାଇଥିଲା। ଆରସିବି ବୋଲରଙ୍କ ମଧ୍ୟରେ ୱେନ୍ ପାର୍ନେଲ ୩ଟି, ମାଇକେଲ ବ୍ରାସୱେଲ ଓ କର୍ନ ଶର୍ମା ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ ଓ ଗ୍ଲେନ୍ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୧/୫ (ଫାଫ୍ ଡୁପ୍ଲେସି-୫୫, ଗ୍ଲେନ ମ୍ୟାକ୍ସୱେଲ-୫୪, ଅନୁଜ ରାୱତ-୨୯*, ଆଡାମ ଜାମ୍ପା-୨/୨୫, କେ.ଏମ. ଅସିଫ୍-୨/୪୨, ସନ୍ଦୀପ ଶର୍ମା-୧/୩୪)। ରାଜସ୍ଥାନ ରୟାଲ୍ସ ୧୦.୩ ଓଭରରେ ୫୯/ଅଲ୍‌ଆଉଟ (ଶିମରନ ହେଟମେର-୩୫, ୱେନ୍ ପାର୍ନେଲ-୩/୧୦, ମାଇକେଲ ବ୍ରାସୱେଲ-୨/୧୬, କର୍ନ ଶର୍ମା-୨/୧୯, ଗ୍ଲେନ୍ ମ୍ୟାକ୍ସୱେଲ-୧/୩)।

## ଆଇପିଏଲ୍‌ରେ ସର୍ବନିମ୍ନ ସ୍କୋର

୪୯: ବାଙ୍ଗାଲୋର ବନାମ କୋଲକାତା, କୋଲକାତା, ୨୦୧୭
୫୮: ରାଜସ୍ଥାନ ବନାମ ବାଙ୍ଗାଲୋର, କେପ୍ ଟାଉନ୍, ୨୦୦୯
୫୯: ରାଜସ୍ଥାନ ବନାମ ବାଙ୍ଗାଲୋର, ଜୟପୁର, ୨୦୨୩
୬୬: ଦିଲ୍ଲୀ ବନାମ ମୁମ୍ବାଇ, ଦିଲ୍ଲୀ, ୨୦୧୭

## ବେଙ୍ଗାଲୁରୁରେ ଖେଳିବ ପାକିସ୍ତାନ

**ନୂଆଦିଲ୍ଲୀ, ୧୪।୫ (ପି.ଟି.):** ଜୁନ୍-ଜୁଲାଇରେ ବେଙ୍ଗାଲୁରୁରେ ହେବାକୁଥିବା ସାଉଥ୍ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ସ୍ପଷ୍ଟ କରିଛି। ପଡ଼ୋଶୀ ଦେଶର ଖେଳାଳି ଭାରତ ଗସ୍ତରେ ଆସିଲେ କୌଣସି ଅସୁବିଧା ନାହିଁ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ପ୍ରକାଶ କରିଛି। ଏହି ଇଣ୍ଟର କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟରେ ଲେବାନନ୍ ଓ କୁଏତ୍ ମଧ୍ୟ ଭାଗନେବେ। ଚାମ୍ପିୟନଶିପ୍‌କୁ ଅଧିକ ପ୍ରତିଯୋଗିତାମୂଳକ କରିବା ଲାଗି ଦକ୍ଷିଣ ଏସିଆ ଅଞ୍ଚଳ ବାହାରୁ ଦୁଇଟି ଦଳକୁ ଟୁର୍ନାମେଣ୍ଟରେ ସ୍ଥାନ ଦେବା ଲାଗି ଗତ ମାର୍ଚ୍ଚରେ ସାଫ୍ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ସ୍ଥିର ହୋଇଥିଲା। ଏଆଇଏଫ୍‌ଏଫ୍ ସେକ୍ରେଟାରି ଜେନେରାଲ ଶାଜି ପ୍ରଭାକରନ କହିଛନ୍ତି, ଦୁଇ ଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା ସତ୍ତ୍ୱେ ପାକିସ୍ତାନୀ ଖେଳାଳିମାନଙ୍କୁ ଭିଜା ମଞ୍ଜୁର କରିବାରେ କୌଣସି ଅସୁବିଧା ଥିବା ସେ ମନେ କରୁନାହାନ୍ତି। ନିକଟରେ ଭାରତୀୟ ବ୍ରିଜ୍ ଦଳ ପାକିସ୍ତାନରେ ଏକ ଆଞ୍ଚଳିକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ଫେରିଛି। ତେଣୁ ପାକିସ୍ତାନ ଅଂଶଗ୍ରହଣ କଲେ କୌଣସି ଅସୁବିଧା ହେବ ବୋଲି ସେ ମନେ କରୁନାହାନ୍ତି।

## ଜାତୀୟ, ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ନିଷ୍ପତ୍ତି

**ଭୁବନେଶ୍ୱର, ୧୪।୫ (କ୍ରୀଡ଼ା ପ୍ରତିନିଧି):** କଟକ କ୍ଲବ୍ ପରିସରରେ ରବିବାର ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତ ବର୍ଷ ରାଜ୍ୟସ୍ତରର ପ୍ରତିଯୋଗିତା ବ୍ୟତୀତ ଜାତୀୟସ୍ତରରେ ୨ଟି ଏବଂ ଅନ୍ତର୍ଜାତୀୟ ସ୍ତରର ଗୋଟିଏ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୩୦ ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ପିଲାଙ୍କ ପାଇଁ କୋଚିଂ କ୍ୟାମ୍ପ, ବୈଷୟିକ ଅଧିକାରୀଙ୍କ ସେମିନାର ଏବଂ କୋଚ୍ ଟ୍ରେନିଂ କ୍ୟାମ୍ପ ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଆସୋସିଏଶନ ସଭାପତି ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ କୁମାର ପୂଜାରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସ୍ପୋର୍ଟ୍ସ କାଉନ୍ସିଲ ପ୍ରତିନିଧି ସନାତନ ସାହୁ, ଆଇନଗତ ପରାମର୍ଶଦାତା ଅନନ୍ତ ନାରାୟଣ ପଟ୍ଟନାୟକ ଏବଂ ବୈଷୟିକ ଅଧିକାରୀ ପରାମର୍ଶଦାତା ବିଜୟ କୁମାର ବାଗ୍ ଭାଗ ନେଇଥିଲେ। ସମ୍ପାଦକ ନୀତୀନ କୁମାର ଏଜେଣ୍ଡା ଉପରେ ଆଲୋଚନା କରିଥିଲେ। ଉପସଭାପତି ପ୍ରଦୀପ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, କାର୍ଯ୍ୟକାରୀ ସଭାପତି ମିହିର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମୋଦଙ୍କୁ ୨ ସ୍ୱର୍ଣ୍ଣ, ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୪।୫ (କ୍ରୀଡ଼ା ପ୍ରତିନିଧି)**

**ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ**

ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସିଙ୍ଗଲ୍ସ ଓ ପୁରୁଷ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲର ପ୍ରଥମ ସେଟ୍‌ରେ ପ୍ରମୋଦ ଇଂଲଣ୍ଡର ଡାନିଏଲ ବେଥେଲଙ୍କ ବିପକ୍ଷରେ ୨୧-୧୯ରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ସେଟ୍‌ରେ ବେଥେଲ ଖେଳିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଫଳରେ ପ୍ରମୋଦଙ୍କୁ ବିଜେତା ଘୋଷଣା କରାଯାଇଥିଲା। ସେହିପରି ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡ଼ି ନିଜ ଦେଶର ନିତେଶ କୁମାର ଓ ତରୁନ୍‌ଙ୍କୁ ୧୮-୨୧, ୨୧-୧୪, ୨୧-୧୯ ପଏଣ୍ଟରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ପ୍ରଥମ ସେଟ୍‌ରେ ହାରିଥିଲେ ହେଁ ପ୍ରମୋଦ-ସୁକାନ୍ତ ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୀପ୍ ରଞ୍ଜନ ନିଜ ପାର୍ଟନରଙ୍କ ସହ ପୁରୁଷ ଡବଲ୍ସ ସେମିଫାଇନାଲରେ ନିତେଶ କୁମାର ଓ ତରୁନଙ୍କଠାରୁ ହାରି ଯାଇଥିବାରୁ ବ୍ରୋଞ୍ଜ ପଦକ ପାଇଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ସହ କୋଚ୍ ଶିବ ପ୍ରସାଦ ଦାସ ଥାଇଲାଣ୍ଡ ଯାତ୍ରା କରିଥିଲେ। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟଗୁଡ଼ିକ ଅଲିମ୍ପିକ୍ସ କ୍ୱାଲିଫାୟର ଭାବେ ବିବେଚିତ ହେଉଛି। ପ୍ରମୋଦ ଏହା ପୂର୍ବରୁ ଖେଳିଥିବା ୩ଟି ଯାକ ପ୍ରତିଯୋଗିତାର ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିପାରି ନ ଥିଲେ। ଥାଇଲାଣ୍ଡରେ ସ୍ୱର୍ଣ୍ଣ ପଦକ ଜିତି ସେ ନିଜ ଦାବିଦାରକୁ ମଜଭୁତ କରିଛନ୍ତି।




କୋଚ୍ ଶିବ ପ୍ରସାଦ ଦାସ (ମଝି)ଙ୍କ ସହ ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ।

# ପ୍ରଥମ ନ୍ୟାୟିକ ବିଜୟ: ରେସ୍‌ଲର

**ନୂଆଦିଲ୍ଲୀ, ୧୪।୫ (ପି.ଟି.)**




ଖବରଦାତା ସମ୍ମିଳନୀରେ ଭିନେଶ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ।

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଶନିବାର ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓଏ) ପକ୍ଷରୁ ନିଯୁକ୍ତ ଆଡ୍‌ହକ୍ କମିଟି ପୂର୍ଣ୍ଣ କ୍ଷମତା ହାସଲ କରିଛି। ଏହା ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆମର ପ୍ରଥମ ବିଜୟ ବୋଲି ଧାରଣାରତ ରେସ୍‌ଲରମାନେ ପ୍ରକାଶ କରିଛନ୍ତି। ଆଡ୍‌ହକ୍ କମିଟି ହାତକୁ କ୍ଷମତା ଯିବା ଦ୍ୱାରା ଡବ୍ଲ୍ୟୁଏଫ୍‌ଆଇ ପରିଚାଳନାରେ ଏହାର ଅଧିକାରୀଙ୍କ କୌଣସି ଭୂମିକା ରହିବ ନାହିଁ। ମହିଳା ରେସ୍‌ଲରଙ୍କୁ ବ୍ରିଜ୍‌ଭୂଷଣ ଯୌନଶୋଷଣ କରିଥିବା ଅଭିଯୋଗ ଆଣିବା ସହ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ୨୨ ଦିନରେ ପହଞ୍ଚିଛି। ଶୁକ୍ରବାର ଆଇଓଏ ପକ୍ଷରୁ ସମସ୍ତ ଜରୁରୀ ଡକ୍ୟୁମେଣ୍ଟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆଇଓଏର ନିର୍ଦ୍ଦେଶ ପାଳନ କରିବାରେ କୌଣସି ଅସୁବିଧା ନାହିଁ ବୋଲି ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କୁହାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ନିର୍ଦ୍ଦେଶରେ ଆଇଓଏ ପକ୍ଷରୁ ଏହି କମିଟି ଗଠନ କରାଯାଇଥିଲା। ଏହା ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ କାର୍ଯ୍ୟଭାର ପରିଚାଳନା କରିବ। ଏହାସହିତ ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଆଡ୍ କମିଟି ବୁଝିବ। ଏହା ଆମ ପାଇଁ ବିଜୟର ପ୍ରଥମ ସୋପାନ, ତେବେ ନ୍ୟାୟ ନ ମିଳିବା ଯାଏ ଏହି ଲଢ଼େଇ ଜାରି ରହିବ ବୋଲି କହିଛନ୍ତି ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟୀ ବଜରଙ୍ଗ ପୁନିଆ। ଶାସକ ଦଳର ଜଣେ ବି ସଦସ୍ୟ ଏହି ଲଢ଼େଇରେ ଆମର ସାଥ୍ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଭିନେଶ୍ ଫୋଗତ କହିଛନ୍ତି। ସୋମବାରଠାରୁ ଦେଶର ସମସ୍ତ ମହିଳା ଏମ୍‌ପିଙ୍କୁ ଏହି ଲଢ଼େଇରେ ସାମିଲ ହେବା ପାଇଁ ଆମନ୍ତ୍ରଣ ଦିଆଯାଇଥିଲେ ମଧ୍ୟ ଜଣେ ବି ଏହାକୁ ନେଇ ଆଗ୍ରହ ଦେଖାଇନାହାନ୍ତି। ଦେଶରେ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହେଉଛି। ଆମେ ମଧ୍ୟ ଦେଶର ଝିଅ ଓ ଆମ ସପକ୍ଷରେ ସମସ୍ତେ ଆଗକୁ ଆସିବା ଉଚିତ୍।

**ଡବ୍ଲ୍ୟୁଏଫ୍‌ଆଇ ଯୌନ ଶୋଷଣ ମାମଲା**

ଅନ୍ୟପକ୍ଷରେ ଆଇଓଏର ୩ ଜଣିଆ ଆଡ୍‌ହକ୍ କମିଟି ଏହା ଏକ ସାମୟିକ ବ୍ୟବସ୍ଥା ବୋଲି ସ୍ପଷ୍ଟ କରିଛି। ଆସନ୍ତା ୪୫ ଦିନ ମଧ୍ୟରେ ଡବ୍ଲ୍ୟୁଏଫ୍‌ଆଇର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ହେବ। ଏହାପରେ ପୁନର୍ବାର ଡବ୍ଲ୍ୟୁଏଫ୍‌ଆଇ ହାତକୁ କ୍ଷମତା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ୧୩ ଗ୍ରାଣ୍ଡସ୍ଲାମ ବିଜେତା ଡେଭିଡ୍‌ସନଙ୍କ ପରଲୋକ

**ମେଲବୋର୍ନ, ୧୪।୫ (ଏପି):** ଅଷ୍ଟ୍ରେଲିଆ ଟେନିସ୍ ଖେଳାଳି ଓଏନ ଡେଭିଡ୍‌ସନଙ୍କ ପରଲୋକ ଘଟିଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ତାଙ୍କ କ୍ୟାରିୟରରେ ୧୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତନ୍ମଧ୍ୟରେ ୧୧ଟି ମିକ୍ସଡ ଡବଲ୍ସ ଏବଂ ଦୁଇଟି ପୁରୁଷ ଡବଲ୍ସ ଟାଇଟଲ ରହିଛି। ବିଲି ଜିନ୍ କିଙ୍ଗ୍‌ଙ୍କ ସହ ପାର୍ଟନରଶିପ୍‌ରେ ଡେଭିଡ୍ ୧୯୬୦ ଦଶକ ଆରମ୍ଭରୁ ୧୯୭୦ ଦଶକ ମଧ୍ୟଭାଗ ପର୍ଯ୍ୟନ୍ତ ୮ଟି ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିଛନ୍ତି। ୧୯୬୭ରେ ଡେଭିଡ୍‌ସନ ସମାନ ବର୍ଷରେ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରି ଟେନିସ୍ ଇତିହାସରେ ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ବାମହାତୀ ସର୍ଭିସ୍‌ରେ ସେ ଧୁରନ୍ଧର ଥିଲେ। ଡେଭିଡ୍‌ସନ କେନ୍ ରୋଜୱେଲଙ୍କ ସହ ୧୯୭୨ରେ ଅଷ୍ଟ୍ରେଲିଆନ ଓପନ୍ ଏବଂ ଜନ୍ ନ୍ୟୁ କୋମ୍ବଙ୍କ ସହ ସେ ରଡ୍ ଲାଭର ଓ ରୋଜୱେଲ ଯୋଡ଼ିକୁ ପରାସ୍ତ କରି ୧୯୭୩ରେ ୟୁଏସ୍ ଓପନ୍ ଜିତିଥିଲେ। ୧୯୬୬ରେ ସେ ଦୁଇଥର ଡିଫେଣ୍ଡିଂ ଚାମ୍ପିୟନ ରୟ ଏମର୍ସନଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ୱିମ୍ବେଲଡନ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଓଭିଏ କାର୍ଯ୍ୟକାରିଣୀରେ ୨ ନୂଆ ସଦସ୍ୟଙ୍କୁ ସ୍ୱାଗତ

**ଭୁବନେଶ୍ୱର, ୧୪।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର କାର୍ଯ୍ୟକାରିଣୀ ବୈଠକ ରବିବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କାଉନ୍ସିଲ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓଭିଏର କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ସୁପାରିସ୍‌କ୍ରମେ ଯାଜପୁର ଜିଲାର ଗ୍ରାମାଞ୍ଚଳରେ ଗତ କିଛିବର୍ଷ ଧରି ଜାତୀୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରିଆସୁଥିବା ବିଜୟ କୁମାର ଧଳଙ୍କୁ ଉପସଭାପତି ପଦରେ ନିଯୁକ୍ତ କରାଯାଇଛି। ସେହିପରି କ୍ରୀଡ଼ାକ୍ଷେତ୍ରକୁ ବିଶେଷ କରି ଭଲିବଲକୁ ଅବଦାନ ପାଇଁ ଫୁଲବାଣୀର ଶିବ ପ୍ରସାଦ ତ୍ରିପାଠୀଙ୍କ ନାମ ମଧ୍ୟ ଅଚ୍ୟୁତ ସୁପାରିସ୍ କରିଥିଲେ। ଓଭିଏର କାର୍ଯ୍ୟକାରିଣୀରେ ଏହି ଦୁଇ ସୁପାରିସ୍‌କୁ ନିର୍ବିବାଦରେ ଗ୍ରହଣ କରାଯାଇଥିଲା। ନୂଆ ସଦସ୍ୟଙ୍କୁ ଓଭିଏ ଉପସଭାପତି ଜନାର୍ଦ୍ଦନ ଦାଶ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସମ୍ପାଦକ ଗଗନେନ୍ଦୁ ଦାଶ ୨୦୨୨ରେ ଓଡ଼ିଶା ଭଲିବଲ ଆସୋସିଏଶନର କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବର୍ଷ ୧୩ ଓଡ଼ିଶା ଖେଳାଳି କିଟ୍ ପରିସରରେ ଅନୁଷ୍ଠିତ ଭାରତୀୟ ଦଳର ବିଭିନ୍ନ କୋଚିଂ କ୍ୟାମ୍ପ୍‌ରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ୨ ଜଣ ପଦକ ବିଜେତା ହୋଇଥିଲେ। ଓଭିଏର ସିନିୟର ଉପସଭାପତି ସୟଦ ଅକ୍‌ମଲ ଅଲୀ ଧନ୍ୟବାଦ ଅର୍ପଣ କରିଥିଲେ।




ଓଡ଼ିଶା ଭଲିବଲ ଆସୋସିଏଶନ ଉପସଭାପତି ବିଜୟ କୁମାର ଧଳଙ୍କୁ କର୍ମକର୍ତ୍ତାମାନେ ସ୍ୱାଗତ କରୁଛନ୍ତି।

## ଅଲ୍‌କାରାଜ ନମ୍ବର ୱାନ୍ ସ୍ଥାନକୁ ଫେରିବା ପକ୍କା

**ରୋମ୍, ୧୪।୫ (ଏପି):** ଇଟାଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ପ୍ରଥମ ପଦାର୍ପଣରେ ଆଲବର୍ଟ ରାମୋସ୍ ଭିନୋଲାସ୍‌ଙ୍କୁ ୬-୪, ୬-୧ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହ ସେ ଆସନ୍ତା ୨୨ରେ ପ୍ରକାଶିତ ହେବାକୁଥିବା ର୍‍ୟାଙ୍କିଂ ତାଲିକାରେ ନୋଭାକ ଜୋକୋଭିଚ୍‌ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିବା ପକ୍କା ହୋଇଛି। ପୁନଶ୍ଚ ମେ' ୨୮ରୁ ଆରମ୍ଭ ହେବାକୁଥିବା ଫ୍ରେଞ୍ଚ୍ ଓପନ୍‌ରେ ତାଙ୍କୁ ନମ୍ବର ୱାନ୍ ସିଡ୍ ମିଳିବ ବୋଲି ମଧ୍ୟ ସ୍ପଷ୍ଟ ହୋଇଛି।

# ପ୍ରଥମ ଫାଇନାଲରେ କଟକ ବିଜୟୀ

**ଭୁବନେଶ୍ୱର, ୧୪।୫ (ସ୍ପୋର୍ଟ୍ସ ବ୍ୟୁରୋ)**

**ଆନ୍ତଃଜିଲା ସାହାଣୀ କପ୍**

ଓଟିଏମ୍ କଟକ ଗ୍ରାଉଣ୍ଡରେ ଅନୁଷ୍ଠିତ ୬୨ ତମ ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ଚରଣ ଫାଇନାଲରେ ବିଜୟୀ ହୋଇଛି କଟକ। ରବିବାରର ମ୍ୟାଚରେ ଦଳ କନ୍ଧମାଳକୁ ୨-୧ରେ ପରାସ୍ତ କରିଛି। ମ୍ୟାଚ୍‌ର ପଞ୍ଚମ ମିନିଟରେ କନ୍ଧମାଳ ପକ୍ଷରୁ ରାକେଶ ଓରାମ ପ୍ରଥମ ଗୋଲ ସ୍କୋର କରିଥିଲେ। ତେବେ ଇଞ୍ଜୁରୀ ଟାଇମରେ ମାତ୍ର ୩ ମିନିଟ ମଧ୍ୟରେ ଦୁଇଟି ଗୋଲ ଦେଇ କଟକ ମ୍ୟାଚକୁ ଜିତି ନେଇଥିଲା। ୯୦+୧ ମିନିଟରେ ଏସ୍.କେ. ଫରିଦ ପ୍ରଥମ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିବା ବେଳେ ଏହାର ୩ ମିନିଟ ମଧ୍ୟରେ ଦୀନବନ୍ଧୁ ଦାସ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଚରଣ ଫାଇନାଲ ୧୭ ତାରିଖ ଦିନ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା (ଫାଓ) ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବିଜୟ ଦାସ, ରବି ନାରାୟଣ ପଣ୍ଡା ଓ ଦିଲ୍ଲୀପ କୁମାର ସାହୁ ଯୋଗ ଦେଇଥିଲା। ଯୁଗ୍ମ ସଚିବ ବିଶ୍ୱ ରଞ୍ଜନ ଘଡେଇ ଓ ଅଭିଜିତ୍ ପଲ୍ ଯୋଗ ଦେଇଥିଲେ। ଫାଓ ସଦସ୍ୟ ଦୁଲାଲ ଚନ୍ଦ୍ର ପ୍ରଧାନ, କିଶୋର ମିଶ୍ର, ଶିବ ପ୍ରସାଦ ତ୍ରିପାଠୀ, ପ୍ରଭାତ କୁମାର ଭୋଳ, ଅଶୋକ କୁମାର ସାହୁ, ଶୁଭେନ୍ଦୁ ସାମ, ହରି ନାରାୟଣ ପୂଜାରୀ, ତଡିତ କୁମାର ରାଉତ, ବିଜୟ କୁମାର ଦାଶ, ଶିବବ୍ରତ ମଲିକ, ମହିଳା କମିଟି ଚେୟାରମ୍ୟାନ ସହଦେବ ରାଉତ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଯୋଗ ଦେଇଥିଲେ।



ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ପ୍ରଥମ ଫାଇନାଲ ପୂର୍ବରୁ ଅତିଥି ଓ ଅଫିସିଆଲଙ୍କ ସହ ଦୁଇ ଦଳର ଖେଳାଳି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ତ୍ରୀଷା
ପରିବାରବର୍ଗ



ଅଲେଖ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲକି ଡ୍ର ଜରିଆରେ ଇ-ସ୍କୁଟର ଜିତିଲେ ଗ୍ରାହକ

**ଭୁବନେଶ୍ୱର,୧୪।୫**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍ ପକ୍ଷରୁ ନିକଟରେ ଏକ ମେଗା ଲକି ଡ୍ର ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲକି ଡ୍ର ଜରିଆରେ ଲାଲଚାନ୍ଦ୍ ଜୁଏଲର୍ସ ବ୍ରହ୍ମପୁର ଶୋ'ରୁମ୍‌ର ୩ ଗ୍ରାହକ ଭାଗ୍ୟଶାଳୀ ବିଜେତା ଭାବେ ଇ-ସ୍କୁଟର ଜିତିଛନ୍ତି। ଉଲ୍ଲେଖଯୋଗ୍ୟ, ବ୍ରହ୍ମପୁରର ପୂର୍ଣ୍ଣବାସୀ ହୋତା , ଜେ. ସନ୍ତୋଷ ରାଓ ଏବଂ ମାଲକାନଗିରିର ଇପାରୀ ସୁବର୍ଣ୍ଣମାଳା ପାତ୍ର ଇଲେକ୍ଟ୍ରିକ୍ ସ୍କୁଟର ଜିତିଛନ୍ତି। ଏହି ପରିପ୍ରେକ୍ଷୀରେ ଲାଲଚାନ୍ଦ୍ ଜୁଏଲର୍ସ ବ୍ରହ୍ମପୁର ପକ୍ଷରୁ ଶନିବାର ବ୍ରହ୍ମପୁର ଧର୍ମନଗର ନିକଟସ୍ଥ ଶୁଭମ୍ ସେଲିବ୍ରେସନ୍‌ସଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କ ନାମ ଘୋଷଣା ସହ ଭାଗ୍ୟଶାଳୀ ବିଜେତାଙ୍କୁ ଇ-ସ୍କୁଟର ପୁରସ୍କାର ସ୍ୱରୂପ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍‌ର ପ୍ରଥମ ବାର୍ଷିକ ଉତ୍ସବ ଏବଂ ଚଳିତ ବର୍ଷର ଅକ୍ଷୟ ତୃତୀୟା ଅବସରରେ ଏକ ଡବଲ ଧମାକା ଅଫର ଘୋଷଣା କରାଯାଇଥିଲା। ଉକ୍ତ ଅଫର ୨୦୨୩ ଏପ୍ରିଲ ୯ ରୁ ୩୦ ପର୍ଯ୍ୟନ୍ତ ଉପଲବ୍ଧ ଥିଲା। ବିଶେଷକରି ଉକ୍ତ ଡବଲ ଧମାକା ଅଫର ପାଇଁ ଏହି ଲକି ଡ୍ର' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଅଫର ଜରିଆରେ ସର୍ବନିମ୍ନ ୨୦,୦୦୦ ଟଙ୍କା ମୂଲ୍ୟର ଗହଣା କ୍ରୟ କରିଥିବା ଗ୍ରାହକଙ୍କୁ ଏକ ଲକି ଡ୍ର' କୁପନ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର ପୂର୍ବ ଘୋଷଣା ମୁତାବକ ପୁରସ୍କାର ସ୍ୱରୂପ ୩ ଜଣ ଭାଗ୍ୟବାନ୍ ବିଜେତାଙ୍କୁ ଇ-ସ୍କୁଟର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଲାଲଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ବ୍ରହ୍ମପୁରବାସୀ ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍ ପ୍ରତି ଯଥେଷ୍ଟ ଭରସା ଦେଖାଇଥିବାରୁ ଆମେ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ। ଏପରିକି ଉକ୍ତ ଶୋ'ରୁମ୍‌ର ପ୍ରଥମ ବାର୍ଷିକୀ ଉତ୍ସବ ଅବସରରେ ଲାଲଚାନ୍ଦ୍ ପକ୍ଷରୁ ଆୟୋଜିତ ମେଗା ଲକି ଡ୍ର'ରେ ଇ-ସ୍କୁଟର ଜିତିଥିବା ଭାଗ୍ୟଶାଳୀ ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଉଛୁ। ବିଶେଷକରି ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଶୋ'ରୁମ୍‌ରେ ଆମେ ବିଭିନ୍ନ ଡିଜାଇନ୍‌ର ଅଳଙ୍କାର ସବୁବର୍ଗର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ କରାଇପାରିଛୁ। ସେହିଭଳି ଆଗାମୀ ଦିନରେ ମଧ୍ୟ ଏହିପରି ଅନେକ ଆକର୍ଷଣୀୟ ଅଫର ଆଣିବା ପାଇଁ ଲାଲଚାନ୍ଦ୍ ଜୁଏଲର୍ସ ପ୍ରୟାସ ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ, ଲାଲଚାନ୍ଦ୍ ଜୁଏଲର୍ସର ସମସ୍ତ ଅଳଙ୍କାରର ଗଢ଼ା ମୂଲ୍ୟ ଅନ୍ୟ ଜୁଏଲର୍ସଙ୍କ ତୁଳନାରେ କମ୍ ହୋଇଥିବା ବେଳେ ଅଳଙ୍କାରଗୁଡିକରେ ମଧ୍ୟ ଶୁଦ୍ଧତାକୁ ଗୁରୁତ୍ୱ ଦେବା ସହ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ବିକ୍ରୟ କରାଯାଇଥାଏ।




# କଲ୍ୟାଣର 'ଟେମ୍ପଲ ଜୁଏଲେରି କଲେକ୍ସନ'

**ନୂଆଦିଲ୍ଲୀ,୧୪।୫**




ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସର ଆକର୍ଷଣୀୟ ଓ ସୂକ୍ଷ୍ମ କାରିଗରିର ଏକ ଅପୂର୍ବ ଡିଜାଇନ 'ଟେମ୍ପଲ ଜୁଏଲେରି' କଲେକ୍ସନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି 'ଟେମ୍ପଲ ଜୁଏଲେରି' ହେଉଛି ଏକ ଆକର୍ଷଣୀୟ ଓ ସୂକ୍ଷ୍ମ ଷ୍ଟାଇଲ୍‌ର ହାତ ତିଆରି ଗହଣା, ଯାହାର ସମ୍ପର୍କ ଦକ୍ଷିଣ ଭାରତର ନବମ ଶତାବ୍ଦୀ ଇତିହାସ ସହ ଜଡିତ ରହିଛି। ଯଦିଓ ପାରମ୍ପରିକ ଭାବେ ଏହି ଗହଣାଗୁଡ଼ିକୁ ଦେବଦେବୀ କିମ୍ବା ରାଜ ପରିବାରରେ ବ୍ୟବହାର କରାଯାଉଥିଲା କିନ୍ତୁ ବର୍ତ୍ତମାନ ତାହା ବଧୂମାନଙ୍କ ପାଇଁ କିମ୍ବା ସ୍ୱତନ୍ତ୍ର ଅବସର ଲାଗି ଏକ ଲୋକପ୍ରିୟ ଗହଣାରେ ପରିଣତ ହୋଇଛି। ଏପରିକି ପାରମ୍ପରିକ ଟେମ୍ପୁଲ ଜୁଏଲେରି ସୃଷ୍ଟି କରିବା ପଛରେ ଏକାଧିକ ସ୍ତର ରହିଛି, ଯାହା ଗହଣାକୁ ଡିଜାଇନ୍ କରିବାଠାରୁ ଆରମ୍ଭ ହୋଇଛି। ସେହିଭଳି ଡିଜାଇନ୍‌ଗୁଡ଼ିକ ମୁଖ୍ୟତଃ ପ୍ରାଚୀନ ହିନ୍ଦୁ ସ୍ଥାପତ୍ୟରୁ ପ୍ରେରିତ ଏବଂ ପ୍ରତିଟି ଗହଣା ସହ ଅର୍ଥ ଓ ଗୁରୁତ୍ୱ ଜଡ଼ିତ ରହିଛି। ଅପରପକ୍ଷରେ କଲ୍ୟାଣ ଜୁଏଲର୍ସର ଗ୍ରାହକ କୈନ୍ଦ୍ରିକ ଅଭିଯାନ ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ମଧ୍ୟ ଉପସ୍ଥାପନ କରାଯାଉଛି ଯାହା ଗ୍ରାହକମାନଙ୍କୁ ଶ୍ରେଷ୍ଠ ମୂଲ୍ୟ, ଗୁଣବତ୍ତା ଓ ସେବାର ଗ୍ୟାରେଣ୍ଟି ପ୍ରଦାନ କରୁଛି। କଲ୍ୟାଣ ଜୁଏଲର୍ସ ଯୁକ୍ତିଯୁକ୍ତ ଓ ସ୍ୱଚ୍ଛ ବ୍ୟବସାୟ ପ୍ରଥାକୁ ଅନୁସରଣ କରୁଛି,ଯାହାର ପ୍ରମାଣ ୪-ସ୍ତରୀୟ ଆସ୍ୟୁରାନ୍ସ ପ୍ଲାନ୍‌ର ଉତ୍ପାଦ ସୂଚନା ବିଭାଗରେ ରହିଛି। ଏପରିକି ବ୍ରାଣ୍ଡ୍ ପକ୍ଷରୁ ଉତ୍ପାଦର ମୋଟ ମୂଲ୍ୟରୁ ଲାଖ, ଜେମଷ୍ଟୋନ, କାଚ, କାଠ, ଲନାମେଲ୍ ଭଳି ଅନ୍ୟାନ୍ୟ ସାମଗ୍ରୀକୁ ବାଦ ଦେବା ସହ କେବଳ ବ୍ୟବହାର ହୋଇଥିବା ସୁନା ପାଇଁ ଗ୍ରାହକମାନଙ୍କଠାରୁ ସୁନାର ମୂଲ୍ୟ କେବଳ ଗ୍ରହଣ କରାଯାଏ।


CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


## ଜନ୍ମଦିନ ଶୁଭେଚ୍ଛା



**ତ୍ରୀଷ୍ଟା ତଲିନା (ମାମୁନ)**

କଣ୍ଟି, ଗୋପ, ପୁରୀ

ଆଜି ତୋର ୧୪ତମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର, ସର୍ବଦା ଖୁସି ରୁହ।

ଶୁଭେଚ୍ଛା ସହ: ଜେଜେବାପା ଜେଜେମା, ସବୁ ଅଙ୍କଲ ଆଣ୍ଟି, ଅଜା, ଆଈ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ଟିଣ୍ଟୁ, ବାବା, ମାମା ଏବଂ ସମସ୍ତ ପରିବାର ବର୍ଗ।

ଧ-୦୩୫୪

## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀ ଅଲେଖଚନ୍ଦ୍ର ମିଶ୍ର**

ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର

ଜନ୍ମଦିନରେ ଅଶେଷ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥକୁ କୁସୁମିତ କରନ୍ତୁ, ଶତୋତ୍ତର ପରମାୟୁ ଦିଅନ୍ତୁ ଏବଂ ତୁମେ ଆମର ସକଳ ଅବସରରେ ମନେପଡୁଥାଅ। ଆଜି ଏହି ପବିତ୍ର ଦିବସରେ (ଜଳକ୍ରୀଡା ଏକାଦଶୀ) ତୁମର ଆଶୀର୍ବାଦ କାମନା କରୁଛୁ। ପତ୍ନୀ କମଳା, କନ୍ୟା ବିନି, ରୀନି, ନାତି ଗୁଡୁନ୍। 9438673898

ଧ-୦୩୫୬

# ସମ୍ ଅଲ୍ଟିମେଟ୍ ପକ୍ଷରୁ ଅନ୍ତର୍ଜାତୀୟ ନର୍ସ ଡେ ପାଳିତ

**ଭୁବନେଶ୍ୱର,୧୪।୫**



ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ସମ୍ ଅଲ୍ଟିମେଟ୍ ମେଡିକେୟାର ପକ୍ଷରୁ ଆନ୍ତର୍ଜାତିକ ନର୍ସ ଡେ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍‌ର ସିଇଓ ଡା. ଶ୍ୱେତପଦ୍ମା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ନର୍ସମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏପରିକି ରୋଗୀ ସେବା କ୍ଷେତ୍ରରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ବିଶେଷକରି ନର୍ସମାନେ ରୋଗୀଙ୍କୁ ଦେଉଥିବା ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସେବାକୁ ସବୁ ସ୍ତରରେ ସ୍ୱୀକାର କରିବାକୁ ପଡ଼ିବ ବୋଲି ଦାଶ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମ୍‌ର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ୍ ଡା. (ବ୍ରିଗେଡିୟର) ବିରାଜ ମୋହନ ମିଶ୍ର ଏବଂ ଚିଫ୍ ଅଫ୍ ନର୍ସିଂ ସର୍ଭିସେସ୍ ଏନ୍. ଆୟେଶା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କେକ୍ କଟାଯାଇ ନର୍ସ ଦିବସ ପାଳିତ ହୋଇଥିବା ବେଳେ କ୍ଲିନିକାଲ ଇନ୍‌ଷ୍ଟ୍ରକ୍ଟର ପଦ୍ମ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ହସ୍ପିଟାଲର ନର୍ସମାନେ ସେବା ପାଇଁ ମହମବତି ଧରି ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ନାମରେ ସଂକଳ୍ପ ନେଇଥିଲେ। ଏପରିକି ସମ୍ମ୍‌ର ନର୍ସମାନେ ଆଞ୍ଚଳିକ ବେଶଭୂଷାରେ ଏକ ଫ୍ୟାଶନ ଶୋ'ରେ ମଧ୍ୟ ସାମିଲ ହୋଇଥିଲେ। ପରିଶେଷରେ ନର୍ସମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଏନ୍‌ପିସିଆଇ ସହ ଏପିବିର ସହଭାଗିତା

**ନୂଆଦିଲ୍ଲୀ,୧୪।୫**

ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ (ଏପିବି) ଏବଂ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ପତ୍ର (ଏମଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷ କରି ଏପିବିର ୫ ଲକ୍ଷ ବ୍ୟାଙ୍କିଙ୍ଗ୍ ପଏଣ୍ଟରେ ଆଧାର ଏନାବୁଲ୍‌ଡ ପେମେଣ୍ଟ ସିଷ୍ଟମ (ଏଇପିଏସ୍) ପାଇଁ ଫେସ୍ ଅଥେଣ୍ଟିକେଶନ ଆରମ୍ଭ କରିବା ଲାଗି ଏନ୍‌ପିସିଆଇ ସହ ଉକ୍ତ ସହଭାଗିତା ହୋଇଥିବା ଜଣାପଡିଛି। ଏନ୍‌ପିସିଆଇର ଏଇପିଏସ୍ ଗ୍ରାହକଙ୍କୁ ସେମାନଙ୍କର ଆଧାର-ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଆକ୍‌ସେସ୍ କରିବା ପାଇଁ ସମ୍ପୃକ୍ତ ଗ୍ରାହକଙ୍କ ଆଧାର ନମ୍ବର କିମ୍ବା ଭର୍ଚୁଆଲ ଆଇଡିର ବ୍ୟବହାର ପାଇଁ ଅନୁମତି ଦେଇଥାଏ।


# Classified Everyday

0674-2580101, 2549949



REAL ESTATE

**SALE**

Finished 4BHK Duplex Bunglow, Botanda Sundarpada, Bhubaneswar Ranging 98,000,00/-, Contact- Rakesh. 9861125539. 9040521173. D-73764

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0332

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ **30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.-** D-74855




All types of professional body massage by professional therapy. Contact: 9556924059, 7077933109. D-0332

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

Newly open SPA Positively health benefit with expert. Contact: 7749976301. D-74543

**Full Body Massage by Experience Therapist @999 Only- 9078484455. (Bhubaneswar).** D-0339

Newly open health benefits SPA special offer @ 799 Jaydev Vihar. 8018429809. D-75106

## AFFIDAVIT

By affidavit before the Notary Public, Pattamundai, CF No.- 60AA 894395 Dtd- 12.05.2023, I Kiran Biswal, S/o- Kapilendra Biswal, Vill- Nahiadia, P.O.-Dandisahi, P.S.- Pattamundai, Dist.- Kendrapada that my father Kapilendra Biswal & Kapil Biswal is same person, he has been recognized, identified & known as Kapilendra Biswal for all purposes. D-0357

I, Dillip Kumar Digal, At- W.No-11, PO/PS- Baripada, Mayurbhanja, Odisha, 757001 changed my name as Dillip Kumar Digal. D-0359

By an affidavit before the Executive Magistrate, Sambalpur, I Manoj Kumar Khemka, R/o. C-1, Samleswari Apartment, Badabazar, PO/PS- Khetrajpur, Dist. Sambalpur declare that my name has been wrongly written as Manoj Khemka instead of Manoj Kumar Khemka in the Board certificate of my daughter Mehek Khemka and son Raghav Khemka. That both the names Manoj Kumar Khemka and Manoj Khemka is one and the same person. D-0358


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



**୰ସାରଦା ପ୍ରସାଦ ସ୍ୱାଇଁ**

ପ୍ଲଟ୍ ନଂ- 42 (p) ବ୍ରହ୍ମେଶ୍ୱର ପାଟଣା,ଟଙ୍କପାଣି ରୋଡ୍, ଭୁବନେଶ୍ୱର

ଜନ୍ମ-୨୨।୧୧।୪୬

ତିରୋଧାନ- ୦୫।୦୫।୨୦୨୩

ଆପଣଙ୍କ ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାରିତା, ସମାଜ ଓ ସାହିତ୍ୟ ସେବା ଆମ୍ଭମାନଙ୍କ ପାଇଁ ଉଦାହରଣ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ଆପଣଙ୍କୁ ମୋକ୍ଷ ଓ ଶାନ୍ତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ,ଜ୍ୱାଇଁ, ନାତି, ନାତୁଣୀ ଓ ସମସ୍ତ ପରିବାରବର୍ଗ।

ଧ-୦୩୫୧

## ୨୫ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶୈଳବାଳା ମହାପାତ୍ର**

ଡିମିରି, ଅଡ଼ଙ୍ଗପୁର, କଟକ

ଆବିର୍ଭାବ: ୧୯୪୫ (କାର୍ତ୍ତିକ ଶୁକ୍ଳ ସପ୍ତମୀ)

ତିରୋଧାନ: ୧୯୯୮ (ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)

(ଧର୍ମନିବାସ, ଏ.ଏଲ୍-୬୪),
(ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର)

୨୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

(ଶୋକସନ୍ତପ୍ତ ପରିବାରବର୍ଗ)

ଧ-୦୩୪୪

## ୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ଗୋପୀନାଥ ପଣ୍ଡା**

୬୨, ବାପୁଜୀ ନଗର

ତିରୋଧାନ: ୩୧।୦୫।୧୯୮୯ (ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ ପରିବାବର୍ଗ।

ଧ-୦୨୫୫

## ଦ୍ୱାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ବିଷ୍ଣୁପ୍ରିୟା ପତ୍ରୀ**

ସ୍ଥାନ: ଶାମଗୁଡ଼ିଆ, ଇଛାପୁର, କେନ୍ଦ୍ରାପଡ଼ା

ଆବିର୍ଭାବ: ୨୨.୦୫.୧୯୪୩

ତିରୋଧାନ: ୦୪.୦୫.୨୦୨୩

ଆପଣଙ୍କ ଅକସ୍ମାତ ପରଲୋକ ଆମ ଜୀବନରେ ଏକ ବିରାଟ ଶୂନ୍ୟତା ଆଣିଦେଇଛି। ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା ଓ ଆଦର୍ଶ ଆମ ପଥ ପ୍ରଦର୍ଶକ ହେଉ। ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ଭକ୍ତିପୂର୍ଣ୍ଣ ପ୍ରାର୍ଥନା।

-: ଶୋକ ସନ୍ତପ୍ତ :-

ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ସମସ୍ତ ପରିବାରବର୍ଗ

ଧ-୦୩୬୦

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ଗୋଲ ସାମନ୍ତରାୟ**

ବକୁଗ୍ରାମ, ବଳଙ୍ଗା, ପୁରୀ

ତିରୋଧାନ: ୧୭।୦୫।୨୦୨୦ (କୃଷ୍ଣ ଏକାଦଶୀ)

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଓ ସମଦର୍ଶିତା ଆମ ସମସ୍ତଙ୍କ ହୃଦୟରେ ସ୍ମୃତି ହୋଇ ରହିବ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ, ଝିଅ, ଜ୍ୱାଇଁ, ପୁତୁରା, ନାତି, ନାତୁଣୀ, ବନ୍ଧୁବର୍ଗ।

ଧ-୦୩୩୩


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


# କ୍ୟୁ ୪ରେ ୪୪୯ କୋଟି ରାଜସ୍ୱ

**ନୂଆଦିଲ୍ଲୀ,୧୪।୫**


ଦେଶର ପ୍ରମୁଖ ତଥା ବହୁରାଷ୍ଟ୍ରୀୟ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ବିଏଲ୍‌ଏସ୍ ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଶେଷ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ କ୍ୟୁ ୪ରେ ପ୍ରାୟ ୪୪୯ କୋଟି ଟଙ୍କାର ରାଜସ୍ୱ ଅଭିବୃଦ୍ଧି କରାଇଛି। ଏପରିକି ୪ର୍ଥ ତ୍ରୈମାସ ଶେଷ ସୁଦ୍ଧା କମ୍ପାନୀର ରାଜସ୍ୱ ଅଭିବୃଦ୍ଧି ୭୬.୭%ରେ ରହିଥିବାବେଳେ ଇକ୍ୟୁଟିର ବାର୍ଷିକକୃତ ରିଟର୍ନ ୨୫.୪% ରହିଛି। ସେହିଭଳି କମ୍ପାନୀ କ୍ରମାଗତ ଭାବେ ମୂଲ୍ୟ ଅପ୍ଟିମାଇଜେଶନ ଓ ମାର୍ଜିନ ବିକାଶ କରିଛି, କମ୍ପାନୀ କ୍ୟାଶ ଅପରେଶନରୁ ଚଳିତ ବର୍ଷ ୨୨୫ କୋଟି ଟଙ୍କା ଅର୍ଜନ କରିଛି, ଯାହାକି ନଗଦ ଉତ୍ପାଦନ ଉପରେ ଅଧିକ ହୋଇଥିବା ବେଳେ ଏକ ପ୍ରମୁଖ ବ୍ୟବସାୟ ପ୍ରଦର୍ଶନରେ ଉତ୍ପାଦନର ଅଭିବୃଦ୍ଧି ଉପରେ ମ୍ୟାନେଜମେଣ୍ଟ ଧ୍ୟାନ ଦେଇଛି। ଏ ସମ୍ପର୍କରେ ବିଏଲ୍‌ଏସ୍ ଇଣ୍ଟରନ୍ୟାଶନାଲର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶିଖର ଅଗ୍ରୱାଲ କହିଛନ୍ତି, ଆମର ୨୦୨୨-୨୩ ଆର୍ଥିକ ବର୍ଷର କ୍ୟୁ୪ ଫଳାଫଳରେ ରାଜସ୍ୱ ଅଭିବୃଦ୍ଧି ହୋଇଛି, ଯାହାର ପରିମାଣ ୪୪୮.୬ କୋଟି ଟଙ୍କା ରହିଛି। ସେହିପରି ଇବିଆଇଟିଡିଏ ଏବଂ ପିଏଟିରେ ମଧ୍ୟ ଅଭିବୃଦ୍ଧି ଘଟି ୮୯.୯% ଓ ୧୧.୮% ଅନୁସାରେ ୬୬.୫ କୋଟି ଓ ୭୬.୭ କୋଟି ହୋଇପାରିଛି। ଏପରିକି ଆମେ ସମ୍ପ୍ରତି ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ ଓ ଇଗଭର୍ନାନ୍ସ ବ୍ୟବସାୟକୁ ଡିଜିଟାଲ ସେବାରେ ପରିଣତ କରୁଛୁ। ଉଲ୍ଲେଖଯୋଗ୍ୟ ବିଏଲ୍‌ଏସ୍ ଇଣ୍ଟରନ୍ୟାଶନାଲ ଥାଇଲାଣ୍ଡକୁ ସ୍ୱଚ୍ଛନ୍ଦରେ ଯାତ୍ରା କରିବା ପାଇଁ ଆରାଇଭାଲ (ଇଭିଓଏ)ର ବୈଦ୍ୟୁତିକ ଭିଜା ଗ୍ରହଣ ପାଇଁ ଏମଓୟୁ ସ୍ୱାକ୍ଷର କରିଛି। ଭିଜା ଆଉଟସୋର୍ସିଂ ସେବା ପାଇଁ କମ୍ପାନୀ ମାନିଲାରେ ଏମ୍ବାସି ଅଫ ପୋଲାଣ୍ଡ ସହ ଚୁକ୍ତି ସ୍ୱାକ୍ଷର କରିଛି।

## ଭିଟାମିନ୍ 'ଡି' ଓ ଡିପ୍ରେସନ



ସୁସ୍ଥ ରହିବା ପଛରେ ଭିଟାମିନ୍‌ଗୁଡ଼ିକର କି ଭୂମିକା ରହିଛି ତାହା କହିବା ଅନାବଶ୍ୟକ। ଏଥିପ୍ରତି ଆମେ ସଚେତନ ରହିବା ନିହାତି ଜରୁରୀ। ନ ହେଲେ ଅଯଥା ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଜଣେ ବ୍ୟକ୍ତିଙ୍କର ଶରୀରରେ ଭିଟାମିନ୍ 'ଡି'ର ପରିମାଣ ସନ୍ତୁଳିତ ରହିବା ଦରକାର। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଡିପ୍ରେସନ ପରି ସମସ୍ୟାକୁ କେତେକାଂଶରେ ଦୂର କରିବାରେ ସକ୍ଷମ ହୋଇଥାଏ। ୟୁନିଭର୍ସିଟି ଅଫ୍ ଲଣ୍ଡନ ପକ୍ଷରୁ ହୋଇଥିବା ଏହି ଗବେଷଣାରେ ଦୀର୍ଘଦିନ ଧରି ଡିପ୍ରେସନର ସମ୍ମୁଖୀନ ହେଉଥିବା କେତେକ ବ୍ୟକ୍ତିଙ୍କୁ ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କୁ ଅଧିକ ପରିମାଣରେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନେ ଡିପ୍ରେସନଠାରୁ କେତେ ଉପଶମ ପାଇଛନ୍ତି ତାହାକୁ ଲକ୍ଷ୍ୟ କରିଥିଲେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ପ୍ରତିଶତ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ କେତେକାଂଶରେ ଦୂରେଇ ନେବାରେ ସକ୍ଷମ ହୋଇଥିଲେ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଆମେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ସାମିଲ କରିବା ଦରକାର। ତା'ସହ ପ୍ରତିଦିନ କିଛି ସମୟ ସକାଳର କଅଁଳିଆ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଉଚିତ।

## କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ



ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ହେଲେ, ଏଥିରେ ଅସନ୍ତୁଳିତ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକିଆଣିବା ସହ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ଆଉ ଏକ ସରଳ ଉପାୟରେ ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ତାହା କ'ଣ ଜାଣନ୍ତି? ରକ୍ତଦାନ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।

# ଗ୍ରୀଷ୍ମଋତୁରେ ସ୍ୱାସ୍ଥ୍ୟର ଯତ୍ନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପ୍ରକୃତିଦତ୍ତ ତଥା ସ୍ୱାଭାବିକ ଋତୁଚକ୍ରର ଏକ ପ୍ରକ୍ରିୟା। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟକୃତ କେତେକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମଦିନେ ଜଳବାୟୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ପାଉଛି। ଏଥିଯୋଗୁ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟମାନଙ୍କ ପାଇଁ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି ହେଉଛି।"





ସୂର୍ଯ୍ୟ ସକଳ ଶକ୍ତିର ଆଧାର। ଜୀବଜନ୍ତୁ, କୀଟପତଙ୍ଗ, ବୃକ୍ଷଲତା ଆଦି ସମଗ୍ର ଜୀବଜଗତ ନିମନ୍ତେ ସୂର୍ଯ୍ୟରଶ୍ମିର ନିହାତି ଆବଶ୍ୟକତା ରହିଛି। ଗ୍ରୀଷ୍ମଋତୁରେ ହିଁ ସୌରରଶ୍ମିର ପ୍ରଖରତା ହେତୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଦ୍ୱାରା ଜୀବଜଗତ ପାଇଁ ଏହା ବେଳେବେଳେ କ୍ଷତି ପହଞ୍ଚାଇଥାଏ। ଜଳବାୟୁ ପରିବର୍ତ୍ତନ ହେତୁ ଧରାପୃଷ୍ଠରେ ୬ଟି ଋତୁ ପ୍ରତୀୟମାନ ହୋଇଥାଏ। ଆମ ଭାରତ ବର୍ଷରେ ପ୍ରତିବର୍ଷ ଜାନୁୟାରୀ ୧୪(ମକର ସଂକ୍ରାନ୍ତି)ଠାରୁ ଜୁନ୍ ୨୧ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତରାୟଣ ହୋଇଥା'ନ୍ତି। ଗ୍ରୀଷ୍ମଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ। ପ୍ରାୟତଃ ଦିନ ୧୧ଟାରୁ ୩ଟା ଯାଏଁ ପ୍ରବଳ ଗରମ ଅନୁଭୂତ ହୁଏ। ତେଣୁ ଏହି ସମୟରେ ପଦାକୁ ବାହାରିବା ଅନୁଚିତ। ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ ଦୂରତା ହ୍ରାସ ପାଉଥିବାରୁ ପୃଥିବୀ ପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଉଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥାଏ। ବର୍ତ୍ତମାନ ତାପମାତ୍ରା ଦିନକୁ ଦିନ ବଢ଼ିଚାଲିଛି। ତେଣୁ ଗ୍ରୀଷ୍ମଋତୁରେ ଆମେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବା ଦରକାର। ଏହି ସମୟରେ ଅଂଶୁଘାତର ଆଶଙ୍କା ରହିଛି।

ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପ୍ରକୃତିଦତ୍ତ ତଥା ସ୍ୱାଭାବିକ ଋତୁଚକ୍ରର ଏକ ପ୍ରକ୍ରିୟା। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟକୃତ କେତେକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମଦିନେ ଜଳବାୟୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ପାଉଛି। ଏଥିଯୋଗୁ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟମାନଙ୍କ ପାଇଁ ଯନ୍ତ୍ରଣାଦାୟକ ପରିସ୍ଥିତି ସୃଷ୍ଟି ହେଉଛି। ସୂର୍ଯ୍ୟକିରଣ ବ୍ୟତୀତ ଜଙ୍ଗଲରେ ଅଗ୍ନିକାଣ୍ଡ, ବହୁଳ ପରିମାଣରେ ଇଟାଭାଟିରେ ଅଗ୍ନି ସଂଯୋଗ, ବିଭିନ୍ନ କଳକାରଖାନାରୁ ନିର୍ଗତ ଗରମ ବାଷ୍ପ, ଜଙ୍ଗଲକୁ କାଟି ସଫା କରିବା, ବହୁଳ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ, ସିମେଣ୍ଟ ଦ୍ୱାରା ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ବୃକ୍ଷର ପରିମାଣ ଦିନକୁ ଦିନ ହ୍ରାସ ପାଇବା ଆଦି କାରଣ ଯୋଗୁ ବାୟୁମଣ୍ଡଳ ତାପମାତ୍ରା ପ୍ରାୟ ଏବେ ଦ୍ୱିଗୁଣିତ ହୋଇଯାଉଛି। ବାୟୁମଣ୍ଡଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ ଏହି ଉତ୍ତାପ ହ୍ରାସ ପାଇବାରେ ବିଳମ୍ବ ହୋଇଥାଏ।

**ପ୍ରାକୃତିକ ଉପାୟରେ ଗ୍ରୀଷ୍ମତାପର ପ୍ରତିରୋଧ:** ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ଗ୍ରୀଷ୍ମଋତୁରେ ପ୍ରବଳ ତାପମାତ୍ରାକୁ ପ୍ରତିରୋଧ ନିମନ୍ତେ କେତେକ ପ୍ରାକୃତିକ ପଦ୍ଧତି ବର୍ଣ୍ଣନା କରାଯାଇଅଛି। ଖରାଦିନେ ପ୍ରବଳ ଉତ୍ତାପ ଅନୁଭୂତ ହେଉଥିବା ସମୟରେ ଯାତାୟାତ ନ କରିବା, ବୃକ୍ଷର ଛାଇରେ ବିଶ୍ରାମ ନେବା ବ୍ୟତୀତ ଜରୁରୀ କିମ୍ବା ନିହାତି ଦରକାର ପଡ଼ିଲେ ହିଁ ପଦାକୁ ବାହାରନ୍ତୁ। ଏହି ସମୟରେ ସୂତାରେ ତିଆରି ପୋଷାକ, ଧଳା ଟୋପି ସହ କଳା ଚଷମା ପିନ୍ଧନ୍ତୁ ଏବଂ ଛତା ଧରି ଯାତାୟାତ କରିବା ଉଚିତ। ବାସଗୃହରେ ଝରକା ଓ ଦୁଆରବନ୍ଧରେ ସୂତାନିର୍ମିତ ବହଳିଆ କପଡ଼ା କିମ୍ବା ବେଣା ଘାସର ଚେରରେ ତିଆରି ପଟି ଟାଙ୍ଗିବା ଦ୍ୱାରା ଶୀତଳ ପବନ ମିଳିଥାଏ। ଏହାସହ ଗ୍ରୀଷ୍ମଋତୁରେ ମାଟିପାତ୍ରରେ ପାଣି ରଖି ପାନୀୟ ରୂପେ ବ୍ୟବହାର କରନ୍ତୁ। ପଇଡ଼ ପାଣି, ଆଖୁରସ ଆଦି ପିଅନ୍ତୁ। ପଖାଳ ଭାତ, ଦହି, ଲେମ୍ବୁପାଣି ବ୍ୟତୀତ ନିରାମିଷ ଖାଦ୍ୟ ଖାଆନ୍ତୁ। ଅଧିକ ମାତ୍ରାରେ ଜଳୀୟଅଂଶ ଥିବା ରଙ୍ଗ ତରଭୁଜ, କାକୁଡ଼ି, ଲସି, ଅଙ୍ଗୁର, କମଳା ଆଦି ଜୁସ୍‌କୁ ପାନୀୟ ରୂପେ ସେବନ କରନ୍ତୁ। ଏହା ପେଟକୁ ଥଣ୍ଡା ରଖିବା ସହ ଶାନ୍ତିଦାୟକ ଓ ସ୍ୱାସ୍ଥ୍ୟ ହିତକାରୀ ହୋଇଥାଏ।

**ଅଂଶୁଘାତ:** ଆମ ଶରୀର ବର୍ଷା, ଖରା ଓ ଶୀତର ପ୍ରଭାବକୁ ଖାପ ଖୁଆଇ ଚଳିବା ସହ ଆମ ଶରୀରରେ ତାପମାତ୍ରା ହ୍ରାସ ଓ ବୃଦ୍ଧି ପାଇବାକୁ ସନ୍ତୁଳିତ ରଖିବା ପାଇଁ ଆମ ଶରୀରର ମସ୍ତିଷ୍କରେ 'ହାଇପୋଥାଲାମସ' ନାମକ ଏକ ଗ୍ରନ୍ଥି ରହିଛି। ଶରୀରରେ ଯେତେବେଳେ ଉକ୍ତ ସନ୍ତୁଳିତ ପ୍ରକ୍ରିୟା ହୋଇପାରି ନ ଥାଏ ବା ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ୍ ଭାବେ ହୋଇପାରି ନ ଥାଏ ସେତେବେଳେ ମନୁଷ୍ୟ ସୌରତାପ ସହ୍ୟ କରି ନ ପାରି 'ଅଂଶୁଘାତ'ର ଶିକାର ହୋଇଥାଏ। ଜଳବାୟୁରେ ତାପମାତ୍ରା ଅଧିକ ଥିବା ସମୟରେ ମନୁଷ୍ୟ ଯାତାୟାତ କରିବା ଦ୍ୱାରା ଶରୀରରେ ତାପମାତ୍ରା ବୃଦ୍ଧି ପାଇବା ସହ ଶାରୀରିକ ଓ ମାନସିକ ସ୍ତରରେ ଅସନ୍ତୁଳିତ ଅବସ୍ଥା ସୃଷ୍ଟି ହୋଇଥାଏ। ବେଳେବେଳେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବା ଦ୍ୱାରା ମନୁଷ୍ୟ ଚେତାଶୂନ୍ୟ ହେବା ସହ ଶରୀରରେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ। ଶରୀରର ବାହ୍ୟଚର୍ମ ଉତ୍ତାପଯୁକ୍ତ ଓ ଶୁଷ୍କ ହେବାସହ ଶରୀରରୁ ବେଳେ ବେଳେ ଝାଳ ନିର୍ଗତ ହୁଏ। ଦୁର୍ବଳ ଲାଗିବା, ବାନ୍ତି ଲାଗିବା, ମୁଣ୍ଡ ଘୂରାଇବା ଆଦି ଲକ୍ଷଣ ଦେଖାଯାଏ। ଏହି ସମୟରେ ରୋଗୀଙ୍କୁ ତତ୍‌କ୍ଷଣାତ୍ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଉଚିତ ନଚେତ ରୋଗୀ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ଚିକିତ୍ସା ଶାସ୍ତ୍ର ମତାନୁସାରେ ଛୋଟ ପିଲାମାନଙ୍କ ଶରୀରରେ ହାରାହାରି ତାପମାତ୍ରା ୯୭.୯ ଡିଗ୍ରୀ ଫାରେନହାଇଟରୁ ୯୯ ଡିଗ୍ରୀ ଫାରେନହାଇଟ(୩୭.୨ଡିଗ୍ରୀ ସେଲ୍‌ସିୟସ) ଏବଂ ପ୍ରାପ୍ତବୟସ୍କ (୬୫ ବର୍ଷରୁ ଅଧିକ) ଲୋକଙ୍କଠାରେ ହାରାହାରି ତାପମାତ୍ରା ୯୮.୭ ଡିଗ୍ରୀ ଫାରେନାଇଟ ରହିବା ଉଚିତ। ଜଳବାୟୁର ପରିବର୍ତ୍ତନ ହେତୁ ତାପମାତ୍ରା ବୃଦ୍ଧି ପାଇବା ସହ ଶରୀରରେ ସ୍ୱାଭାବିକ ସ୍ଥିତି ବିଗିଡ଼ି ଯାଇଥାଏ। ଏଥିଯୋଗୁ ନିମ୍ନ ରକ୍ତଚାପ, ଶ୍ୱାସକ୍ରିୟାରେ ପ୍ରଖରତା, ନାଡ଼ିର ଗତି ବୃଦ୍ଧି ପାଇବା, ପରିସ୍ରାର ପରିମାଣ କମି ହଳଦିଆ ବର୍ଣ୍ଣ ହୋଇଥାଏ। ଏହାବ୍ୟତୀତ ମାଂସପେଶୀ ଅକୁଞ୍ଚନ ହେବା ସହ ଯନ୍ତ୍ରଣା ଅନୁଭବ ହେବା, ମୁଣ୍ଡ ବିନ୍ଧିବା ସହ ଦୁର୍ବଳ ଲାଗିଥାଏ। ଏହି ସମୟରେ ରୋଗୀକୁ ତୁରନ୍ତ ନିକଟସ୍ଥ ଚିକିତ୍ସାକେନ୍ଦ୍ରକୁ ନେଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇବା ଦରକାର।

ସାଧାରଣତଃ ନିମ୍ନ ରକ୍ତଚାପ ଓ ଉଚ୍ଚ ରକ୍ତଚାପରେ ପୀଡ଼ିତ ବ୍ୟକ୍ତି, ମଧୁମେହ, ଯକ୍ଷ୍ମାରେ ସଂକ୍ରମିତ ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା ବୃଦ୍ଧାବୃଦ୍ଧ, ଗର୍ଭବତୀ, ଖରାରେ ଅଧିକ ସମୟ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି, ଅଧିକ ମୋଟା ବ୍ୟକ୍ତି, ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଗ୍ରୀଷ୍ମଋତୁରେ ଅଧିକ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ସନ୍ତୁଳିତ ଜୀବନଶୈଳୀ ପାଇଁ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଭଳି ଚିନ୍ତା କରିବା ଏବଂ ତାହାକୁ ଫଳପ୍ରଦ କରିବା ଦୁଇଟି ଭିନ୍ନ କଥା। କାରଣ ସୁସ୍ଥ ରହିବା ଲାଗି ଆମକୁ ବିଭିନ୍ନ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଏଥିଲାଗି ଏକ ସନ୍ତୁଳିତ ଜୀବନଶୈଳୀ ଆପଣେଇବାକୁ ଚେଷ୍ଟା କରନ୍ତୁ। ନିଜର ବ୍ୟସ୍ତତା ମଧ୍ୟରେ ଖାଦ୍ୟପେୟ, ସ୍ୱାସ୍ଥ୍ୟ ପରୀକ୍ଷାକୁ ଆଦୌ ଅବହେଳା କରନ୍ତୁ ନାହିଁ। ନିଜର ଚିନ୍ତାଧାରାକୁ ଯେତେ ସକାରାତ୍ମକ ରଖିବେ ତାହା ସେତେ ଭଲ। ଆଉ ଏକ କଥା ହେଲା କାର୍ଯ୍ୟଭାର। ନିଜର ସାମର୍ଥ୍ୟଠାରୁ ଅଧିକ କାମ ଆବୋରି ବସିଲେ ତାହା ବୋଝ ସଦୃଶ ହୋଇଥାଏ। ଏହାବ୍ୟତୀତ ଏଭଳି କାମକୁ କିପରି ତୁଲାଇବେ ସେ ନେଇ ଟେନସନ୍‌ର ବଶବର୍ତ୍ତୀ ହୋଇପାରନ୍ତି। ତେଣୁ ଆବଶ୍ୟକ ମୁତାବକ କାମ ତୁଲାଇଲେ ତାହା ଆପଣଙ୍କ ମାନସିକ ସ୍ଥିତିକୁ ସନ୍ତୁଳିତ ରଖିଥାଏ। ଦିନର କାମକୁ କିପରି ଆରମ୍ଭ କରିବେ ସେ ନେଇ ପୂର୍ବଦିନ ରାତିରେ ନିଜକୁ ପ୍ରସ୍ତୁତ କରିନିଅନ୍ତୁ। ରୁଟିନ୍ ମୁତାବକ ଆଗେଇଲେ ଆପଣଙ୍କର ମାନସିକତା ସକାରାତ୍ମକ ରହିବ। ବର୍ତ୍ତମାନ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାର ସମୟ ଆସିଛି। ତେଣୁ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଲେ ତାହାକୁ ଅବହେଳା କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ନିଜର ଏବଂ ନିଜ ପରିବାର ସଦସ୍ୟଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଅଭିଜ୍ଞ ଡାକ୍ତରଙ୍କ ନିକଟରେ କରାଇନିଅନ୍ତୁ।

## ମୁଣ୍ଡବ୍ୟଥା

ଆଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ ହେଲେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ କେତୋଟି ଘରୋଇ ଉପଚାର ଆପଣେଇପାରନ୍ତି...



- ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ତାହା ମୁଣ୍ଡ ବ୍ୟଥାର କାରଣ ସାଜିଥାଏ। ତେଣୁ ଖାଦ୍ୟପେୟର ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। ସନ୍ତୁଳିତ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଅନ୍ତୁ।
- ମାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କେତେକାଂଶରେ କମିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ।
- ମୁଣ୍ଡବ୍ୟଥାରୁ କେତେକାଂଶରେ ଉପଶମ ପାଇବାର ଏକ ସହଜ ଉପାୟ ରହିଛି। ପ୍ରତିଦିନ ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। କାରଣ ଏହାଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ରହିବା ସହ ଏହାର କାର୍ଯ୍ୟଧାରା ଠିକ୍ ଭାବରେ ଚାଲିଥାଏ।
- ପ୍ରତିଦିନ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ସାମିଲ କରନ୍ତୁ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥାର ଆଶଙ୍କା କେତେକାଂଶରେ କମ୍ ଥାଏ।
- ହର୍ବାଲ୍ ଉପଚାର ମୁଣ୍ଡବ୍ୟଥା ପାଇଁ ମହୌଷଧି ସଦୃଶ। ଏ ନେଇ ହର୍ବାଲ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ।
- ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଅଦା ମିଶ୍ରିତ ଚା' ପିଇଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ।
- ସବୁଠାରୁ ବଡ଼ କଥା ହେଲା ନିଜକୁ ଟେନ୍‌ସନ୍ ଠାରୁ ଦୂରେଇ ରଖନ୍ତୁ। କାରଣ ଅଧିକାଂଶ ସମୟ ଟେନ୍‌ସନ୍‌ରେ ରହିଲେ ତାହା ମୁଣ୍ଡବ୍ୟଥାର କାରଣ ସାଜିଥାଏ।
- ଯଦି କୌଣସି କାରଣରୁ କେହି ଚିନ୍ତାରେ ଥାଆନ୍ତି, ତେବେ ନିଜର ପ୍ରିୟ ବନ୍ଧୁ ସହ କଥା ହୁଅନ୍ତୁ କିମ୍ବା ପ୍ରିୟ ସ୍ଥାନ ଯାଇ ବୁଲିଆସନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି, ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ଏହି ଔଷଧ ନିୟମିତ ଖାଇବା ଦରକାର। ଏଥିରେ ଏପଟ ସେପଟ କଲେ ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ, ଫଳରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।
- ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇବ।
- ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏଁ ଭଲଭାବେ ଘଷନ୍ତୁ। ଦିନକୁ ୨ଥର ଘଷିବା ବି ଭଲ।
- କୌଣସି ବ୍ୟକ୍ତି ଯଦି କିଛି ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ। କାରଣ ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିବାର ଆଶଙ୍କା ଥାଏ।



## ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରେ ଅତ୍ୟଧିକ ଚା'



ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। କାରଣ ଏଭଳି ଅଭ୍ୟାସ ଆପଣଙ୍କ ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଏକଥା ଜାଣିପାରିଛନ୍ତି। ସର୍ଭେ ସମୟରେ ଦିନକୁ ଆବଶ୍ୟକତାଠାରୁ ଅଧିକ ଚା' ପିଉଥିବା ବ୍ୟକ୍ତିମାନଙ୍କର ମସ୍ତିଷ୍କ କିପରି କାମ କରୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କ କାର୍ଯ୍ୟଧାରା ଏଥିଯୋଗୁଁ ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚା' ପିଇବା ମାତ୍ରା ଅଧିକ ହେଲେ ତାହା ସୁନିଦ୍ରା ଉପରେ ମଧ ପ୍ରଭାବ ପକାଇଥାଏ। ଚା'ରେ ଏଭଳି ତତ୍ତ୍ୱ ରହିଛି, ଯାହା ପେଟରେ ଏସିଡିଟିର ମାତ୍ରାକୁ ବଢ଼ାଇଦିଏ।

## ଖାଇବା ଶୈଳୀ ଯୋଗୁ ହୋଇପାରେ ନିଦ୍ରାହୀନତା

ଖାଇବା ଓ ଶୋଇବା ଉଭୟ ପରସ୍ପରର ପରିପୂରକ। ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଆବଶ୍ୟକ ପରିମାଣର ଶୋଇବା ଆମ ସ୍ୱାସ୍ଥ୍ୟ ପ୍ରତି ନିହାତି ଜରୁରୀ। ନିକଟରେ ଟୋକିଓ ୟୁନିଭର୍ସିଟି ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଖାଇବା ଶୈଳୀ ଯୋଗୁଁ ନିଦ୍ରାହୀନତା ପରି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏହି ୟୁନିଭର୍ସିଟି ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ଖାଇବାଶୈଳୀ ପ୍ରଭାବ ନିଦ୍ରା ଉପରେ ପଡ଼ିଥାଏ। ଏପରି କି ଏଥିଯୋଗୁ ନିଦ୍ରାହୀନତା ପରି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ସର୍ଭେ ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ କରି ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଥିଲେ। କେତେକ ବ୍ୟକ୍ତି ତରବର ହୋଇ ଖାଇଥାଆନ୍ତି। ଏଥିଯୋଗୁ ନିଦ୍ରାରେ ବ୍ୟାଘାତ ହେବାର ଆଶଙ୍କା ରହିଛି। କିଛି ବ୍ୟକ୍ତି ଖାଇବା ସମୟରେ ଟିଭି ଦେଖିବା, ମୋବାଇଲରେ କଥା ହେବା ଆଦିରେ ବ୍ୟସ୍ତ ରହନ୍ତି। ଏଭଳି ଅଭ୍ୟାସ ମଧ୍ୟ ନିଦ୍ରାହୀନତାର କାରଣ ହୋଇପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ତେଣୁ ଶାନ୍ତ ମନରେ ଖାଦ୍ୟ ଖାଇଲେ ତାହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୧୫/୨୦୨୩ Bhubaneswar, Monday, May 15/ 2023




ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର୍ ମହିଳା ହକି ଚାମ୍ପିୟନ ହରିୟାଣା (ଉପର) ଓ ରନର ଅପ୍ ଝାଡ଼ଖଣ୍ଡ ଦଳ।

# ହରିୟାଣା ଚାମ୍ପିୟନ, ଓଡ଼ିଶାକୁ ବ୍ରୋଞ୍ଜ ପଦକ

**ଜାତୀୟ ସବ୍‌ଜୁନିୟର ମହିଳା ହକି**

ରାଉରକେଲା ଅଫିସ/ ଭୁବନେଶ୍ୱର, ୧୪।୫ (କ୍ରୀଡ଼ା ପ୍ରତିନିଧି)



ଅତିଥିଙ୍କ ଗହଣରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

ପି.ଭି. ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ରବିବାର ଜାତୀୟ ସବ୍‌ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ଶେଷ ହୋଇଛି। ଏହାର ଫାଇନାଲରେ ଝାଡ଼ଖଣ୍ଡକୁ ୩-୨ ଗୋଲରେ ହରାଇ ହରିୟାଣା ଚାମ୍ପିୟନ ହୋଇଥିବାବେଳେ ପ୍ଲେ-ଅଫ୍ ମ୍ୟାଚରେ ଓଡ଼ିଶା ଦଳ ଶୁଟ୍‌ଆଉଟ ୪-୩ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ ଗୋଲରେ ଶେଷ ହେବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶା ଖେଳାଳିମାନେ ୪ଟି ଗୋଲ ଦେଇଥିବାବେଳେ ଉତ୍ତର ପ୍ରଦେଶ ୩ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୬ଷ୍ଠ ମିନିଟରେ ଉତ୍ତର ପ୍ରଦେଶର ରଶ୍ମି ରେକ୍ୱାର ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୪୩ତମ ମିନିଟରେ ଓଡ଼ିଶାର ସୋନାଲି ଏକ୍କା ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଶୁଟ୍ ଆଉଟ ପର୍ଯ୍ୟାୟରେ ଓଡ଼ିଶା ପକ୍ଷରୁ ତନୁଜା ଟପ୍ପୋ, ବିନତି ମିଞ୍ଜ୍, ଅମିଶା ଏକ୍କା ଓ ସୋନାଲି ଏକ୍କା ଗୋଲ ଦେଇଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ବନ୍ଦନା ପଟେଲ, ରବିୟା ଖାଁ ଓ ରଶ୍ମି ପଟେଲ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଫାଇନାଲରେ ଝାଡ଼ଖଣ୍ଡ ପକ୍ଷରୁ ସଙ୍ଗୀତା କୁମାରୀ ୭ ଓ ଅଙ୍କିତା କୁମାରୀ ୨୭ତମ ମିନିଟରେ ୨ଟି ଏବଂ ହରିୟାଣାର ଭବ୍ୟା ୨୫ ଓ ୫୮ ମିନିଟରେ ଏକାକୀ ୨ଟି ଓ ମୀନାକ୍ଷୀ ୩୬ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# କୋଲକାତାର ଷଷ୍ଠ ବିଜୟ

ଚେନ୍ନାଇ,୧୪।୫



ମ୍ୟାଚ ଉପଭୋଗ ଅବସରରେ ମହେନ୍ଦ୍ର ସିଂ ଧୋନୀଙ୍କ ସ୍ତ୍ରୀ ସାକ୍ଷୀ।

ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ଆଇପିଏଲ୍‌ର ୬୧ ତମ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସକୁ ୬ ଉଇକେଟରେ ପରାସ୍ତ କରି ଷଷ୍ଠ ବିଜୟ ହାସଲ କରିଛି କୋଲକାତା ନାଇଟ ରାଇଡର୍ସ। ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ କରିଥିଲା। ଜବାବରେ ରିଙ୍କୁ ସିଂ ଓ ନୀତୀଶ ରାଣାଙ୍କ ଅର୍ଦ୍ଧଶତକ ବଳରେ ୧୮.୩ ଓଭରରେ ୪ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା କୋଲକାତା। ବ୍ୟାଟିଂ ପାଇଁ କଷ୍ଟସାଧ୍ୟ ପିଚ୍‌ରେ ଓପନିଙ୍ଗ ଯୋଡିରେ ଋତୁରାଜ ଗାଏକ୍ୱାଡ(୧୭) ଡେଭନ୍ କନ୍‌ୱେ (୩୦) ଯୋଡିଥିଲେ ୩୧ ରନ୍। ତେବେ ୭୨ ରନ୍‌ରେ ୫ମ ଉଇକେଟର ପତନ ପରେ ଟପ୍ ସ୍କୋରର ଶିବମ ଦୁବେ ଓ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରେ ୬୮ ରନ୍‌ର ଭାଗୀଦାରି ହୋଇଥିଲା। ଶେଷ ଯାଏ ଅପରାଜିତ ରହିଥିବା ଦୁବେ ୩୪ ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୪୮ ରନ୍ କରିଥିଲେ। ଜାଡେଜା ୨୦ ରନ୍‌ର ଇନିଂସ ଖେଳିଥିଲେ। ସୁନୀଲ ନାରିନ୍ ଓ ବରୁନ୍ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୪୫ ରନ୍ ଲକ୍ଷ୍ୟର ପିଛା କରୁଥିବା କୋଲକାତା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୀପକ ଚହରଙ୍କ ଘାତକ ବୋଲିଂ ବଳରେ ଦଳ ୩୩ ରନରେ ୩ ଉଇକେଟ ହରାଇଥିଲା। ତେବେ ନୀତିଶ ରାଣାଙ୍କ ୫୭* ଓ ରିଙ୍କୁ ସିଂଙ୍କ ୫୪ ରନ୍ ବଳରେ ୯ ବଲ ବାକି ଥାଇ ମ୍ୟାଚ ଜିତି ନେଇଥିଲା କୋଲକାତା। ଉଭୟ ଖେଳାଳି ୪ର୍ଥ ଉଇକେଟରେ ୯୯ ରନ୍ ଯୋଡିଥିଲେ। ଚେନ୍ନାଇ ପକ୍ଷରୁ ଦୀପକ ଚହର ୩ ଉଇକେଟ ନେଇଥିଲେ। ଏହି ବିଜୟ ସହ ୧୩ ମ୍ୟାଚରୁ ୧୨ ପଏଣ୍ଟ ପାଇ ୭ ନମ୍ବର ସ୍ଥାନରେ ପହଞ୍ଚିଛି କୋଲକାତା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୪୪/୬(ଶିବମ ଦୁବେ-୪୮, ଡେଭନ୍ କନୱେ-୩୦, ରବୀନ୍ଦ୍ର ଜାଡେଜା-୨୦, ସୁନୀଲ ନାରିନ୍-୨/୧୫, ବରୁନ୍ ଚକ୍ରବର୍ତ୍ତୀ-୨/୩୬, ଶାର୍ଦ୍ଦୂଳ ଠାକୁର-୧/୧୫)। କୋଲକାତା ନାଇଟ ରାଇଡର୍ସ ୧୮.୩ ଓଭରରେ ୧୪୭/୪ ( ନୀତୀଶ ରାଣା-୫୭*, ରିଙ୍କୁ ସିଂ-୫୪, ଜାସନ୍ ରୟ-୧୨, ଦୀପକ ଚହର-୩/୨୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୮ | ୪ | ୧୬ | +୦.୭୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | -୦.୧୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୫ | ୧୩ | +୦.୩୦୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୪ | ୭ | ୮ | -୦.୪୭୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

**ଗୁଜରାଟ ବନାମ ହାଇଦ୍ରାବାଦ**

ସ୍ଥାନ: ଅହମଦାବାଦ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ